ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

କେନିଲ୍‌ୱର୍ଥ

କିଶୋର ସାହିତ୍ୟ ମନ୍ଦିର

ଗ୍ରନ୍ଥ ମନ୍ଦିର

ପ୍ରାପ୍ତିସ୍ଥାନ : ଗ୍ରନ୍ଥମନ୍ଦିର, କଟକ-୨

ମହାମାନବଙ୍କ ବଚନ ସ୍ମରଣ

ଜୀବନକୁ କରେ ଧନ୍ୟ,

ଏଇ ଧରାଧାମ ଛାଡ଼ି ଯାଇଛନ୍ତି

ରହିଅଛି ପଦଚିହ୍ନ ।

ପଢ଼ିଲି ନାନା ଦେଶ ଭାଷା କାହିଁତ ନପୂରିଲା ଆଶା ।
ହେଉ ପଛକେ ସେ ନିକୃଷ୍ଟ, ମୋ ମାତୃଭାଷା ମୋତେ ଶ୍ରେଷ୍ଠ ।
ଦେଖିଲି ବୁଲି ବହୁ ଦୂର, କାଞ୍ଚି କାମାକ୍ଷା କାନପୁର
ପାଇଲି ନାହିଁ ଘୂରି ଘୂରି, ମୋ ମାତୃଭାଷାର ମାଧୁରୀ ।

[ଫକିରମୋହନ]

ପୁସ୍ତକ ହେଉଚି ଜ୍ଞାନ-ଗନ୍ତାଘରର ଚାବିକାଠି । ପୁସ୍ତକ ଆମର ସର୍ବଶ୍ରେଷ୍ଠ ବନ୍ଧୁ । ଆସ ପଢ଼ିବା ।

ପ୍ରତ୍ୟେକ ଶ୍ରେଷ୍ଠ ପୁସ୍ତକ ଏକ କର୍ମ ଏବଂ
ପ୍ରତ୍ୟେକ ଶ୍ରେଷ୍ଠ କର୍ମ ଏକ ପୁସ୍ତକ ।

ଆଗ୍ରହର ସହିତ ବହିଟିଏ ପଢ଼, ଏହା ସୁଧସହିତ ମୂଲ୍ୟ ଫେରାଇଦେବ ।

ମଣିଷମାନଙ୍କ ପରି ବହିଗୁଡ଼ିକ । କମ୍ ସଂଖ୍ୟକ ମଣିଷ ମହତ୍‌ଭୂମିକା ଗ୍ରହଣ କଲାପରି, ଖୁବ୍ କମ୍ ସଂଖ୍ୟକ ବହି ମଧ୍ୟ ମହତ୍ ଭୂମିକା ଗ୍ରହଣ କରିଥାନ୍ତି । ଏବଂ ଅବଶିଷ୍ଟ ମଣିଷ ଓ ବହି ଅସଂଖ୍ୟତା ଭିତରେ ହଜିଯାନ୍ତି । [ଭୋଲ୍‌ତେୟାର]

ମହାମାନବଙ୍କ ଜୀବନୀ ସିରିଜ୍‌ର ବହିଗୁଡ଼ିକ ପଢ଼ନ୍ତୁ ଓ ପଢ଼ିସାରି ସାଇତି ରଖନ୍ତୁ ।

বিশ্বসাহিত্য গ্রন্থমালা

କେନିଲ୍‌ୱର୍ଥ

[ସାର୍ ୱାଲଟର୍ ସ୍କଟ୍‌ଙ୍କ KENILWORTH
ବହିର ସଂକ୍ଷିପ୍ତ ଓଡ଼ିଆ ଅନୁବାଦ]

ଅନୁବାଦ :

ଶ୍ରୀ ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂହ

Digitalization by :-
Deb's Library Corner...
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact-9556804309
e-mail-debaraj.123456789@gmail.com
Telegram link :- https://t.me/debslibrarycorner

ଗ୍ରନ୍ଥମନ୍ଦିର

ପ୍ରକାଶକ :
ମନୋଜ କୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ - ୨
ଯୋଗାଯୋଗ : ୯୪୩୭୦୨୫୧୪୮

ଡି.ଟି.ପି. ଓ ମୁଦ୍ରଣ :
ତପନ କୁମାର ମହାପାତ୍ର
ଅପ୍ରତିମା ଅଫ୍‌ସେଟ୍ ପ୍ରିଣ୍ଟସ୍,
ସୂତାହାଟ, କଟକ - ୧

ପ୍ରଥମ ମୁଦ୍ରଣ : ୧୯୭୪
ପରିମାର୍ଜିତ ପୁନର୍ମୁଦ୍ରଣ : ୨୦୧୨, ୨୦୨୦

9788193681909

କଳାଭାଲୁ ପାନ୍ଥଶାଳା

୧୫୭୫ । ଅକ୍‌ସଫୋର୍ଡ୍ ପାଖରେ ଗାଁଟିଏ– କ୍ୟୁନର୍ । 'କଳାଭାଲୁ ପାନ୍ଥଶାଳା' ସେ ଗାଁର । ଗାଇଲ୍‌ସ ଗସଲିଂ ତା'ର ମାଲିକ । ପଚାଶ ସେପାରି ଲୋକ । ମୋଟାସୋଟା । ତୀଖା ବୁଦ୍ଧି । ବେଶ୍ ପୁରୁଣା ଏ ପାନ୍ଥଶାଳାଟି । ଧନ୍ୟ କହିବା ଏହାର ମାଲିକକୁ । ବେଶ୍ କୌଶଳୀ । ଯିଏ ଆସେ ସିଏ ଖୁସି । ଏଥିଲାଗି ଚାରିଆଡ଼େ ଡାକହାକ ପଡ଼ିଯାଇଥାଏ ।

ଦିନେ ସଞ୍ଜବେଳେ ଜଣେ ପଥିକ ସେ ପାନ୍ଥଶାଳାରେ ପହଞ୍ଚିଲା । ଜଣେ ଚାକରକୁ ତା'ର କ୍ଲାନ୍ତ ଘୋଡ଼ାକୁ ଦେଇ ନବାଗତ ପାନ୍ଥଶାଳାର ଗୋଟିଏ ଲମ୍ବା ଘରେ ପହଞ୍ଚିଲା । ଲୋକଟିର ଆସିବା ଖବର ସେଠାରେ କୌଣସି ରେଖାପାତ କଲାନି । ସେ ଦେଖିବାକୁ ଆଦୌ ସୁନ୍ଦର ନୁହେଁ । ବ୍ୟବହାର କିମିତି ମାଡ଼ିପଡ଼ିଲା ପରି । ଲମ୍ବ ଘୋଡ଼ାଚଢ଼ା ପୋଷାକ; ଅଣ୍ଟାରେ ଝୁଲୁଥାଏ ଗୋଟାଏ ଲମ୍ବା ତଲୁଆର ଏବଂ ଦୁଇଟି ପିସ୍ତଲ ।

ନୂଆ ଅତିଥିର ସମ୍ବର୍ଦ୍ଧନା ପାଇଁ ଗାଇଲ୍‌ସ ଆଗେଇ ଆସିଲା । ''କ'ଣ ମାଇକ୍, ତୁମେ କ'ଣ ସତରେ ଫେରିଚ ? ଯୁଦ୍ଧରେ ଗୁଳିଚୋଟରେ ମରିଚ ବୋଲି ଶୁଣିଥିଲି । ସେଥିରେ ମୋତେ ଦୁଃଖ ଆସିନଥିଲା । ତମେ ତ ଗୋଟିଏ ଭୀରୁ, ପୁଣି ଚୋର !''

''ହେଲା ମାମୁ ! ଏବେ ଭଣଜା ଆସିଛି– କିପରି ଚର୍ଚ୍ଚା କରିବ ଦେଖିବିନି ? ଅଠର ବର୍ଷ ହେଲା ବୁଲି ବୁଲି ଦୁନିଆର ବହୁତ ଜାଗା ଦେଖିଲି । ଆଶ୍ଚର୍ଯ୍ୟ ! ସୂର୍ଯ୍ୟ ଉଏଁ ଯେଉଁଠି...ବୁଡ଼େ ସେଇଠି । ପଶ୍ଚିମ ଦିଗଟା ହୋଇଯାଇଛି ପୂର୍ବ ଦିଗ !''

ମାମୁ କହିଲା, ''ଓ ! ବାରବୁଲା ମିଛୁଆ ଜିଭଟା ତୁମର ତାହା ଖାଲି ମିଛ କହି ଜାଣେ ! ତୁମେ ଯା' କହୁଚ ସେଥିରେ ଶହେରେ ବିଶା ଶହେ ମିଛ !''

ନବାଗତର ନାମ ମାଇକେଲ୍ ଲାଂବୋର୍ଣ; ଗାଇଲ୍‌ସର ନିଜ ଭଉଣୀର ପୁଅ । ସେ ଚାରିପାଖର ଲୋକଙ୍କୁ ଅନାଇଁଲା । ସବୁରି ଆଖିରେ ସନ୍ଦେହ । କହିଲା, ''ମାମୁ ହେ, ମୋ ପାଖେ ଏପରି ଜିନିଷ ଅଛି ଲୋକ ଯେଉଁଥିପାଇଁ ମୋତେ ଆଦର କରିବାକୁ ବାଧ୍ୟ ହେବେ ।'' ସେ ଝଣ୍‌କରି ପକାଇଦେଲା ଥଳିଟାଏ ଓ ଖୋଲିଦେଲା ଥଳିର ମୁହଁ । ଚକଚକେଇଗଲା । ସୁନାମୋହର !! ସମସ୍ତଙ୍କ ଆଖି ଖୋଷିହୋଇଗଲା । ମୁଣ୍ଡହଲା, ଫୁସ୍‌ଫାସ୍ ସୀମା ନାଇଁ । କେହି କେହି କହିଲେ, ଗାଇଲ୍‌ସର ଭଲ ଗତି ଅଛି ତ ସେ ଏ ବାବନାଭୂତ ଭଣଜାଠୁ ଦୂରେଇ ରହୁ ।

''ଜାଣେ, ମୋ' ଭଉଣୀର ପୁଅ ଜଣେ ଖୋଲା ଦିଲ୍‌ର ଲୋକ । ମାମୁଙ୍କୁ ଖୁସି କରିବାକୁ ସେ ପଇସାପତ୍ରକୁ ଆଦୌ ଲୋଭ କରିବନି । ଅଠର ବର୍ଷ ପରେ, ଭାବୁଚି, ତମର ବହୁତ ପରିବର୍ତ୍ତନ ଆସିଯାଇଥିବ । ଏ ଅର୍ଥ ଝାଳବୁହା କମେଇ ତ ?''

‘‘ବନ୍ଧୁଗଣ, ମୁଁ ଭଗବାନଙ୍କୁ ବିଶ୍ୱାସ କରେନି’’– ଲାଂବୋର୍ଣ କହୁଥିଲା, ‘‘ମୁଁ ଯାଇଥିଲି ନୂଆ ଦୁନିଆକୁ– ଆମେରିକାକୁ । ସେଠି ଯେ ଯେତେ ସୁନା ଖୋଜେ, ସେତେ ପାଏ । ସେ ଦେଶ ଛୁଆଏ ଖଣ୍ଡ ଖଣ୍ଡ ହୀରାରେ ଖେଳନ୍ତି । ସେଠି ଝିଅମାନେ ରୁବୀରେ ମାଳା ପିନ୍ଧନ୍ତି । ଛାତ ସେଠି ତିଆରି ହୁଏ ସୁନାରେ । ରାସ୍ତା ତିଆରି ହୁଏ ରୁପାରେ ।

‘‘ଆଃ ! ଏ ଫମ୍ପା ଫୁଟାଣି ଦେଖାଅନି ହୋ’’– ମାମୁ କହିଲା । ସେ ଭଣଜାକୁ ଗୋଟାଏ ପାଖକୁ ଡାକିନେଲା । ଦେଖାଇଦେଲା ଜଣେ ଲୋକକୁ । ‘‘ସେ ବାଟୋଇ ନା ଦି’ଦିନରେ ଦି’ପଦ କଥା ବି କହିନି । ଏ ହସଖୁସିରୁ ସେ ବାହାର । ଚାଲନା, ତାଙ୍କ ସଙ୍ଗେ ମଜା କରିବା ।’’

ସଜବାଜ ହେଲେ ମାମୁ ଭଣଜା । ଗଲେ ଏକ କଣରେ ବସିଥିବା ବାଟୋଇଟି ପାଖକୁ । ବାଟୋଇର ବୟସ ପଚିଶରୁ ତିରିଶ ଭିତରେ । ରୁଚିଶୀଳ ପୋଷାକପତ୍ର । ସାଦା ଲୁଗାପଟା । ମନେହେଉଥିଲା ସେ ଜଣେ ଅଭିଜାତ ଘରର ପିଲା ପରି । ମୁହଁ ଚିନ୍ତାଶୀଳ, ଗମ୍ଭୀର । ଆଖି ଓ ମୁଣ୍ଡବାଳ କଳା । କଷ୍ଟରେ ସେମାନେ ଅତିଥିଟିର ପାଖରେ ବସିଲେ ଓ ମନକଥା କିଛି ଜାଣିପାରିଲେ । ନାଁ ତା’ର ଟ୍ରେସିଲିଆନ୍ । ସେ କର୍ଣ୍ଣଓ୍ୱାଲ ଅଞ୍ଚଳର ଲୋକ । ଗାଇଲ୍‌ସ ତାଙ୍କୁ ଟାଣି ଟାଣି ନେଲା । ପରିଚିତ କରାଇଦେଲା ଅନ୍ୟମାନଙ୍କ ସହ । ତା’ପରେ କଥାଭାଷାର ସୁଅ ଛୁଟିଲା । କଥା ଛଳରେ ଟ୍ରେସିଲିଆନ୍ ଟନୀଫଷ୍ଟର କେମିତି ଅଛି ପଚାରିଲେ । ଗାଇଲ୍‌ସ କହିଲା, ‘‘ଆଂଥୋନୀ ଫଷ୍ଟର୍ ! ବେଶ୍ ଭଲ ଅଛି । ଏବେ ସେ ବେଶ୍ ଦୁଇ ପଇସା କମାଇଚି । ରହୁଚି କ୍ୟୁନର କୋଠିରେ, ସେଇ ଗିର୍ଜା ପାଖ ପୁରୁଣା କୋଠାଟାରେ । କାମଦାମ କିଛି ନାଇଁ । ଜମିଦାରୀ ଆଡ଼ାଚୌଡ଼ା ।’’

ଜଣେ ଲୋକ କହିଲା, ‘‘ଜଣେ ସୁନ୍ଦରୀ ନାରୀକି ସେ ଲୁଚାଇ ରଖିଚି ।’’

ଗାଇଲ୍‌ସ କହିଲା, ‘‘ଲୋକେ କହନ୍ତି ସେ ସ୍ତ୍ରୀଟି ପରୀ ପରି ସୁନ୍ଦରୀ । କେହି ଜାଣେନି ତା’ର ନାଁ ଗାଁ । କାହିଁକି ତାକୁ ଲୁଚାଇ ରଖାହୋଇଛି ସେ ବି ଗୋଟାଏ ପ୍ରଶ୍ନ । ମୁଁ ତାକୁ ଦେଖିନି । ଗୋଲ୍ଡ଼୍‌ଥ୍ରେଡ଼ ! ତମେ ଦେଖିଚ ନା ?’’

ଲୁଗାବେପାରୀ ଗୋଲ୍‌ଡ଼ଥ୍ରେଡ୍ । ସେ କହିଲା, ‘‘ହଁ, ହଁ ! ମୁଁ ଦେଖିଚି । ଆସୁଥିଲି ସେଇ ବାଟରେ । ଫାଟକ ଖୋଲା ଥିଲା । ଭାବିଲି ସେଇ ବାଟେ ଯାଏ । ସେଇ ସୁନ୍ଦରୀଟିକି ଦେଖିବାକୁ ମନ ଛକପକ ହେଉଥାଏ । ଆହା, ବିଚାରୀ ! ସକାଳୁ ସଞ୍ଜଯାଏ ଏ ଯମପୁରୀ ପରି ଘରଟାରେ ଏକା ଏକା । ଟନୀଫଷ୍ଟର୍– ତା’ର ଷଣ୍ଢମାର୍କା ମୁଣ୍ଡ । କଳାଭୂର ଆକୁଞ୍ଚନ । ଆଉ ମୋଟା ପେଣ୍ଡା ଦି’ଟା । ଏସବୁ ଛଡ଼ା ସେ ତ ଆଉ କିଛି ଦେଖୁନଥିବ ।’’

‘‘କେମିତି ଦେଖିବାକୁ ସେ ସ୍ତ୍ରୀଟି ?’’ ଟ୍ରେସିଲିଆନ୍ ପଚାରିଲେ ।

ଉତ୍ସାହରେ ଫାଟିପଡ଼ିଲା ଗୋଲ୍‌ଡ଼୍‌ଥ୍ରେଡ୍ । ‘‘ଆଜ୍ଞା, ବୋଧହୁଏ ରାଣୀଟିଏ ହେବ ପରା ! ସାଟିନ୍‌ର ଗାଉନ୍ । ଗଜ ତିରିଶ ଶିଲିଂରୁ କମ୍ ହେବନି । ଭେନିସ୍ ସୁନାର ଚେନ୍ ତା’ ଟୋପିରେ !’’

‘‘ମୁଁ ପୋଷାକ କଥା ପଚାରିନି ଯେ...’’ ଟ୍ରେସିଲିଆନ୍ ଅଧୀର । ‘‘ମୋତେ କୁହ ତା’ ଚେହେରା, ରୂପର କଥା । ତା’ ବାଳର ରଙ୍ଗ, ଦେହର ବର୍ଣ୍ଣ ।’’

‘‘ଚେହେରା କଥା ମୁଁ ଠିକ୍‌ଭାବେ କହିପାରିବିନି ତ । ହେଲେ ତା’ ହାତରେ ଥିଲା ଯେଉଁ ସୁନ୍ଦର ପଙ୍ଖା ରୁପାର ବେଣ୍ଟ ତା’ର । ତା’ କେଶର ରଙ୍ଗ ଯା’ ହେଉନା, ସେଥିରେ ଥିଲା ଶାଗୁଆ ସିଲ୍‌କ ଜାଲି । ସୁନାର ଚେନ୍ ଲାଗିଥିଲା ।’’

‘‘ଠିକ୍ ଲୁଗାବେପାରୀ ପରି କହୁଚି...’’ ଲାଂବୋର୍ଣ କହିଲା ।

‘‘ମୁଁ ପରା କହିଲି ଅଳ୍ପ ସମୟ ପାଇଁ ତାକୁ ଦେଖିଚି । ଝରକା ପାଖେ ଠିକ୍ ପଚାରିବାକୁ ଯାଉଚି, ଆସିଲା ଫଷ୍ଟର୍ । ହାତରେ ନିର୍ଘାତିଆ ଠେଙ୍ଗା ।’’

‘‘ଆଉ ତୋ’ ବୋକା ମୁଣ୍ଡଟା ଫଟାଇଦେଲା ବୋଧହୁଏ ।’’ ଗାଇଲ୍‌ସ କହିଲା ।

‘‘ନା-ନା’’ ଗୋଲଡ଼୍‌ଥ୍ରେଡ୍ ରାଗିଗଲାଣି । ‘‘ଏମିତି ଫଟାଇଦେବ ?’’

‘‘ଅଳ୍ପ ଜୀବନିଆଟାଏରେ... । ଆରେ ଏମିତି ସୁଯୋଗ କିଏ ଛାଡ଼େ ?’’ ମାଇକେଲ୍ ରୋକ୍‌ଠୋକ୍‌ଭାବେ କହିଲା ।

‘‘ମାଇକ୍, ତୁ ଥରେ ଦେଖେନା...’’ ଲୁଗାବେପାରୀ କହିଲା ।

‘‘ହଁ, ଦେଖିବିନି କାହିଁକି; ହେଲେ ଗୋଟିଏ ବାଜି ପଡୁ । ତୁ ପଚାଶ ଶିଲିଂର କପଡ଼ା ଦେବୁ । ଦେଖିବୁ । ଫଷ୍ଟର୍ ମୋତେ ସେ ସ୍ତ୍ରୀଲୋକକୁ ଖାଲି ଦେଖାଇବନି ଯେ ତା’ ସହ ପରିଚୟ କରାଇଦେବ ।’’ ମାଇକେଲ୍ କହିଲା ।

‘‘ହେଲା, ଏ ବାଜି ଗ୍ରହଣ କଲି । ଆମ ହୋଟେଲର ମାଲିକେ ସାକ୍ଷୀ ରହିଲେ । ତାଙ୍କୁ ମୁଁ ସୁନା ଦେଇଯିବି । ରେଶମ କନା ଦେଲେ ସୁନା ଫେରାଇବେ ।’’

ମାଇକେଲ୍‌କୁ ଟ୍ରେସିଲିଆନ୍ କହିଲେ, ‘‘ଏ ବାଜିର ଅଧା ମୁଁ ଦେବି । ଖାଲି ମୋତେ ତୁମ ସଙ୍ଗେ ନେଇଯିବ କି ?’’

‘‘ଆପଣ ମୋ ସଙ୍ଗେ...’’

‘‘ମୁଁ ଦେଖିବାକୁ ଚାହେଁ, ତମେ କିପରି କୌଶଳ ଦେଖାଇବ... ।’’

‘‘ହଉ, ଆସନ୍ତୁ । ମୁଁ କାଲି ଯାଉଚି ।’’ ମାଇକେଲ୍‌ର ବେପରୁଆଭାବ ।’’ ଗହଳ ଭାଙ୍ଗିଲା ।

ଟନୀଫଷ୍ଟର୍ ବିଷୟରେ ଆଉ କେତେକ କଥା ପଚାରିବା ପାଇଁ ଟ୍ରେସିଲିଆନ୍ କୌତୂହଳୀ ହୋଇଉଠିଲେ ।

କ୍ୟୁନର୍ କୋଠିର ସେଇ ତରୁଣୀ

ପରଦିନ ସକାଳୁ ସକାଳୁ ଲାଂବୋର୍ଣ ଟନୀଫଷ୍ଟର୍ ଘରକୁ ଗଲା । ସଙ୍ଗରେ ଟ୍ରେସିଲିଆନ୍ । କ୍ୟୁନର୍ ଗାଁଟା ପାହାଡ଼ ଉପରେ । ଟନୀର ବଡ଼ କୋଠା । କୋଠାଟା ଗହଳିଆ ପାର୍କର ମଝିରେ । ପୁରୁଣା ଓ ନୂଆ ଅନେକ ଓକ୍ ଗଛ । ବଡ଼ ବଡ଼ ଡାଳ ଲମ୍ବିଯାଇଛି । ଗହଳିଆ । ଅନ୍ଧାରୁଆ । କୋଠିର ଉଚ୍ଚ ପାଚେରିକି ଗଛଗୁଡ଼ା ଘୋଡ଼େଇ ପକାଇଥିଲେ । ବାହାର ପାଚେରିରେ ଦ୍ୱାର । ପୁରୁଣାକାଳିଆ ଫାଟକ ।

ସେ ଦିହେଁ ପହଞ୍ଚିଲେ । କବାଟ ଖୋଲାଥିଲା । ଚଟାପଟ ପଶିଲେ ଭିତରେ । ଦୁଇପାଖୁ ଗଛଲତା ଭିଡ଼ ଜମେଇ ରାସ୍ତାକୁ ମାଡ଼ିପଡ଼ିଲେଣି ବୁଦାଲଟା । ଜୋର୍‌ରେ ଠକ୍ ଠକ୍ କଲା ଲାଂବୋର୍ଣ ସାମ୍ନା କବାଟର କଡ଼ା । ବହୁତ ବେଳ ପରେ ବୁଢ଼ା ନାକରଟାଏ ଆସିଲା । ସେପାଖୁ କଣା ବାଟେ ଚାହିଁଲା । ''ଫଷ୍ଟର୍‌ଙ୍କ ପାଇଁ ଜରୁରୀ ଖବର ଅଛି ।'' ଲାଂବୋର୍ଣ ସାଦା ମିଛଗୁଡ଼ାକ କହିଲା ।

ଅଳ୍ପ ସମୟରେ ଫେରିଲା ଚାକର । ସେ ଦୁହିଁଙ୍କୁ ଡାକିନେଲା ଭିତରକୁ । ସେମାନେ ପହଞ୍ଚିଲେ ଗୋଟାଏ ବୈଠକଘରେ । ବଡ଼ ପୁରୁଣା । ଆସବାବପତ୍ର ନାଇଁ କହିଲେ ଚଳେ...ଯା' ଗୋଟେ ଦି'ଟା ଭଙ୍ଗା ପୁରୁଣା ।

ଫଷ୍ଟର୍ ଆସିଲା । ତୀକ୍ଷ୍ଣ ତା'ର ଦୃଷ୍ଟି । ''କୁହ ଯୁବକ, ଆସିଲ କାହିଁକି ?'' ଦୃଷ୍ଟି ତା'ର ଟେସିଲିଆନ୍ ଉପରେ ।

''ହୋ ଫଷ୍ଟର୍...'' ଲାଂବୋର୍ଣ ଆପେ ଆପେ ଆଗେଇଲା ଓ ଫଷ୍ଟର୍‌ର ଅନିଚ୍ଛୁକ ହାତକୁ ଧରି ହଲାଇଲା । ''ଚିହ୍ନିପାରୁନ ? ମୁଁ ପରା ଲାଂବୋର୍ଣ– ତୁମ ଖେଳସାଥୀ ।''

ଚମକିପଡ଼ିଲା ଫଷ୍ଟର୍ ! ''ଆଉ ଏ ଭଦ୍ରଲୋକ... ?''

''ଏ, ଶ୍ରୀମାନ୍ ଟ୍ରେସିଲିଆନ୍ । କର୍ଣ୍ଣୱାଲ୍ ଅଞ୍ଚଳର ଭଦ୍ରଲୋକ । ପରିଚୟ ହେଲା ତ ! ଏ ବନ୍ଧୁ ଆଂଥୋନୀ ଫଷ୍ଟର୍...''

ଫଷ୍ଟର୍ ସୁପ୍ରଭାତ ଜଣାଇଲା । ତା'ପରେ ଲାଂବୋର୍ଣକୁ ପାଖ କୋଠରିକି ନେଉ ନେଉ ଟ୍ରେସିଲିଆନ୍‌ଙ୍କୁ କହିଲା– ''ମହାଶୟ, ଏଇଠି ଅପେକ୍ଷା କରନ୍ତୁ ଟିକେ । କୁଆଡ଼େ ଯିବେନି । ଅପରିଚିତ ଲୋକଟାଏ ଦେଖିଲେ ଏଠି ସମସ୍ତେ ଚମକିବେ ।''

ଟ୍ରେସିଲିଆନ୍ ଅପେକ୍ଷା କଲେ । ପାଖ କୋଠରିରେ ଫଷ୍ଟର୍ ଲାଂବୋର୍ଣକୁ ପଚାରିଲା– ''କ'ଣ ମତଲବ୍ ନେଇ ଆସିଲ ଲାଂବୋର୍ଣ ?''

ଲାଂବୋର୍ଣ– ''ତୁମେ ବଡ଼ କପାଳିଆ ଫଷ୍ଟର୍ ! ମୋତେ କହିଲେ ତୁମ ମାଲିକର ସେବାରେ ଲାଗନ୍ତି । ଆଉ ମୋ ଭାଗ୍ୟ...''

''ନିଶ୍ଚୟ, ନିଶ୍ଚୟ । ତୁମର ଶତ୍ରୁ ହେବାଠୁ ବନ୍ଧୁ ହେବାକୁ ମୁଁ ନିଶ୍ଚୟ ଚାହେଁ ।

ହେଲେ ତୁମେ ତ ଅଖାଡୁଆ ଲୋକଟାଏ । ତୁମେ ଇଂଲଣ୍ଡ ଛାଡ଼ିବା ପରେ ଏଠି ବହୁତ ବଦଳିଗଲଣି । ତୁମର ସେଇ କଳିହା ପ୍ରକୃତି; ଲଢ଼ିବି ମାରିବି ପ୍ରକୃତି ଛାଡ଼ ।''

''ହଁ ଯେ, ମୁଁ ତ କୂଟ-କପଟିଆ ହୋଇପାରିବିନି । ତୁମ ମାଲିକ...'' ପାଖ ଘରୁ ପାଟି ଶୁଭିଲା । ଟ୍ରେସିଲିଆନ୍ ବୈଠକ ଘରେ ଏକା । ହଠାତ୍ ପାଖ ଘରେ ଅଠରବର୍ଷର ଯୁବତୀଟିଏ ଦେଖାଦେଲା । ଉଭୟେ ସିଧାସଳଖ ଉଭୟଙ୍କୁ ଚାହିଁରହିଲେ । ନିର୍ବାକ୍ । ଯୁବତୀଟିର ମୁହଁ କଳାକାଠ । ଏ ଯେ ଏଡ୍‌ମଣ୍ଡ ଟ୍ରେସିଲିଆନ୍ ! ସେ ତା'ର କଅଁଳିଆ ହାତଟିରେ ଘୋଡ଼ାଇଦେଲା ଶୁଖି ଝାଉଁଳିଯାଉଥିବା ମୁହଁଟିକି ।

''ଡର ନାଇଁ...ଆମୀ'' ଟ୍ରେସିଲିଆନ୍‌ଙ୍କ ଗଳା ଖୁବ୍ ଧୀର । ତରୁଣୀଟି ହାତ ଉଠାଇନେଲା । ମୁହଁରେ ତା'ର ଗୋଲାପ ଫୁଟିଲା । ''ମଲା, ତୁମକୁ ଡରିବି କାହିଁକି ? ହେଲେ, ଅକୁହା ଅପୁଚ୍ଛା ମୋ ଘରେ... ?''

''ତୁମ ଘର... ! ଆମୀ... ! ହାୟ, ଏ ତ ଗୋଟାଏ ବନ୍ଦିଶାଳା ! ଗୋଟାଏ ହୃଦୟହୀନ ଲୋକ ଏହାର ଜଗୁଆଳି !''

ଫୁଲେଇ ହୋଇ ଆମୀ କହିଲା, ''ହଁ, ହଁ, ଏଇଟା ମୋର ଘର ! ମୁଁ ଯଦି ଏକାକୀ ରହିବାକୁ ଚାହିଁବି କିଏ ରୋକିବ ?''

''ତୁମର ସେଇ ଦୁଃଖଜୀର୍ଣ୍ଣ ବାପା, ଆମୀ ! ତୁମକୁ ଖୋଜିବାକୁ ଯିଏ ପଠେଇଛନ୍ତି । ଏଇ ତାଙ୍କ ଚିଠି ନିଅ, ପଢ଼ । ବୁଝ ତାଙ୍କର ଦୁଃଖ କେତେ ?''

''ଦୁଃଖ କ'ଣ ବେମାର ?''

''ସେ ଏତେ ପୀଡ଼ିତ ଯେ, ତମେ ଯେତେଶୀଘ୍ର ଯାହା କଲେ ବି କିଛି ଫଳ ହେବନି । ସଙ୍ଗେ ସଙ୍ଗେ ଫେରିଯିବାକୁ ପ୍ରସ୍ତୁତ ହୋଇଯିବା ଉଚିତ ।''

''ମୁଁ ପାରିବିନି ଟ୍ରେସିଲିଆନ୍ ! ଏ ଜାଗା ଛାଡ଼ି ମୁଁ କସ୍ମିନ୍ କାଳେ ଏଲାଗେ ଯାଇପାରିବିନି । ବାପାଙ୍କ ପାଖକୁ ଫେରିଯାଅ । କୁହ, ମୁଁ ଭଲରେ ଅଛି । ଆମୀର ଏଲାଗେ ଅନେକ ଶକ୍ତି । ତାଙ୍କୁ ଯେଉଁ ଦୁଃଖ ଏ ଝିଅଟା ଦେଇଚି, ସେସବୁ ଅଳ୍ପକେ ସୁଧାରି ନେଇପାରେ । ଆଉ ତୁମକୁ ମୁଁ ବହୁତ ଆଘାତ ଦେଇଚି । ହେଲେ, ସେ ସବୁ ବି ଶୁଝିଦେବି ।''

''ଏତେ କଥା କିପରି କହୁଚ ଆମୀ ? ମୋ ବୁକୁର ଯେଉଁ ଶାନ୍ତି ତମେ ଚୋରେଇ ନେଇଚ, ସେ କ'ଣ ଫେରିବ ! ମୁଁ ତୁମକୁ ମୁକ୍ତ କରି ନେବାକୁ ଆସିଚି । ତମେ ଯେ ବନ୍ଦିନୀ ! ନୋହିଲେ ତମେ ଯେପରି ଝିଅ, ରୋଗୀଣା ବାପାର କଥା ଶୁଣୁଶୁଣୁ ବାହାରିଯାଆନ୍ତ । ଯା' ହେଉ ମୋ ସଙ୍ଗେ ଆସ ।''

''କହୁଚି, ମୁଁ ଯିବି । ବାପାଙ୍କୁ କହିବ, ମୁଁ ନିଶ୍ଚୟ ଯାଉଚି । ଖାଲି ଅନୁମତି... ।''

''ଅନୁମତି... ? ଯୋଉ ବାପା ମୃତ୍ୟୁଶେଯରେ ତମକୁ ଚାହିଁରହିଛନ୍ତି ତାଙ୍କୁ ଦେଖିବାକୁ

ଅନୁମତି ? କାହାର ଅନୁମତି ? ଯୋଉ ସଇତାନ ତମକୁ...'' କହୁ କହୁ ସେ ଠିଆହୋଇପଡ଼ିଲେ । ହାତଟା ବଢ଼ାଇଦେଲେ । ଆମୀ ପାଟିକରି ଉଠିଲା । ଫଷ୍ଟର୍ ଆଉ ଲାଂବୋର୍ଣ ଝପଟି ଆସିଲେ ।

''କ'ଣ ହୋଇଚି ?'' ଫଷ୍ଟର୍ ପାଟିକଲେ । ''ଆଜ୍ଞା ମହାଶୟା, ଏଠି କିପରି ? ଯାଆନ୍ତୁ କୋଠରିକି । ଆଉ, ଆପଣ ଯେ କେହି ହୁଅନ୍ତୁ ନା ମହାଶୟ ! ଶୀଘ୍ର ଜାଗାରୁ ଯାଆନ୍ତୁ, ନହେଲେ ମୋ ଛୁରି ଆପଣଙ୍କ ରକ୍ତ ପିଇବ । ମାଇକ, ଏହାଙ୍କୁ ଖତମ୍ କର ।''

''ମୁଁ... ? ନା...'' ଲାଂବୋର୍ଣ ଉତ୍ତରଦେଲା । ''ସେ ମୋ ଅତିଥି । ତାଙ୍କର କୌଣସି କ୍ଷତି ମୁଁ କରିପାରେନି । କିନ୍ତୁ ଟ୍ରେସିଲିଆନ୍, ଆପଣ ଏଠି ତୋଫାନ ସୃଷ୍ଟି କଲେ କାହିଁକି ? ଯାଆନ୍ତୁ...''

''ଯାଉଚି । ...ତୁମ ବାପାଙ୍କ ଏଇ ଶେଷ...'' ଟ୍ରେସିଲିଆନ୍ ବ୍ୟସ୍ତ ହେଲେ ।

''ନିଷ୍ଠୁର ହେବନି ଟ୍ରେସିଲିଆନ୍ ! ମୋ ବିଷୟରେ କୌଣସି ଅପନିନ୍ଦା କରିବନି ।'' ଅସ୍ପଷ୍ଟଭାବେ ତରୁଣୀଟି କହିଲା ।

''ଆପଣଙ୍କ କୋଠରିକି ଯାଆନ୍ତୁ ମହାଶୟା ! ମାଇକ୍, ସେ ଦୁଃସାହସ ଯୁବକର ପିଛା କର ।'' ଗର୍ଜିଉଠିଲା ଫଷ୍ଟର୍ ।

ଯୋଉ ବାଟ ପାଇଲେ, ଟ୍ରେସିଲିଆନ୍ ସେଇ ବାଟ ଧରି ଚାଲିଲେ । ପାଚେରି ପାଖେ ଦେଖାହେଲା ଜଣେ ଘୋଡ଼ସବାର ସଙ୍ଗେ । ତା' ମୁହଁ ପ୍ରାୟ ଦେଖାଯାଉନଥିଲା ।

''ଏଠି କ'ଣ କରୁଚ ?'' ବାର୍ଣିର କଡ଼ା ଗଳା ।

''କହ ବାର୍ଣି, ତମେ ଏଠି କିପରି ?'' ଟ୍ରେସିଲିଆନ୍ ପଚାରିଲେ ।

''ପ୍ରତିଶୋଧ, ହାଃ... ହାଃ... ! ଖୋଲ ତଲୁଆର୍... !'' ବାର୍ଣି ଗର୍ଜୁଥିଲା । ଅଚାନକ ଭାବେ ସେ ତଲୁଆର ନେଇ ଡେଇଁପଡ଼ିଲା । ହେଲେ, ବୀର ଟ୍ରେସିଲିଆନ୍ ଖଣ୍ଡା ଖେଳରେ ବେଶ୍ ପଟୁ । ବାର୍ଣି ଲଢ଼େଇବେଳେ କଚାଡ଼ି ହୋଇ ପଡ଼ିଲା । ତା' ତଲୁଆର ଛିଟିକି ପଡ଼ିଲା । ସଙ୍ଗେ ସଙ୍ଗେ ଟ୍ରେସିଲିଆନ୍‌ଙ୍କ ତଲୁଆରର ଅଗ ନଇଁଆସିଲା ବାର୍ଣିର ଗଳା ଉପରକୁ । ଠିକ୍ ଏତିକିବେଳେ ଲାଂବୋର୍ଣ ପହଞ୍ଚିଗଲା । ସେ କୁଣ୍ଢାଇନେଲା ଟ୍ରେସିଲିଆନ୍‌କୁ ।

ଲାଂବୋର୍ଣ ତାଙ୍କୁ କଳାଭାଲୁ ପାନ୍ଥଶାଳାକୁ ଯିବା ପାଇଁ କହିଲା । ଟ୍ରେସିଲିଆନ୍ ବି ଝଗଡ଼ା ବଢ଼ାଇବାକୁ ଚାହିଁଲେନି ।

''ତମେ କ'ଣ ଫଷ୍ଟର୍‌ର ବନ୍ଧୁ ?''— ବାର୍ଣି ପଚାରିଲା ।

''ନିଶ୍ଚୟ । ବୁଝିନିଅ !'' ଲାଂବୋର୍ଣ ଉତ୍ତର ଦେଲା ।

ରିଚାର୍ଡ ବାର୍ଣି

ଆଣ୍ଟୋନୀ ଫଷ୍ଟର୍ ସେଇ ତରୁଣୀଟିକି ନିଜ କୋଠରିକି ଯିବାକୁ ଲଗାଇଥାଏ । ହଠାତ୍ ସିଟି ଶୁଭିଲା । ବ୍ୟସ୍ତ ହୋଇପଡ଼ିଲା ଫଷ୍ଟର୍ । ''ଏଇ ଆମେ ଧରାପଡ଼ିଲେ । କେମିତି ମାଲିକଙ୍କୁ ବୁଝାଇବାକୁ ହେବ, ମୁଁ ଜାଣେନି ।''

''ହେଲା, ହେଲା ! ଯାଅ ଶୀଘ୍ର । ମାଲିକଙ୍କୁ ତୁମର ନେଇଆସ ।'' ଆମୀ କହିଲେ, ''ହେ ପ୍ରିୟ...'' ସେ ଦୌଡ଼ିଗଲେ ଦ୍ୱାର ପାଖକୁ । ''ଓଃ, ଏ ତ ରିଚାର୍ଡ ବାର୍ଣି ।'' ସେ ନିରାଶ ହେଲେ ।

''ହଁ ମାଡାମ୍, ମୁଁ ବାର୍ଣି ।'' ସେ କୋଠରିରେ ପ୍ରବେଶ କରି ମସ୍ତକ ଅବନତ କଲା । ''ତେବେ ଆଶାର ଆକାଶରେ ନାଲି ଉଠିଚି । ସୂର୍ଯ୍ୟ ଆସିବେ ।''

''ଆଚ୍ଛା, ତେବେ ପ୍ରଭୁ ମୋର ଆସୁଛନ୍ତି ଆଜି !'' ଆନନ୍ଦରେ ଆମୀ ନାଚିଉଠିଲେ । ଆଣ୍ଟୋନୀ ବି ।

''ଏ ଚିଠି, ମହାଶୟା ! ଆଉ ଏ ପାକେଟ୍ ?'' ନିଆଁ ରଙ୍ଗର ସିଲ୍‌କରା ପାକେଟ୍‌ଟାଏ ବାର୍ଣି ବଢ଼ାଇଦେଲା । ସହଚରୀ ଜେନେଟ୍ ଥାଏ ପାଖରେ । ବ୍ୟସ୍ତ ଆମୀ ପାଟିକରିଉଠିଲେ, ''ଆଣନା ଛୁରୀ କତୁରି କିଛି ଗୋଟାଏ । ଦେଖେ, ପ୍ରିୟଙ୍କର କି ଉପହାର ଅଛି !''

ଜେନେଟ କିନ୍ତୁ ପାକେଟର ବନ୍ଧା ଗଣ୍ଠିକି ଫିଟାଇଲା । ଜେନେଟ୍ ଫଷ୍ଟର୍‌ର ଝିଅ, ଆମୀଙ୍କ ସହଚରୀ । ସୁନ୍ଦରୀ; ଚତୁରିକା । ପାକେଟରୁ ବାହାରିଲା ମୁକ୍ତାର ହାରଟିଏ । ଚଉତା ହୋଇଥିବା ଖଣ୍ଡେ ଚିଠି । ଜେନେଟ୍ ପ୍ରଶଂସ-ଦୃଷ୍ଟିରେ ଅନାଇଁ ରହିଥାଏ ହାରଟିକି । ''ଏ ହାରର ମୁକ୍ତାଠାରୁ ଏ ଚିଠିର ପ୍ରତିଟି ଶବ୍ଦ ଅଧିକ ମୂଲ୍ୟବାନ୍, ଜେନେଟ୍ ! ଆ ମୋ' କୋଠିରିକି । ଆଜି ପ୍ରଭୁ ମୋର ଆସୁଛନ୍ତି । ଆଉ ବାର୍ଣି, ତୁମେ ଆଉ ଫଷ୍ଟର୍ ଆଜି ରାତିରେ ଆମ ସହ ଖାଇବ । ଦେଖ, ମୋ ସ୍ୱାମୀଙ୍କ ସ୍ୱାଗତ ପାଇଁ ସବୁ ଠିକ୍ ହୋଇଯାଉ ।'' ସେ ହସି ହସି କୋଠରି ଛାଡ଼ିଲେ ।

''ଆରେ, ଏ ତ ଜମିଦାର-ଗୃହିଣୀ ପରି ଆଦେଶ ଦେଉଛନ୍ତି । ବାହା ନୋହୁଣୁ ତ ଏତେ... ?'' ବାର୍ଣି ଫଷ୍ଟର୍‌କୁ ଚୁପ୍ ଚୁପ୍ କହିଲା । ''ହଁ, ଏଠି ଟ୍ରେସିଲିଆନ୍ କିପରି ?''

''ସେ ମାଇକ୍ ଲାଂବୋର୍ଣ ସଙ୍ଗେ ଆସିଥିଲେ...''

''ସେ କିଏ ? କ'ଣ ଯାହାକୁ ପାର ତାହାକୁ ଡାକିଆଣୁଚ କି ? ଏ କୋଠାର ଗୁପ୍ତ ତଥ୍ୟ ହାଟ-ବାଟରେ ଗଡ଼ିବ କି ?''

ଫଷ୍ଟର୍ ଟିକେ ବିରକ୍ତ ହେଲା । ''କି, ତମେ କହିନଥିଲ... ଲୋକଟିଏ ଖୋଜିଦେବ । ଖଣ୍ଡାଖେଳରେ ଥିବ ପକ୍‌କା, ବୁଦ୍ଧିଥିବ ସରୁଆ ! ସେଇପରି ପିଲା ହେଉଚି ମାଇକ୍ । ଦୁର୍ଭାଗ୍ୟକୁ ଟ୍ରେସିଲିଆନ୍ ସଙ୍ଗେ ଏଇ ମାଡ଼ାମ୍‌ଙ୍କ ଦେଖାହୋଇଗଲା ।''

''ସଇଲା ସଇଲା ! କିହୋ, ଟ୍ରେସିଲିଆନ୍ ପରା ଏ ଆମୀ ସୁନ୍ଦରୀକି ବାହା

ହେଉଥିଲା । ସେ ଖୋଜି ଖୋଜି ଏଠିକି ଆସିଥିଲା ! ଯଦି ବାପା ପାଖକୁ ଯିବାକୁ ଟ୍ରେସିଲିଆନ୍ ପାମ୍ପଲାଇଥାଏ– ମୁସ୍କିଲ !!''

''ସେ ବିଷୟରେ ନିଡର ରହ । ଟ୍ରେସିଲିଆନ୍‌କୁ ଦେଖି ଆମୀ ଆଦୌ ଖୁସି ନୁହନ୍ତି । କିନ୍ତୁ ବାପାଙ୍କ ବେମାର କଥା ଶୁଣି...''

''ସାର୍ ହଗ୍ ରୋବସାର୍ଟ ବେମାର ? ବେଶ୍– ମନେରହିଲା । ପଛନ୍ତେ କାମକୁ ଆସିବ । ଆମ ବାଟରୁ ଟ୍ରେସିଲିଆନ୍‌କୁ ପୋଛିଦେବାକୁ ହେବ । ଆଜି ତ ସବୁ ସରିଥାନ୍ତା ! ହଉ, ଛାଡ଼ । ଆଣନା ତୁମ ମଦରୁ ଟୋପାଏ ।'' ବାର୍ଣି ମଦ୍ ପାଇଁ ଲୋଭାଇଲା ।

ଦି'ପହର ବେଳକୁ ବାର୍ଣି ଓ ଫଷ୍ଟର୍ ନୂଆ ପୋଷାକ ପିନ୍ଧିସାରିଥିଲେ । ବାର୍ଣି ଦରବାରର ପାରିଷଦ ପରି ଦିଶୁଥାଏ । ବାର୍ଣି କହିଲା, ''ଆଣ୍ଟୋନି ବେଶ୍ ଖୁସିଅଛ ତ ? ଜମିଦାରଙ୍କ ପାଇଁ ସବୁ ସଜାସଜି ସରିଚି ନା ?''

ଫଷ୍ଟର୍ କହିଲା, ''କୋଠରିଗୁଡ଼ିକରେ ରାଜକୁମାରଙ୍କ ବାହାହେବା ଯୋଗ୍ୟ ସାଜସଜ୍ଜା ହୋଇଚି । ମାଡ଼ାମ୍ ଆମୀ ମହାରାଣୀଙ୍କ ଆନନ୍ଦ ଓ ଖୁସି ନେଇ ରହୁଛନ୍ତି ।''

''ବେଶ୍ ! ବେଶ୍ ! ମନେରଖ, ଏଇ ମହିଳାଟିର ଖୁସି ଉପରେ ଆମର ଭଲମନ୍ଦ ନିର୍ଭର କରେ ।''

''ହେଲେ ମୋ କଥା କ'ଣ ହେବ ? ମୁଁ ଯେ ତାଙ୍କର ଜେଲର୍ !'' ଫଷ୍ଟର୍ ବ୍ୟସ୍ତହେଲା ।

''ଡରନି ଆଣ୍ଟୋନି ! ତୁମେ ଯେ ମାଲିକଙ୍କ ଖୁବ୍ ବିଶ୍ୱାସୀ ।''

''ଆମୀ ତୁମକୁ ଦେଖି ମୁହଁ ଆମ୍ବିଲା କରିଦେଲେ । ମନେହେଉଚି ଆମ ଉଭୟଙ୍କୁ ସେ ଭଲପାଆନ୍ତିନି ।'' ଫଷ୍ଟର୍ ଆଶଙ୍କିତ ହେଲା ।

ସଙ୍ଗେ ସଙ୍ଗେ ବାର୍ଣି କହିଲା, ''ଭୁଲ୍ ବୁଝିଚ । ମୋ କଥା ନିଆରା । କିଏ ଜାଣିଥିଲା ହୋ ଆମୀ ରୋବସାର୍ଟକୁ ? ସାଧାରଣ ସାମନ୍ତର ଝିଅଟିଏ । ଦରିଦ୍ର । ଇମିତି ଗଣ୍ଡା ଗଣ୍ଡା ଅଛନ୍ତି । ଏବେ ଇଂଲଣ୍ଡରେ ସେ ମହାରାଣୀଙ୍କ ସମାନ ହେବାକୁ ଯାଉଛନ୍ତି । ଉଭୟଙ୍କ ମଧ୍ୟରେ ଭେଟ ମୁଁ କରାଇଚି । ବଣମଲ୍ଲୀ ଆଜି ରାଜଉଆସର ସୁଖ ପାଉଚି । କାହା ଯୋଗୁଁ ? ମୋ ପାଇଁ ।''

''ଗର୍ବ କଲେ ଖର୍ବ ହୁଏ ବାର୍ଣି, ଭୟ ଲାଗୁଚି...'

''ମାଲିକ ଯାହା ଚାହିଁବେ ତା' ହେବ । ଫଷ୍ଟର୍ ଶୁଣ, କିଏ ଠକ୍ ଠକ୍ କରୁଚି ।''

ଫଷ୍ଟର୍ ଉଠିଗଲା । ''ସେଇ ଲାଂବୋର୍ଣ ।''

''ଡାକ...ଡାକ ତାକୁ । ଲାଇବ୍ରେରି କୋଠରିକି ।''

ବାର୍ଣି ବ୍ୟସ୍ତ ହେଲା । ''ସତେ ତ, ଆମୀ ଭଲପାଉନି ମୋତେ । ମୁଁ କୋଉ ଶ୍ରଦ୍ଧା ତାକୁ କରୁଚି ଯେ ! ମାଲିକ ଚାହାନ୍ତି, ଏ ବାହାଘର ଗୋପନ ରହିବ ।''

ଏକ ବିଚିତ୍ର ଭାବାବେଗରେ ବାର୍ଣି ଅଭିଭୂତ ହୋଇଗଲା ।

ଆଲ୍ ରବର୍ଟ ଡଡ଼ଲୀ

କ୍ୟୁନର୍ କୋଠିରେ କେତେ ଆଡ଼ମ୍ବର । ଲଣ୍ଡନର କାରିଗର ଚାରିଗୋଟି କୋଠରିକି ସଜାଇ ଆଖି ଝଲସାଇ ଦେଲେଣି । ରାତି ରାତି କାମ ହେଉଚି । ଗାଁ-ଲୋକେ କିଛି ଜାଣନ୍ତିନି । ଇଂଲଣ୍ଡର ସବୁଠୁ ବଡ଼ ସାମନ୍ତ ଆର୍ଲ ଅଫ୍ ଲେସେଷ୍ଟର୍– ଆମୀ ତାଙ୍କର ପତ୍ନୀ । ସ୍ୱାମୀଙ୍କର ରୁଚି କେଡ଼େ ଚମତ୍କାର ! କୋଠରିଗୁଡ଼ିକ କୁହୁକ କୋଠିପରି ମନେହେଉଚି । ଆମୀ ଭାବୁଥିଲେ ଏଇ ତ ସ୍ୱର୍ଗ !

''କହନି ଜେନେଟ୍...ଖୁବ୍ ଭଲ ହେଇନି ?'' ତାଙ୍କ ସହଚରୀକି ସେ ପଚାରୁଥିଲେ । ''କେତେ ସ୍ନେହ ମ ତାଙ୍କର ! ପ୍ରାଣ ମୋର ଉଚ୍ଛୁଳି ଯାଉଚି । ଆ ଜେନେଟ୍, ରାଜମହଲ ଲୋକେ କିପରି ଚଳପ୍ରଚଳ ହୁଅନ୍ତି ଟିକେ ଅଭ୍ୟାସ କରିନେବା ।''

ପାଖ କୋଠରିକି ଗଲେ ଦିହେଁ । ମୁର ଅଞ୍ଚଳର ଗୋଟାଏ ମୂଲ୍ୟବାଡ଼ ଗଦି ଉପରେ ବସିପଡ଼ିଲେ ଆମୀ । ଜେନେଟ୍ ମୁଣ୍ଡ ସଜାଡୁଥିଲା ।

''ଶୁଣ... !'' ତରୁଣୀ କାଉଣ୍ଟେସ୍ ଡେଇଁପଡ଼ିଲେ । ''ଶୁଣ, ଘୋଡ଼ା ଆସୁଚି ତ । ଏଇ ଯେ ତାଙ୍କ ଆସିବା ସଙ୍କେତ...ଆସିଗଲେ ତ !''

ସତକୁସତ ବଡ଼ ଫାଟକ ଖୋଲିବା ଶବ୍ଦ ହେଲା । ବୀର ଠାଣିରେ ପଶିଆସିଲେ ଜଣେ ତରୁଣ । ଡେଙ୍ଗା । ସୁନ୍ଦର । ଘୋଡ଼ାଚଢ଼ା କଳା ପୋଷାକ । କାଉଣ୍ଟେସ୍ ତାଙ୍କ ବାହୁ ଭିତରକୁ ଧାଇଁଗଲେ । ''ଶେଷରେ...ଶେଷରେ ଆସିଲ ତୁମେ ହେ ମୋର ପ୍ରଭୁ !''

ଆର୍ଲ ସ୍ନେହରେ ସ୍ୱାଗତ ଜଣାଉଥିଲେ ଆମୀଙ୍କୁ । ''ଆସ, ତୁମର ଏ ପୋଷାକ ଖୋଲିଦିଏ । ବସ ସେଇଠି ।'' ଆର୍ଲଙ୍କୁ ନେଇ ଗୋଟିଏ ରାଜକୀୟ ଆସନରେ ବସାଇଦେଲେ ଆମୀ ।

''ମୋ ସଙ୍ଗେ ବସ ତୁମେ...''

''ଏ ଲାଗେ ନୁହେଁ ପ୍ରଭୁ ! ବସିବି ଯେ, ପରେ । ଏବେ ତଳେ ବସୁଚି । ଦେଖେ ରାଜକୁମାରମାନେ କି ପ୍ରକାର ପୋଷାକ ପିନ୍ଧନ୍ତି ।'' ତରୁଣୀ କାଉଣ୍ଟେସ୍‌ଙ୍କ ଗଳାରେ ଛୁଆର କୌତୂହଳ ।

ଡଡ଼ଲୀ ମୁଚୁମୁଚୁ ହସୁଥିଲେ ନବପତ୍ନୀର ଏସବୁ ସରଳିଆ ପ୍ରଶ୍ନରେ । କହିଲେ, ''ତୁମରି ଏସବୁ । ତୁମେ ଯା' କହିବ ମୁଁ ତା' କରିବି । ରାଜକୁମାରମାନେ ଘୋଡ଼ା ଚଢ଼ିଲାବେଳେ ଏ ପୋଷାକ ପିନ୍ଧନ୍ତି ।''

''କିନ୍ତୁ ପ୍ରଭୁ, ମୋ ମନରେ ଆଉ ଗୋଟିଏ ଇଚ୍ଛା ଜନ୍ମୁଚି ।''

''କୁହ ଆମୀ !''

''ଚାହିଁଥିଲି, ପ୍ରିୟ ମୋର ରାଜପୋଷାକରେ ମୋତେ ଏ ଦୁର୍ଗରେ ଗ୍ରହଣ କରନ୍ତୁ ।

ତା’ ପାଇଲି । ଏବେ ଇଚ୍ଛା ହୁଏ, ଯୋଉ ବାଦାମି ରଙ୍ଗ ପୋଷାକ ପିନ୍ଧି ଏ ହୀନିମାନୀ ଆମୀର ହୃଦୟ ଚୋରାଇ ନେଇଥିଲ...’’

‘‘ଆଚ୍ଛା, ଆଚ୍ଛା । କାଲିକି ଏଇ ହଲ୍‌ରେ ତୁମର ଇଚ୍ଛା ପୂରଣ ହେବ ।’’

‘‘ମୁଁ କ’ଣ ତୁମ ସଙ୍ଗେ ଅନ୍ୟ ଦୁର୍ଗକୁ ଯିବି ? ଦେଖନ୍ତି ତୁମର ଯେତେ ବିଭବ ଗୌରବ !’’

‘‘କାହିଁକି ଆମୀ, ଏ କୋଠିର ଘରଦ୍ୱାର କ’ଣ ସୁନ୍ଦର ନୁହେଁ ? କୁହ, କିଛି ଦୋଷ ଥିଲେ ମୁଁ ସୁଧାରିନେବି ।’’

‘‘ନା, ନା, ପ୍ରଭୁ ! ମୋତେ ପରିହାସ କରନି । ଏ କୋଠାର ଦୌଲତ ମୋ କଳ୍ପନା ବାହାରେ । ମୁଁ ଚାହେଁ, କେବଳ ତୁମକୁ...ତୁମକୁ ! କୁହ, ତୁମର ସ୍ତ୍ରୀଭାବେ ଠିଆହେବି ତ ?’’

‘‘ହଁ, ମୋ ହୃଦୟର ଆମୀ ! ଦିନେ ତା’ ନିଶ୍ଚୟ ହେବ । ହେଲେ, ସେଦିନ ଟିକିଏ ଡେରିଅଛି ।’’

‘‘ଡେରି... ? କାହିଁକି ପ୍ରଭୁ ?’’ ଆମୀଙ୍କ କୋମଳ କଣ୍ଠ ଥରିଉଠିଲା ।

‘‘ଓଃ, ତୁମେ ଯା’ ଚାହୁଁଚ ତା’ ହେଉ ! କିଏ ମନା କରିବ ତୁମକୁ ?’’

ଲେସେଷ୍ଟର୍‌ଙ୍କ ଭ୍ରୂରେ ବିଷାଦ ଓ ବିରକ୍ତି । ‘‘ଦେଖ ଆମୀ, ତମେ ସେ ସବୁ ବୁଝିପାରିବନି । ଆମର ଦରବାରୀ ଜୀବନ । ବାଲିର ପାହାଡ଼ । ଗୋଟାଏ ଟାଣୁଆ ଜାଗା ନମିଳିବାଯାଏ ଅଟକିବାର ସାହସ କରୁନି । ଯେକୌଣସି ସମୟରେ ଆମେ ଗଡ଼ି ତଳେ ପଡ଼ିପାରୁ । ...ତୁମ ସହ ବିବାହଟା ଖୋଲାଖୋଲି ମୁଁ କରିପାରେନି । ତା’ହେଲେ, ଅନେକକିଛି ଗୋଳମାଳ ହୋଇଯିବ । ଭରସା ରଖ, ମୁଁ ନିଶ୍ଚୟ ସମସ୍ତଙ୍କ ଆଗରେ ତୁମକୁ ସମ୍ମାନ ଦେବି । ଧୈର୍ଯ୍ୟ ରଖ । ହଉ, ସେ କଥା ଛାଡ଼ । ଯୋଉ ସମୟତକ ଏକାଠି ଅଛେ, ଖୁସିରେ ରହିବା । କୁହ, ସବୁ ଭଲ ତ ? ଫଷ୍ଟର୍ ଠିକ୍ ଖଟୁଚିନା ?’’

‘‘ହଁ ଯେ, ହେଲେ ସେ ମୋତେ ଗୋପନରେ ରହିବାକୁ ବାରବାର ତାଗିଦ୍‌କରେ । ତେବେ ତା’ ତ ତୁମରି ଇଚ୍ଛା ପ୍ରଭୁ ! ହଁ ପ୍ରିୟ, ବାର୍ଣି ଓ ଫଷ୍ଟର୍ ଆମ ସଙ୍ଗେ ଆଜି ରାତିରେ ଖାଇବେ ନା ? ପ୍ରଭୁଙ୍କ ଅନୁମତି ନନେଇ ମୁଁ ଡାକିଦେଇଚି । ତୁମର ଇଚ୍ଛା କ’ଣ ?’’

‘‘ମଧୁମତୀ ମୋର, ତୁମେ ଯା’ କହିବ କରିବ, ସବୁରେ ମୋର ଆନନ୍ଦ । ଉଭୟେ ତ ଆମର ବିଶ୍ୱାସୀ !’’

‘‘ତା’ ଝିଅ ଜେନେଟ୍ ମୋ ନିରୋଳା ଜୀବନର ସାଥୀ !’’ ସେ ଜେନେଟ୍‌କୁ ଡାକିଲେ । ଜେନେଟ୍ ଆସି ଆଣ୍ଠୁମାଡ଼ି ସମ୍ମାନ ଦେଖାଇଲା ।

‘‘ଏହାଙ୍କ ପ୍ରତି ତୁମ ସେବାରେ ମୁଁ ଖୁସି ।’’ ଆର୍ଲ ହାତରୁ ଗୋଟିଏ ମୁଦି ଓ ମୁଠାଏ ସୁନାମୋହର ଦେଲେ ଜେନେଟ୍‌କୁ ।

Digitalization by :-
Deb's Library Corner...

ବିନୀତଭାବେ ଜେନେଟ୍ କହିଲା, ''ମୁଁ ବଡ଼ କୃତଜ୍ଞ ମାଲିକ । ମୋ ସେବାରେ ଆପଣମାନେ ଯେ ସନ୍ତୁଷ୍ଟ ଏହାହିଁ ମୋର ବଡ଼ ପୁରସ୍କାର ।''

''ଆଚ୍ଛା...ଆଚ୍ଛା'' ଆର୍ଲ କହିଲେ । ''ବଡ଼ ଭୋକ ହେଉଚି, ଶୀଘ୍ର ଖାଇବା ବନ୍ଦୋବସ୍ତ କର !'' ଜେନେଟ୍ ଚାଲିଗଲା ।

ଡରି ଡରି କାଉଣ୍ଟେସ୍ କହିଲେ, ''ଗୋଟିଏ ପ୍ରାର୍ଥନା ମୋର... !''

''ସକାଳଯାଏ ଅପେକ୍ଷା କର । ଏଇ ସେଇମାନେ ଖାଇବାଘର ସଜାଡ଼ିଲେଣି... ।''

ଆର୍ଲ ଲେସେଷ୍ଟର୍ ତରୁଣୀ ପତ୍ନୀକି ନେଇ ନିକଟବର୍ତ୍ତୀ କୋଠରିକି ଗଲେ । ସେଠି ବାର୍ଣ୍ଣି ଓ ଫଷ୍ଟର୍ ତାଙ୍କୁ ସମ୍ମାନ ଜଣାଇଲେ । ଆର୍ଲ ସେମାନଙ୍କ ସମ୍ମାନକୁ ସାଧାରଣଭାବେ ଉତ୍ତର ଦେଲେ । ବଡ଼ଲୋକେ, ଯୋଉମାନେ ସମ୍ମାନ ପାଇବାରେ ଅଭ୍ୟସ୍ତ, ସେମାନେ ଉତ୍ତର ଦେବାରେ ବଡ଼ ବେକାଇଦା । ଆଉ କାଉଣ୍ଟେସ୍ ପ୍ରତି ସମ୍ମାନ ଦେଉଥିଲେ ନମ୍ରଭାବେ । ସେ ଯେ ଏସବୁରେ ଅନଭ୍ୟସ୍ତ ଜଣାଯାଉଥିଲେ ।

ପରଦିନ ସକାଳୁ ସେ ତାଙ୍କ ସ୍ତ୍ରୀଙ୍କଠାରୁ ବିଦାୟ ନେଲେ । ଆମୀ ତାଙ୍କୁ ଅନୁରୋଧ କଲେ, ଅନ୍ତତଃ ତାଙ୍କ ବିବାହ ଖବର ବାପାଙ୍କୁ ଦିଆଯାଉ । ମନା କଲେ ଆର୍ଲ । କହିଲେ, ''ସେ ବେଳ ଆସିନି । ପ୍ରିୟତମା ମୋର, ମେଲାଣି ଦିଅ । ଈଶ୍ୱର ତୁମର ମଙ୍ଗଳ କରିବେ ।'' ବାରମ୍ବାର ଆଲିଙ୍ଗନ ମଧ୍ୟରେ ସେ ବିଦାୟ ନେଲେ । ବାର୍ଣ୍ଣି ସହ ସେ କୋଠି ଛାଡ଼ିଲେ । ଆମୀ ଘରର ଦ୍ୱାର ପାଖରେ ଛିଡ଼ାହୋଇ ମେଲାଣି ଦେଲେ । ଚାହିଁରହିଲେ ସେ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଲୁଚିଯିବାଯାଏ ।

ଜମିଦାର ଦେଖାଇଦେଲେ ବାର୍ଣ୍ଣି ତାଙ୍କର ବିଶ୍ୱାସୀ । ସେ ତା' ହାତରେ ଦେଲେ ସୁନାମୋହର ଫଷ୍ଟର୍‌କୁ ଦେବାକୁ । ଫଷ୍ଟର୍ ମନରେ ଈର୍ଷା ! ହେଲେ, ତାକୁ ଅନୁସରଣ କରିବାକୁ ହେବ । ସୁନାଲୋଭୀ ଫଷ୍ଟର୍ ! ତା' ସୁନାକୁ ଗଣୁଥିଲା । ଜେନେଟ୍ ସୁନା କଥା ସେ ଭାବୁଥିଲା । ସବୁ ସୁନାକୁ ସେ ସାଇତି ରଖିବ ତା' ଗୁପ୍ତ ସିନ୍ଦୁକରେ ।

ଆର୍ଲଙ୍କୁ ଛାଡ଼ି ବାର୍ଣ୍ଣି କଳାଭାଲୁ ପାନ୍ଥଶାଳାକୁ ଫେରିଲା । ସେଠି ଶୁଣିଲା ଟ୍ରେସିଲିଆନ୍ କାହାକୁ ନ କହି ସେ ଜାଗା ଛାଡ଼ି ଚାଲିଯାଇଛନ୍ତି । ଟ୍ରେସିଲିଆନ୍ ଆସିବା ଖବର ବାର୍ଣ୍ଣି କି ଫଷ୍ଟର୍ କେହି ଆର୍ଲଙ୍କୁ ଜଣାଇନଥିଲେ । ମାଇକେଲ୍ ଓ ବାର୍ଣ୍ଣି ଲେସେଷ୍ଟରଙ୍କ ପଛେ ପଛେ ଚାଲିଲେ ଘୋଡ଼ାରେ ।

ସେମାନେ ପହଞ୍ଚିଲେ ଉଡ୍‌ଷ୍ଟକ ଦୁର୍ଗରେ । ବଡ଼ ଲୋକଗହଳ । ଏଇ ରାଜପୁରୁଷଙ୍କୁ ଦର୍ଶନ କରିବାକୁ ଲୋକଙ୍କ ଭିଡ଼ । ସେମାନେ ଆର୍ଲଙ୍କୁ ଭେଟି ଦେଲେ ସୁନାମୋହର । ଆର୍ଲ ସବୁ ବଢ଼େଇଦେଲେ ବାର୍ଣ୍ଣି ହାତକୁ । ବାର୍ଣ୍ଣି ସେଥିରୁ ଗୋଟିଏ ଦିଓଟି ଦେଲା ଲାଂବୋର୍ଣ୍ଣକୁ । ନୂଆ ଚାକିରି ତା'ର । ଆଗକୁ ତ ଏଇମିତି ଅନେକ ଗୁଣ ପୁରସ୍କାର ପାଇବ— ସେ ଜାଣୁ ।

ଆର୍ଲ ଅଫ୍ ସସେକ୍ସ

ରିଚାର୍ଡ଼ ବାର୍ଣି ସହ ଯୋଉଦିନ ଲଢ଼େଇ ହେଲା ଟ୍ରେସିଲିଆନ୍ ସେଠୁ ଫେରି ଧର୍ମଶାଳାର କୋଠରିରେ ଏକରକମ ଲୁଚି ରହିଲେ । ରାତି ଅଧ । ଗାଇଲ୍ସ ପହଞ୍ଚିଲା । ''ମାଇକ୍ ଲାଂବୋର୍ଣ ଆପଣଙ୍କୁ ଜଗିରହିଚି– ମୂଷାକୁ ବିଲେଇ ପରି । ସାବଧାନ ରହିବେ ।''

ଗାଇଲ୍ସ ଜାଣିସାରିଲାଣି ଟ୍ରେସିଲିଆନ୍ ସେଠି ରହିବା ମୂଳରେ କିଛି ଗୋଟେ କଥା ଅଛି । ଏଣେ ଟ୍ରେସିଲିଆନ୍ ବି ଦେଖିଲେ ତାଙ୍କୁ ଏଇ ଲୋକଟିକୁ ଧରିବାକୁ ପଡ଼ିବ । ସେ କ୍ୟୁନର୍ କୋଠିର ଅଭିଜ୍ଞତା କହିଲେ । ଗାଇଲସ୍ କହିଲା, ''ଦେଖନ୍ତୁ, ବାର୍ଣି ଆଉ ଫଷ୍ଟର୍ ଲେସେଷ୍ଟର୍ ଆର୍ଲଙ୍କ ଅତି ନିଜର ଲୋକ । ଲେସେଷ୍ଟର୍‌ଙ୍କୁ ରାଣୀ ଏଲିଜାବେଥ୍ ଖୁବ୍ ପସନ୍ଦ କରନ୍ତି । ଆପଣଙ୍କର ଯଦି ଦରବାରରେ ନାଁ ଅଛି, ଏ ଝମେଲାରୁ ଦୂରେଇ ରହନ୍ତୁ । ଶୁଣାଯାଏ, ବାର୍ଣି ସେଇ କୋଠିର ସୁନ୍ଦରୀ ରହସ୍ୟର ମୂଳ ।''

''ସେଇ କଥା କହୁଚି । ଏଠି ମୋର କେହି ନାହିଁ । ତୁମକୁ ପାଇଚି । ତୁମେ ମୋର ବନ୍ଧୁ ।''

ଗାଇଲ୍ସ କହିଲା, ''ମୋ ଦ୍ୱାରା ଯାହା ସମ୍ଭବ ହେବ, ମୁଁ ଆପଣଙ୍କୁ ସାହାପକ୍ଷ ହେବି ।''

ଟ୍ରେସିଲିଆନ୍ କହିଲେ, ''ତାଙ୍କ ପରିବାର ଏବଂ ଡେଭନଶାୟାରର ରୋବସାର୍ଟମାନେ ପୁରୁଷ ପୁରୁଷ ବନ୍ଧୁ । ଆମୀ ସହ ତାଙ୍କର ଛୁଆଦିନୁ ବନ୍ଧୁତା । ସେ ଦୁଇଜଣଙ୍କର ବିବାହ ଠିକ୍ ହୋଇସାରିଥିଲା । ବର୍ଷଟିଏ ପରେ ସରିଥାନ୍ତା । ପହଞ୍ଚିଲା ବାର୍ଣି । ଦିନେ ବାର୍ଣି ସହ ଆମୀ ଅନ୍ତର୍ଦ୍ଧାନ । ଏବେ ସେ ଆମୀକି ଆବିଷ୍କାର କଲେ । ବାର୍ଣି କ'ଣ କରିଚି ଧରାପଡ଼ିଗଲା ।

ଗାଇଲ୍ସ ଗସ୍ଲିଂ ଉପଦେଶ ଦେଲା, ଶୀଘ୍ର ସାର୍ ହଗ୍ ରୋବସାର୍ଟଙ୍କ ପାଖକୁ ଯାଆନ୍ତୁ । ତାଙ୍କୁ କହି ରାଣୀଙ୍କୁ ଦରଖାସ୍ତ କରନ୍ତୁ । ଦରବାରରେ ଅନ୍ୟ ପାରିଷଦଙ୍କ ସାହାଯ୍ୟ ବି ନିଆଯାଉ । ଝିଅଟି ମାତ୍ର ଅଠର ବର୍ଷର । ତା'ଛଡ଼ା ସେ ତ ଟ୍ରେସିଲିଆନ୍‌ଙ୍କ ବାଗ୍‌ଦତ୍ତା !

କୋଠିର ଖବର ଗାଇଲ୍ସ ଉପରେ ଛାଡ଼ିଦେଲେ ଟ୍ରେସିଲିଆନ୍ । ବାହାରିପଡ଼ିଲେ ରୋବସାର୍ଟଙ୍କୁ ଦେଖାକରିବାକୁ । ଖୁବ୍ ତରତର । ମାତ୍ର ପାଞ୍ଚ ମାଇଲ୍ ଯାଇଛନ୍ତି ଘୋଡ଼ା ଖୁରାରୁ ପଟେ ନାଲ ଫିଟିଗଲା । କମାରଶାଳଟାଏ ଖୋଜୁ ଖୋଜୁ ଘଣ୍ଟାଏ କାଳ ଗଲା । ଶେଷରେ ସେ ଭେଟିଲେ ଯେଉଁ କମାରକୁ– ନାଁ ତା'ର ୱେଲାଣ୍ଡ । ମଜାର ଲୋକ । ଭଲ କମାର । ପୁଣି ପଶୁ ଓ ମଣିଷ ପାଇଁ ଭଲ ବୈଦ୍ୟ । ଜ୍ୟୋତିଷ, ଇନ୍ଦ୍ରଜାଲ,

ହାତସଫେଇରେ ଧୁରନ୍ଧର । ସେ ଟ୍ରେସିଲିଆନ୍‌ଙ୍କୁ ରୋବସାର୍ଟଙ୍କ ଘରେ ଦେଖିଥିଲା । ଲୋକେ ତାକୁ ସନ୍ଦେହ କରୁଥିଲେ । ଗୁଣିଆ ବୋଲି ଲୋକେ ଫୁସ୍‌ଫାସ୍ ହେଉଥିଲେ । ଏଥକୁ ଦଣ୍ଡ ବଡ଼ କଡ଼ା । ସେ ଲୋକ ଖୋଜୁଥିଲା ଜଣେ କିଏ ବଡ଼ଲୋକ ତାକୁ ନେଇଯାନ୍ତେ । ସେ ତାଙ୍କର ସେବାରେ ଲାଗନ୍ତା ।

ଟ୍ରେସିଲିଆନ୍ ରାଜିହେଲେ । ଉଭୟେ ସାଙ୍ଗହୋଇ ଘୋଡ଼ା ଚଢ଼ିଚାଲିଲେ । ତିନିଦିନ ପରେ ସେମାନେ ରୋବସାର୍ଟଙ୍କୁ ଭେଟିଲେ । ତାଙ୍କ ଅବସ୍ଥା ବଡ଼ ସାଙ୍ଘାତିକ । ଜୀବନ-ମରଣର ଗୋଧୂଳି ଭିତରେ ଛାପିଛାପିକିଆ ଅଧା ଦିଶୁଛି, ଅଧା ଲୁଚିଚି । ଝିଅର କଥା ଭାଳି ଭାଳି କଣ୍ଟା ଦି'ଟା ଥାଏ । ୱେଲାଣ୍ଡକୁ ଧନ୍ୟ । କି ଓଷଦ ଦେଲା କେଜାଣି ସାତଦିନରେ ମଲୁ ଉଠିବସିଲେ । ତାଙ୍କ ମନର ଜୋର ଫେରିଆସିଲା । ଠିକ୍ ହେଲା ସେ ସବୁ କଥା ରାଣୀଙ୍କୁ ଜଣାଇବେ । ଟ୍ରେସିଲିଆନ୍ ତାଙ୍କ ତରଫରୁ କହିବେ । ନିବେଦନପତ୍ର ଲେଖାହେଲା । ଟ୍ରେସିଲିଆନ୍ ଏଇ ବାହାରିଲେ— ଚିଠିଖଣ୍ଡେ ନେଇ ଜଣେ ଲୋକ ହାଜର । ଚିଠିଟି ଟ୍ରେସିଲିଆନ୍‌ଙ୍କର । ତାଙ୍କ ସମ୍ପର୍କୀୟ ଭାଇ ସସେକ୍ସର ସାମନ୍ତ ଲେଖିଥିଲେ । ଜରୁରୀକାମରେ ତାଙ୍କୁ ସଙ୍ଗେ ସଙ୍ଗେ ଆସିବାକୁ ସେ ଲେଖିଥିଲେ ।

ଟ୍ରେସିଲିଆନ୍ ଆହୁରି ବ୍ୟସ୍ତ ହୋଇଉଠିଲେ । ୱେଲାଣ୍ଡ ସହ ସେ ଘୋଡ଼ା ଛୁଟାଇଲେ ଲଣ୍ଡନ ଆଡ଼କୁ । ପ୍ରଥମେ ସସେକ୍ସର ଆର୍ଲଙ୍କୁ ଭେଟିବେ, ତା'ପରେ ରାଣୀଙ୍କୁ ଦେଖା । ଗ୍ରୀନ୍‌ଉଇଚ୍ ଉଆସରେ ରାଣୀ ସେତେବେଳେ ରହୁଥିଲେ । ସସେକ୍ସଙ୍କ ସାୟେସ୍ କୋଠିର ଖୁବ୍ ନିକଟ ।

ସସେକ୍ସ...ଲେସେଷ୍ଟର । ପ୍ରତିଦ୍ୱନ୍ଦ୍ୱୀ । ରାଣୀ ବେଶ୍ ଖେଳୁଥାନ୍ତି । କେତେବେଳେ ସସେକ୍ସଙ୍କୁ ଅନୁଗ୍ରହଦେଖାନ୍ତି; ଅନ୍ୟବେଳେ ଲେସେଷ୍ଟରଙ୍କୁ । ତେବେ ସସେକ୍ସ ରାଣୀଙ୍କ ରକ୍ଷାକବଚ । ବୀର ସେ । ଲେସେଷ୍ଟର ସୁଦର୍ଶନ । ନାରୀ ବୁକୁରେ ତାଙ୍କ ପାଇଁ ଅଲଗା ସ୍ଥାନ । ଯୋଉଠିକି ଗଲେ ସସେକ୍ସ ଯୁଦ୍ଧ ଜିଣୁଥିଲେ । ଲେସେଷ୍ଟରଙ୍କଠୁ ତାଙ୍କ ବଂଶଗରିମା ଅନେକ ଉଚ୍ଚ । ତେବେ ବି ଲେସେଷ୍ଟର ଥିଲେ ରାଣୀଙ୍କ ହୃଦୟର— ହୃଦୟ ଭିତର ପ୍ରତିମା ।

ଏ ସମୟରେ ସସେକ୍ସ ଅସୁସ୍ଥ । ଉଭୟ ଆର୍ଲଙ୍କ ସେନାବାହିନୀ ତିଆର । ଲଢ଼େଇକୁ ସେମାନେ ଚାହିଁ ବସିଥାନ୍ତି । ଏଣେ ସମସ୍ତଙ୍କ ମନରେ ସନ୍ଦେହ, ଆଶଙ୍କା । ଗୋଟାଏ ଭୟଙ୍କର ଭବିଷ୍ୟତ କେତେବେଳେ ଯେ ବର୍ତ୍ତମାନ ହୋଇଯାଇପାରେ । ସସେକ୍ସ ମୃତ୍ୟୁଶେଯରେ ।

ଟ୍ରେସିଲିଆନ୍‌ଙ୍କ ଆସିବା ଖବର ଭିତରକୁ ଗଲା । ହଠାତ୍ ଦୁଇଜଣ ଲୋକଙ୍କ ସହ ତାଙ୍କର ଦେଖାହୁଏ । ଉଭୟେ ତାଙ୍କ ନିଜର ଲୋକ । ଜଣେ ବ୍ଲାଉଣ୍ଟ୍ ସସେକ୍ସଙ୍କ ଅଶ୍ୱାରୋହୀ ସେନାପତି । ସାଦାସିଧା । ଅସୁନ୍ଦରିଆ । ଆରଜଣକ ତରୁଣ । ଦରବାରର

ସବୁଠୁଁ ଚକଚକିଆ ପୋଷାକ ତାଙ୍କର । ବଡ଼ ଚଞ୍ଚଳ । ସେ ୱାଲଟର୍ ରାଲେ । ଉଭୟେ ସସେକ୍‌ସଙ୍କ ଖୁବ୍ ବିଶ୍ୱାସୀ ।

''ଆସନ୍ତୁ ଟ୍ରେସିଲିଆନ୍ ! ଠିକ୍ ବେଳେ ପହଞ୍ଚିଲେ ।'' ରାଲେ ସ୍ୱାଗତ ଜଣାଇଲେ ।

''ଆମେ ତ ଆଶା ଛାଡ଼ିଦେଇଚୁ । ବିଷ ଦେବା ସନ୍ଦେହ ହେଉଚି ।'' ବ୍ଲାଉଣ୍ଟ୍ କହିଲେ ।

କଥାଭାଷାବେଳେ ସସେକ୍‌ସଙ୍କ ଡାକରା ଆସିଲା । ଦୁର୍ବଳ ସସେକ୍‌ସଙ୍କୁ ଦେଖି ସେ ୱେଲାଣ୍ଡ୍ କଥା କହିଲେ । ଆର୍ଲ ୱେଲାଣ୍ଡକୁ ସଙ୍ଗେ ସଙ୍ଗେ ଡକାଇଲେ ।

ୱେଲାଣ୍ଡ୍ କହିଲା, ''ଔଷଧ ଓ ମୃତ୍ୟୁ ଈଶ୍ୱରଙ୍କ ହାତର କଥା ।''

ସସେକ୍‌ସ କହିଲେ, ''ଏତେ ବିଶ୍ୱାସ ତୋର ! ଅନେକ ଡାକ୍ତର ହାରିଲେଣି— ତୋର ସାହାଯ୍ୟ ନିଏ ।''

ୱେଲାଣ୍ଡର ଔଷଧ ଦିଆଗଲା । ତା' କହିଥିବା ଅନୁସାରେ ଆର୍ଲ ଶୋଇଗଲେ ନିଘୋଡ଼ ନିଦରେ । ୱେଲାଣ୍ଡ ଜଗିରହିଥାଏ । ତାଙ୍କ ପରିବାର ଓ ଅନୁଚରମାନେ ଜଗି ଜଗି ଅଥୟ ହେଲେଣି ।

ସକାଳର ଅଳ୍ପ ସମୟ ପରେ ଖବର ଆସିଲା— ଆର୍ଲ ଉଠିଛନ୍ତି । ଆଗଠୁ ସୁସ୍ଥ । ତାଜା । କଷ୍ଟ କମିଚି । ଏ ସମୟରେ ରାଲେ ଖବରଦେଲେ ମହାରାଣୀ ତାଙ୍କର ବଡ଼ଡାକ୍ତରଙ୍କୁ ପଠାଇଥିଲେ । କିନ୍ତୁ ଆର୍ଲ ଶୋଇଛନ୍ତି କହି ତାଙ୍କୁ ଫେରାଇଦେଲେ । ଏଥିରେ ସାମନ୍ତ ସସେକ୍‌ସ ପ୍ରଥମେ ହସିଦେଲେ । ମାତ୍ର ପରକ୍ଷଣରେ ତାଙ୍କ ମନରେ ଚିନ୍ତା ଘାରିଲା । ରାଣୀ ଏ କଥାକୁ ସିଧାଭାବରେ ନେବେନି । ତାଙ୍କ ଲୋକଙ୍କୁ ଏପରି ସମ୍ବର୍ଦ୍ଧନା ଦିଆହୁଏନି । ସଙ୍ଗେ ସଙ୍ଗେ ସେ ଆଦେଶ ଦେଲେ, ''ଡଙ୍ଗା ନେଇ ଯାଅ, ରାଣୀଙ୍କି ବୁଝାଇଦେବ । ସସେକ୍‌ସ ଅଚେତ ହୋଇପଡ଼ିଥିଲେ । ଭୁଲ ମାଫ୍ କରିବେ । ଆଉ ସେ ଯେ ଡାକ୍ତର ପଠାଇଥିଲେ କୃତଜ୍ଞତା ସସେକ୍‌ସଙ୍କର ।'' ଶ୍ରେଷ୍ଠ ଅଶ୍ୱାରୋହୀ ବ୍ଲାଉଣ୍ଟ୍, ଟ୍ରାସୀ ନାମକ ଆଉ ଜଣେ ବିଶ୍ୱାସୀ ସୈନିକ ଓ ରାଲେ ସମ୍ବାଦ ନେଇ ଚାଲିଲେ ।

ୱାଲଟର୍ ରାଲେ

ବ୍ଲାଉଣ୍ଟ୍ ଏ କାମ ପାଇଁ ପ୍ରସ୍ତୁତ ନଥିଲେ । ଏଥିପାଇଁ ତାଙ୍କର ଆଗ୍ରହ ବି ନଥିଲା । ସତେ ଯେପରି ସେ ହାଣମୁହଁକୁ ଯାଉଛନ୍ତି । ''ମହାରାଣୀଙ୍କ ଡାକ୍ତରଙ୍କୁ ଫେରାଇଦେଇ ବଡ଼ ଅଡୁଆ କାମ କଲେ । ବାବା, ମୁଁ ଜଣେ ସୈନିକ, ଏ ସବୁ ଧନ୍ଦା ଆମମାନଙ୍କୁ ପୋଷାଏନି । ଦେଖାଯାଉ, ଆପଣଙ୍କ ଚାତୁରୀ କିମିତି କାମ କରୁଛି ।'' ରାଲେଙ୍କୁ ବ୍ଲାଉଣ୍ଟ୍ କହୁଥିଲେ ।

''କିଛି ଭାବନ୍ତୁନି । ମୁଁ ଆପଣଙ୍କୁ ଅନେକ ସାହାଯ୍ୟ କରିବି ।'' ତରୁଣ ରାଲେ କଥାଟାକୁ ହାଲୁକା କରିବାକୁ ଚେଷ୍ଟାକରୁଥିଲେ ।

ଟେମସ୍‌ରେ ନୌକା ପଡ଼ିଲା । ''ଦୁନିଆରେ ଦୁଇଟି ଜିନିଷର ତୁଳନା ନାଇଁ– ଗୋଟିଏ ଏଇ ଆକାଶର ସୂର୍ଯ୍ୟ । ଅନ୍ୟଟି ଏଇ ଟେମସ୍ !'' ରାଲେ କହିଲେ ବ୍ଲାଉଣ୍ଟଙ୍କୁ ।

''ଗୋଟିଏ ଆମକୁ ଗ୍ରୀନ୍‌ଉଇଚ ରାଜବାଟୀରେ ଆଲୁଅ ଦେଖାଇବ, ଆରଟି ଆମକୁ ଜୁଆର ଉଠାଇ ଶୀଘ୍ର ନେଇଯିବ ।'' ବ୍ଲାଉଣ୍ଟ କହୁଥିଲେ ଚିନ୍ତାନ୍ୱିତ ଭାବରେ ।

ରାଲେ ଟିକେ ଅଧୈର୍ଯ୍ୟହେଲେ । ''ଆପଣ ଖାଲି ସେଇ ଗୋଟାଏ କଥା ଭାବୁଛନ୍ତି ଯେ !...ଏଇ ରାଣୀ ! ଆଉ ତିନୋଟି ଲୋକର ଅଳସୁଆ ଯାତ୍ରା !''

ବ୍ଲାଉଣ୍ଟ କହିଲେ, ''ତା' ନହେଲେ ମୁଁ ଏଇ ନଈକି ଆଉ ସୂର୍ଯ୍ୟକୁ ବେଶ୍ କ୍ଷମା ଦେଇପାରନ୍ତି । ମୋ ଇଚ୍ଛା ବିରୁଦ୍ଧରେ ଯେ ଯିବାକୁ ହେଉଚି !''

ଟ୍ରେସି କହିଲେ, ''ଆମ ଏ ଯାତ୍ରା ନିରର୍ଥକ ହେବ କି ? ଏଇ ଦେଖ ରାଜକୀୟ ନୌକାଭେଳା । ବୋଧେ ରାଣୀ କୋଉଠିକି ଯାଉଛନ୍ତି ।''

ଅଳ୍ପ ଦୂରରେ ରାଣୀଙ୍କ ପତାକା ଉଡୁଥିଲା । ରାଜକୀୟ ନୌକାଭେଳା । ସଜ୍ଜିତ ଟେମସ୍‌ରେ । ରାଜବାଟୀଠୁ ନଈକୂଳ ଯାଏ ସୈନ୍ୟ ଛିଡ଼ା ।

''ଚାଲ ଫେରିଯିବା । ଯା' ଦେଖିଲେ ଆର୍ଲଙ୍କୁ କହିବା ।

''ଯା' ଦେଖିଲ ? କ'ଣ ଆମେ ଦେଖିଲେ କି ? ନୌକାଭେଳା । ଉଜ୍ଜ୍ୱଳ ନିଆଁରଙ୍ଗର ପୋଷାକପିନ୍ଧା କେତେକ ସିପାହି !– ଏଇ ତ ? ଆମକୁ ଯିବାକୁହେବ– ରାଣୀଙ୍କୁ ଦେବାକୁହେବ ଏ ବାର୍ତ୍ତା !'' ରାଲେ ଜୋର୍ କଲେ ।

ନୌକା ଲାଗିଲା କୂଳରେ । ସେମାନେ ଡେଇଁପଡ଼ି କୂଳରେ ପହଞ୍ଚିଲେ, ରାଲେ ସାଥୀ ଦୁଇଜଣଙ୍କ ଭୀତି ବେଶ୍ ଉପଲବ୍ଧି କରୁଥିଲେ ।

''ଚାଲନା, ନୌକା ଲେଉଟାଇବା–'' ବ୍ଲାଉଣ୍ଟ କୁନ୍ଥୁକୁନ୍ଥୁ ହେଲେ ।

''ନା, ରାଣୀଙ୍କି ନଦେଖି ନୁହେଁ !'' ରାଲେ ଦୃଢ଼ ଥିଲେ ।

ରାଣୀ ଏଲିଜାବେଥ୍ ଆସୁଛନ୍ତି । ପାରିଷଦମାନେ ଉଭୟ ପାଖେ ଫାଟକଠି ଛିଡ଼ାହୋଇଛନ୍ତି । ରାଜବାଟୀର ମହିଳାମାନେ ତାଙ୍କ ପଛରେ ଅନୁସରଣ କରୁଥିଲେ । ଏଲିଜାବେଥ୍‌ଙ୍କର ଏହାଇ ଥିଲା ଯୌବନର ମଧ୍ୟକାଳ । ରୂପଶୋଭାରେ ସେ ଝଲସୁଥିଲେ । ରାଣୀଙ୍କି ଏତେ ପାଖରେ ରାଲେ କେବେ ଦେଖିନଥିଲେ । ସେ ଆଗକୁ ଆଗକୁ ମାଡ଼ିଯାଉଥିଲେ । ତାଙ୍କ ସାଙ୍ଗମାନେ ପଛରୁ ଟାଣୁଥିଲେ । ତାଙ୍କର ଲାଲ ଉପରାଣଟା ଗୋଟାଏ ପାଖକୁ ଝୁଲିପଡ଼ିଥିଲା ଟଣାଟଣିରେ । ସେ ପାଖ ଦେଇ ରାଣୀ ଗଲାବେଳେ ଏ ତରୁଣକୁ ଦେଖିପାରିଲେ ।

ଗଲା ରାତିରେ ମେଘ ହୋଇଥିଲା । ରାଣୀ ଯେଉଁ ବାଟ ଦେଇ ଯିବେ, ସେଠି

ଥିଲା କିଛି କାଦୁଅ । କିମିତି ସେ କାଦୁଅରେ ଯିବେ ? ଦୋଦୋପାଞ୍ଚ ହେଉଥିଲେ । ନିଜର ନୂଆ ଲାଲ ଭେଲଭେଟ ଚଦରଟାକୁ କାଦୁଅ ଉପରେ ଟାଣିଦେଲେ ରାଲେ । ଜଣାଇଲେ ଲମ୍ବା ପ୍ରଣାମ । ଏଲିଜାବେଥ୍ ଚାହିଁରହିଲେ ଏ ସୁନ୍ଦର ତରୁଣଙ୍କୁ । ଗାଲରେ ରଙ୍ଗ ଉକୁଟିଲା । ସେ ହସିଦେଲେ । ଚଦର ଉପରେ ପାଦ ପକାଇ ନୌକାଭେଳାକୁ ଗଲେ ରାଣୀ । ପଛପାଖୁ ବ୍ଲାଉଣ୍ଟ କହିଲେ, ''ଚାଲନ୍ତୁ, ଆପଣଙ୍କ ଚଦରଟାକୁ ସଫା କରିବାକୁ ହେବ ।''

''ଏ ମୋ'ଠାରେ ଥିବାଯାଏଁ ଇମିତି ରହିଲା ।'' ରାଲେ ଚଦରଟି ଯତ୍ନରେ ଚଉତିଲେ । ହଠାତ୍ ରାଜଡଗର ଆସି ପହଞ୍ଚିଲା– ''ଆପଣ...ଆପଣ ସେଇ ତରୁଣ ଭଦ୍ର ? ହୁଏତ ଆପଣଙ୍କର ଚଦର ନାଇଁ...ଥିଲେ କାଦୁଅ ହେଇଯାଇଚିନା ? ଆସନ୍ତୁ...''

''କିନ୍ତୁ ମୁଁ ବ୍ଲାଉଣ୍ଟ୍ ! ସସେକ୍ସଙ୍କ ଅଶ୍ୱ-ସେନାନି !'' ବ୍ଲାଉଣ୍ଟ୍ କହିଲେ ।

''ଏହାଙ୍କୁ ଡାକିବାକୁ ରାଣୀଙ୍କ ଆଦେଶ ଅଛି ।'' ରାଲେ ଡଗର ପଛେ ପଛେ ଚାଲିଲେ ।

''କିଏ ଏତେ କଥା ଜାଣିଥିଲା ?'' ଦୁଃଖିତ ବ୍ଲାଉଣ୍ଟ ଟ୍ରେସିଙ୍କ ସହ ନୌକାକୁ ଫେରିଲେ ।

ରାଜକୀୟ ନୌକାରେ ବସିଲେ ରାଲେ । ତାଙ୍କୁ ମହାରାଣୀଙ୍କ ପାଖକୁ ନିଆଗଲା । ମହାରାଣୀଙ୍କ ମୁଣ୍ଡ ଉପରେ ଝୁଲୁଥିଲା ଏକ ମୂଲ୍ୟବାନ୍ ଚାନ୍ଦୁଆ । ଦରବାରର ଅନେକ ଭଦ୍ରଲୋକ ଓ ମହିଳା ତାଙ୍କ ପାଖରେ । ରାଲେ ରାଣୀଙ୍କୁ ଆଣ୍ଠୁ ନୁଆଁଇ ସମ୍ମାନ ଦେଲେ ।

''ମୋ ଯୋଗୁଁ ତୁମର ଗୋଟାଏ ଚମତ୍କାର କପଡ଼ା ଆଜି ନଷ୍ଟ ହୋଇଗଲା– ଏ ଲାଗି ଧନ୍ୟବାଦ...ଯଦିବା ଏ ଗୋଟାଏ ଅସାଧାରଣ ଦୁଃସାହସ ।''

''ସାମ୍ରାଜ୍ଞୀଙ୍କ କାମରେ ଦୁଃସାହସ ଅନେକ ଲୋଡ଼ା ହଜୁର !'' ରାଲେଙ୍କ କାନ୍ଧ ଉପରେ ଝୁଲୁଥିଲା କାଦୁଅମଖା ଚଦରଟା ।

''ଠିକ୍ କହିଲ ତ !'' ରାଣୀ ତାଙ୍କ ପାରିଷଦମାନଙ୍କୁ ଅନାଇଲେ । ତୁମ ସାହସର ପୁରସ୍କାର ନିଶ୍ଚୟ ପାଇବ । ଯାଅ ରାଜବାଟୀର ପୋଷାକରକ୍ଷକ ପାଖକୁ । ସେ ତୁମକୁ ଆଧୁନିକତମ ପୋଷାକ ଦେବେ ।''

''ଆପଣ ଯଦି ଅନୁମତି ଦିଅନ୍ତି ।'' ୱାଲ୍‌ଟର୍ ଶଙ୍କିତ । ''ମୁଁ...''

''ତା' ବଦଳରେ ସୁନା ନେବ ? ନା, ଯୁବକ ! ସୁନା ନେଲେ ତମେ ଚୂନା ହେଇଯିବ । ହଁ, ସୁନା ପାଇବ, ଯଦି ତା'ର ଠିକ୍ ବ୍ୟବହାର କରିପାରିବ !''

ୱାଲ୍‌ଟର୍ କହିଲେ, ''ମୁଁ ସୁନା ଚାହେଁନି...ଚାହେଁନି କନା !''

''ଆଚ୍ଛା ! ତେବେ...''

''ଅନୁମତି... ?''

''ଅନୁମତି କ'ଣ ପାଇଁ... ?''

''ସେଇ ପୋଷାକଟି ପିନ୍ଧିବାକୁ ମଣିମା !''

''ତୁମ ପୋଷାକ ତୁମେ ପିନ୍ଧିବ– ସେଥିରେ ଅନୁମତି ? ବୋକା !''

''ସେ ତ ମୋର ହୋଇ ରହିନି । ଆପଣଙ୍କ ପାଦ ବାଜି ତା'ର ଜନ୍ମାନ୍ତର ହୋଇଯାଇଚି । ସେ ଏବେ କୌଣସି ରାଜକୁମାରର ଯୋଗ୍ୟ । ପୂର୍ବର ମାଲିକ ପାଇଁ ପରମ ସମ୍ପଦ ସେ ।''

ଲାଜେଇଲେ ରାଣୀ । ଆଶ୍ଚର୍ଯ୍ୟ ହେଲେ । କ'ଣ କହିବେ ? ପଦ ପଇଟିଲାନି । ''ପାରିଷଦଗଣ, ଏପରି କଥା କେବେ ଶୁଣିଥିଲେ ? କିଏ ତୁମେ ଯୁବକ ?''

ରାଲେ ମୁଣ୍ଡ ନୁଆଁଇଲେ । ''ସସେକ୍‌ସ ପରିବାରର ମଣିମା ! ଆସିଥିଲି ତାଙ୍କ ଅଶ୍ୱାଧିପତିଙ୍କସହ । ଆପଣଙ୍କ ପାଇଁ ଥିଲା ମୋ ମାଲିକଙ୍କ ଏକ ବାର୍ତ୍ତା ।''

ରାଣୀଙ୍କ ମୁହଁର ଲାବଣ୍ୟ ବଦଳିଲା । ରୁକ୍ଷତା ଆଭାସିଲା । ''ମୁଁ ଜାଣେ ସସେକ୍‌ସ ମୋ ସଙ୍ଗେ ଯୋଉ ବ୍ୟବହାର ଦେଖାଇଲେ । ମୋ ଡାକ୍ତରଙ୍କୁ ପଠାଇଲି– ସଶସ୍ତ୍ର ପ୍ରହରୀ ତାଙ୍କୁ ବାଟ ଓଗାଳିଲେ । ମୋ ନାଁ କହିଲେ– ତେବେ ବି ବାଟ ଛାଡ଼ିଲେନି । ନା ନା, ଏ ବ୍ୟବହାରର କ୍ଷମା ନାଇଁ ।''

ଏପରି ଚଢ଼ାଗଳାରେ ଏ କଥାଗୁଡ଼ିକ ରାଣୀ କହିଲେ ଯେ, ସସେକ୍‌ସଙ୍କ ବନ୍ଧୁମାନେ ବିପଦ ଗଣିଲେ । କିନ୍ତୁ ୱାଲଟର୍ ଅବିଚଳିତ ।

''ମଣିମା, ମୁଁ ସସେକ୍‌ସଙ୍କଠାରୁ କ୍ଷମା ପାଇଁ ଆସିନି ।''

''ତେବେ... ?'' ରାଣୀ ଆହୁରି ବିଗିଡ଼ିଲେ ।

''ମୋ ପ୍ରଭୁ ଶୋଇଯାଇଥିଲେ । ଗୋଟାଏ ଔଷଧର ପ୍ରଭାବ । ପ୍ରାୟ ଅଚେତନ । ଆଜି ସକାଳେ ଉଠିଲେ । ଏ ଭିତରେ କ'ଣ ଘଟିଲା ନଘଟିଲା ସେ କିଛି ଜାଣନ୍ତିନି । ଜାଣିଲା ପରେ ସେ ଦୋଷୀକି ଆପଣଙ୍କ ପାଖକୁ ପଠାଇଛନ୍ତି– ଦଣ୍ଡ ବିଧାନ କରନ୍ତୁ ।''

''ଓ ! ତେବେ...ତେବେ କିଏ ସେଇ ଦୁଃସାହସୀ ?'' ରାଣୀ ଆଶ୍ଚର୍ଯ୍ୟ !

''ଦୋଷୀ ଆପଣଙ୍କ ଆଗରେ ହଜୁର୍ । ସବୁ ଦୋଷ ମୋର ।'' ସେ ନଇଁଯାଇଥିଲେ ।

''ତୁମେ... ? ତୁମେ ସାହସ କଲ ମୋ ଡାକ୍ତରଙ୍କୁ ଫେରାଇଦେବାକୁ ?''

''ଆଜ୍ଞା ! ଆମେ କହୁ ଡାକ୍ତର ରୋଗୀର ବିଚାରକ । ମୋ ପ୍ରଭୁ ଥିଲେ ଜଣେ ଡାକ୍ତରଙ୍କ ଚିକିତ୍ସାରେ । ସେଇ ଡାକ୍ତର ଆଦେଶ ଦେଇଥିଲେ ନିଦ ନ ଭାଙ୍ଗିବାକୁ । ଏଥିରେ ତାଙ୍କର ଜୀବନର ଭୟ ଥିଲା ।''

''ତୁମ ମାଲିକ ଗୋଟାଏ ମିଥ୍ୟାଚାରୀ ଡାକ୍ତରଙ୍କୁ ବିଶ୍ୱାସ କରନ୍ତି ।''

''ମୁଁ ଭାବୁନି ମଣିମା । ଆଜି ସେ ଅନେକଟା ସତେଜ ଓ ପ୍ରଫୁଲ୍ଲ ଥିଲେ । ବହୁତ

ଦିନ ପରେ ଏଇ କାଲି ଯା' ଶୋଇଛନ୍ତି...''

ଶୁଣୁଥିବା ପାରିଷଦ ଓ ମହିଳାମାନେ ବେଶ୍ ଉପଭୋଗ କରୁଥିଲେ ଏ କଥାଭାଷା ।

ସଙ୍ଗେ ସଙ୍ଗେ ରାଣୀ କହିଲେ, ''ଖୁସିର କଥା । ହେଲେ, ମୋ ଡାକ୍ତରଙ୍କୁ ମନା କରିବା ଗୋଟାଏ ଅବାଞ୍ଛିତ ଦୁଃସାହସ ! ଶାସ୍ତ୍ର ତ କହୁଚି ବହୁ ଆଲୋଚନା ସବୁବେଳେ ନିରାପଦ ।''

''ଠିକ୍ କଥା ଆଜ୍ଞା'' ରାଲେ ଉତ୍ତରରେ ବିଳମ୍ବ କଲେନି । ''ଜ୍ଞାନୀ ଲୋକେ କହିବା ଶୁଣିଚି– ଏ ନିରାପତ୍ତା ଡାକ୍ତରଙ୍କ ପାଇଁ ନୁହେଁ ରୋଗୀ ପାଇଁ ।''

''ଆଚ୍ଛା... ! ସତେ ନା ?'' ହସିପକାଇଲେ ରାଣୀ । ''କ'ଣ ତୁମ ନାଁ ? କୋଉଠି ଜନ୍ମ ?''

''ପରମ ଦୟାଶୀଳା, ମୋ ନାଁ ରାଲେ । ଡେଭନ୍‌ଶାୟାର୍‌ର ଏକ ବଡ଼ ସମ୍ମାନିତ ପରିବାରରେ ମୋର ଜନ୍ମ ।''

''ରାଲେ... ! ରାଲେ... !! ନାଁ ଶୁଣିଚି...ହଁ, ଆୟାର୍ଲାଣ୍ଡ ଯୁଦ୍ଧରେ...''

''ଲଢୁଥିଲି ଅବଶ୍ୟ ! ହେଲେ, ମହାରାଣୀ ଜାଣିବା ଯୋଗ୍ୟ ସେ ଯୁଦ୍ଧ ନୁହେଁ ।''

''ତୁମେ ଯା' ଭାବୁଚ...ତହିଁରୁ ମୁଁ ଅଧିକ ଜାଣେ । ତମେ ନା ସେଇ ଯୁବକ, ଯିଏ ଶାନନ୍ କୂଳରେ ଗୋଟାଏ ପାଗଳ ଆଇରିଶ୍ ବିଦ୍ରୋହୀ ଦଳ ବିରୁଦ୍ଧରେ ଏକାକୀ ଲଢୁଥିଲ ?''

''କିଛି ରକ୍ତ ଢାଳିଚି । ହେଲେ, ମହାରାଣୀଙ୍କ ସେବାରେ ତାହା ତ ଲାଗିବା ଉଚିତ ।''

ରାଣୀ ଟିକେ ଥମିଗଲେ । ଏ ଗଜା ବୟସ– ଏଥିରେ ଏତେ ସାହସ ! ଏତେ ଚାତୁରୀ ! କି ଚମତ୍କାର ବ୍ୟବହାର ! ''ହେଲେ, ଆମ ଡାକ୍ତରଙ୍କୁ ଫେରାଇଦେବା ଅପରାଧରୁ ତମେ କ୍ଷମା ପାଇପାରିବନି । ତୁମକୁ ପିନ୍ଧିବାକୁ ହେବ ସେ ମଇଳାକପଡ଼ା । ଆଉ ନିଅ– ଏ ସୁନା– ଗଳା ପାଖେ ପିନ୍ଧିବ ।''

ରାଲେ ରାଣୀଙ୍କ ପାଖେ ଆଣ୍ଠେଇଲେ । ଯୋଉ ସୁନ୍ଦର ହାତଟି ଅର୍ପଣ କରୁଥିଲା ସୁନା, ତାକୁ ଆଦରରେ, ସମ୍ମାନରେ ଚୁମାଦେଲେ । ରାଲେ ଜାଣନ୍ତି, ରାଣୀ ସୌନ୍ଦର୍ଯ୍ୟାଭିମାନିନୀ । ରାଣୀଙ୍କ ଗର୍ବ, କ୍ଷମତାଲିପ୍ସା ସବୁକୁ ସେ ଏଇପରି ସନ୍ତୁଷ୍ଟକରିଦେଲେ ତା'ହେଲେ ତାଙ୍କ ମାଲିକଙ୍କ ମଙ୍ଗଳ ହେବ ।

ପାରିଷଦମାନଙ୍କୁ କହିଲେ ରାଣୀ, ''ସସେକ୍‌ସଙ୍କୁ ଦେଖିଯିବା । ସେ ଅସୁସ୍ଥ । ପୀଡ଼ିତ । ମୋ ରାଗକଥା ଶୁଣି ସେ ଆହୁରି ପୀଡ଼ା ପାଉଥିବେ ।'' ରାଜକୀୟ ନୌବହର ମୁହଁ ବୁଲାଇଲା । ହଜାର ହଜାର ଲୋକ ଆନନ୍ଦରେ ପାଟି କରି ମହାରାଣୀଙ୍କ ସ୍ୱାଗତ ଜଣାଇଲେ ।

ମୁଣ୍ଡ ଉପରେ ତାଙ୍କର ଟେକାହୋଇଥାଏ ଛତ୍ର । ରାଜଛତ୍ର । ଶହ ଶହ ଲୋକ, ଗହ ଗହ ଶବ୍ଦ । ମହାରାଣୀଙ୍କ ଜୟଜୟକାର ଶବ୍ଦ ଚାରିଆଡ଼କୁ ଚମକାଇ ଦେଉଥାଏ । ସସେକ୍‌ସ ଏବଂ ଟ୍ରେସିଲିଆନ୍ ବିଚାର କରୁଥିଲେ ମହାରାଣୀଙ୍କୁ କିପରି ସନ୍ତୁଷ୍ଟ କରାଯିବ ଆଉ ଟ୍ରେସିଲିଆନ୍‌ଙ୍କ ଦରଖାସ୍ତ ତାଙ୍କ ପାଖରେ ପେଶ୍ କରାଯିବ । ସେମାନେ ଶୁଣିପାରିଲେ ପାଟିଗୋଳ । ଆର୍ଲ ଚମକିପଡ଼ିଲେ । ଛି ! ଛି ! ଏ ଘରଦ୍ୱାର କ'ଣ ହେଇଚି ? ନିଜେ ରୋଗରେ ପଡ଼ି ପଡ଼ି କିମିତି ଦିଶୁଛନ୍ତି ? ଏତେ ଶୀଘ୍ର ରାଣୀଙ୍କୁ ଯଥାଯୋଗ୍ୟ ସ୍ୱାଗତ ଦେଇହେଉନି । ମନରେ ଅବସୋସ ଭରିଗଲା । ସଙ୍ଗେ ସଙ୍ଗେ ସଜ ହେଲେ । ଧାଇଁଲେ ରାଣୀଙ୍କି ପାଛୋଟି ଆଣିବାକୁ । ହେଲେ ତାଙ୍କର ଆଗ ଚେହେରା ନଥିଲା । ଲେସେଷ୍ଟର ତାଙ୍କ ତୁଳନାରେ କେତେ ଆକର୍ଷକ ! ଆଉ ମହାରାଣୀଙ୍କ ଭ୍ରୂ ମଧ୍ୟରେ ଗୋଟାଏ ଗୁପ୍ତ କଳାମେଘ ! ରାଣୀ ଦେଖିଲେ ସହସ୍ର ସହସ୍ର ସୈନ୍ୟ ସଏଲ୍ କୋର୍ଟରେ ଭରିଛନ୍ତି । ସଙ୍ଗେ ସଙ୍ଗେ କହିଲେ, ''ଏ କ'ଣ ସସେକ୍‌ସ ? ଗୃହଯୁଦ୍ଧ ପାଇଁ ଏମାନେ ଠୁଳହୋଇଛନ୍ତି କି ?''

ସସେକ୍‌ସ ଶଙ୍କିଲେ । ଆତଙ୍କିତ ହେଲେ । ଏଣେ ଖୁବ୍ ଅଳ୍ପ ସମୟ ପାଇଁ ରାଣୀ ସେଠି ରହିଲେ । କହିଲେ, ''ଆପଣ ରୋଗମୁକ୍ତ ହେଉଥିବା ଶୁଣି ଆମେ ଖୁସିହେଲୁ, ଯଦିବା ଆମେ ଯୋଉ ଅଭିଜ୍ଞ ଡାକ୍ତରଙ୍କୁ ପଠାଇଥିଲୁ, ତାଙ୍କ ସାହାଯ୍ୟ ନିଆ ହୋଇନି ! ସେ ଦିଗରେ ଆମର କିଛି କହିବାର ନାଇଁ । ଆମେ ଦୋଷୀ ରାଲେଙ୍କୁ ଦଣ୍ଡ ଦେଇ ସାରିଚୁ । ଆଉ ଠିକ୍ କରିଚୁ– ଆପଣଙ୍କ ଠାରୁ ମୁକ୍ତି ଦେଇ ଆମ ପ୍ରାସାଦରେ ରଖିବୁ । ଏଠି ଖାଲି ସୈନିକମାନଙ୍କ ଖେଳ । ସେଭଳି ଲୋକଙ୍କ ପାଇଁ ଏ ସ୍ଥାନ ଠିକ୍ ନୁହେଁ ।''

ସସେକ୍‌ସ କେବଳ ନୀରବ ରହିଲେ । ସେଇ ତାଙ୍କର ସମ୍ମତି । ଜଳଯୋଗ ପାଇଁ ରାଣୀଙ୍କି ଅନୁରୋଧ କଲେ– ମଙ୍ଗେଇ ପାରିଲେନି । ଏତେ ବଡ଼ ଅନୁଗ୍ରହ ! ଇଂଲଣ୍ଡର ରାଣୀ ତାଙ୍କ ଘରକୁ ଆସିଥିଲେ; କିନ୍ତୁ ତାଙ୍କର ଚର୍ଚ୍ଚା ହୋଇପାରିଲାନି । ତାଙ୍କୁ ସନ୍ତୁଷ୍ଟ କରିହେଲାନି । ଅଳ୍ପ ସମୟ ପରେ ରାଣୀ ଚାଲିଗଲେ । ହେଲେ ଛାଡ଼ିଦେଇଗଲେ ସସେକ୍‌ସଙ୍କ ପାଇଁ ଏ ସ୍ଥାନ ଠିକ୍ ନୁହେଁ ।''

ସସେକ୍‌ସ କେବଳ ନୀରବ ରହିଲେ । ସେଇ ତାଙ୍କର ସମ୍ମତି । ଜଳଯୋଗ ପାଇଁ ରାଣୀଙ୍କି ଅନୁରୋଧ କଲେ– ମଙ୍ଗେଇ ପାରିଲେନି । ଏତେ ବଡ଼ ଅନୁଗ୍ରହ ! ଇଂଲଣ୍ଡର ରାଣୀ ତାଙ୍କ ଘରକୁ ଆସିଥିଲେ; କିନ୍ତୁ ତାଙ୍କର ଚର୍ଚ୍ଚା ହୋଇ ପାରିଲାନି । ତାଙ୍କୁ ସନ୍ତୁଷ୍ଟ କରିହେଲାନି । ଅଳ୍ପ ସମୟ ପରେ ରାଣୀ ଚାଲିଗଲେ । ହେଲେ ଛାଡ଼ିଦେଇଗଲେ ସସେକ୍‌ସଙ୍କ ପାଇଁ ଅନେକ କିଛି । କେତେ ସନ୍ଦେହ ! କେତେ ଆଶଙ୍କା ! ସସେକ୍‌ସ ଖୋଜିଲେ ଟ୍ରେସିଲିଆନଙ୍କୁ ।

ମହାରାଣୀଙ୍କ ଦରବାରରେ

''ମହାରାଣୀଙ୍କ ଆଦେଶ ମୁଁ ତାଙ୍କୁ କାଲି ଦେଖାକରିବି । କୁଆଡ଼େ ସସେକ୍ସ ମୋତେ ମିଳାଇ ଦେବାକୁ ଚାହାନ୍ତି ।'' ଆର୍ଲ ଲେସେଷ୍ଟର୍ ବାର୍ଣିକି କହୁଥିଲେ ।

ବାର୍ଣି କହିଲା, ''ସସେକ୍ସର ଏଥର କ୍ଷତି ହୋଇଛି । ରାଣୀଙ୍କ ସହଚରୀମାନେ ଥଟ୍ଟା କରୁଥିଲେ । ସେଟା କୁଆଡ଼େ ସୈନିକ ଶିବିର ପରି ଦିଶୁଥିଲା । ବାସୁଥିଲା ଡାକ୍ତରଖାନା ପରି ।''

''ହଁ, ସେମିତି ଯେ ! ରାଣୀ ଏବେ ଉପଗ୍ରହଟିଏ ଆଣିଛନ୍ତି । ତାଙ୍କ ଚାରିପାଖେ ସେ ବେଶ୍ ଘୂରିବ...''

''ରାଲେ କଥା କହୁଛନ୍ତି ତ !... ସେଇ ଲର୍ଡ କ୍ଲୋକ୍ ।''

''ସେ ତ ମାଡ଼ିଚାଲିଛି । ଯେକୌଣସି ସମୟରେ ସେ ହୋଇଉଠିବ ଏକ ଲର୍ଡ ବା ସାମନ୍ତ ! ମୋତେ କିଏ ଠେଲି, କହୁଣେଇ ବାହାର କରିଦେବ, ସହିପାରିବିନି । ପ୍ରୟୋଜନ ହେଲେ, ମୁଁ ରାଣୀଙ୍କ ଦରବାର ଛାଡ଼ିଦେଇପାରେ...'' ସେ ଟିକିଏ ରହିଲେ । ''ଶୁଣୁଚି ସସେକ୍ସ ସଙ୍ଗେ ଟ୍ରେସିଲିଆନ୍ ଭଲ ଅଛନ୍ତି ! ପୁଣି ସସେକ୍ସ ଭଲହୋଇଗଲେଣି ।''

''ଉଠିବାର ରାସ୍ତାଟା ଉଠାଣିଆ ଆଜ୍ଞା । ତେବେ ସସେକ୍ସଙ୍କୁ ଡରିବାର କୌଣସି କାରଣ ନାହିଁ । ଧୈର୍ଯ୍ୟ ଧରନ୍ତୁ ନା ।''

''ଅଧୀର ନୁହେଁ ମୁଁ ବାର୍ଣି !''

''ହେଲେ ଯେ ଗଛ ଚଢ଼ିବ, ସେ ଡାଳକୁ ଧରିବ— ଫୁଲକୁ ଧରି ଚଢ଼ିପାରିବନି ।''

''ଆଚ୍ଛା ଆଚ୍ଛା ! ତମେ ଯେଉଁ ଫୁଲ କଥା କହୁଚ ମୁଁ ବୁଝିଲିଣି ।'' ଲେସେଷ୍ଟରଙ୍କ ଗଳାରେ ଅଧୀରତା ଓ ଅସହଣିଭାବ । ''ଯାଅ, ଆମ ଅନୁଚରମାନଙ୍କୁ ଠିକ୍ କର । ଦେଶର ଯେକୌଣସି ଲର୍ଡ ବା ଆର୍ଲଙ୍କ ଲୋକଙ୍କଠାରୁ ଆମ ଲୋକେ ଅଧିକ ଝଲସୁଥିବେ । ତୁମ ପାଇଁ ବି କାମଅଛି...''

ସସେକ୍ସରେ ମଧ୍ୟ ସେଇପରି ବ୍ୟସ୍ତ ପ୍ରସ୍ତୁତି ଚାଲିଥିଲା । ଟ୍ରେସିଲିଆନ୍‌ଙ୍କୁ କହିଲେ ସସେକ୍ସ, ''ତମ ଦରଖାସ୍ତଟା ରାଣୀଙ୍କ ପାଖକୁ ଯାଇଚି । ନ୍ୟାୟ ମିଳିପାରେ । ହେଲେ ସେଇ ଯାଯାବରଟା ରାଣୀଙ୍କ କାନକୁହାପାଲଟିଚି ।'' ସସେକ୍ସ ଲସେଷ୍ଟର୍‌ଙ୍କୁ ଯାଯାବର କହନ୍ତି । ''ଯୁଦ୍ଧବେଳେ ମୋ ପାଳି । ଶାନ୍ତିବେଳେ କିନ୍ତୁ ଯାଯାବର ଫାଇଦା ଉଠାଏ । ହଉ, ଆମର ବି ପାଳି ଆସିବ । ବ୍ଲାଉଣ୍ଟ, ଆମ ଲୋକେ...''

''ହଜୁର ପ୍ରସ୍ତୁତ ହେଉଛନ୍ତି । ରାଲେଙ୍କ ଦାୟିତ୍ୱ । ଆମ ଲୋକେ ସକାଳର ଆଲୁଅ ପରି ଝଲମଲ କରିବେ । କିନ୍ତୁ ଖର୍ଚ୍ଚ...''

''ସେଥିକୁ ଡରନି ବ୍ଲାଉଣ୍ଟ । ରାଲେ ଆମପାଇଁ ଅନେକ କିଛି କଲେ ।''

Digitalization by :-
Deb's Library Corner...

"ଆପଣଙ୍କ ଜ୍ଞାତି ପରିଜନ ସବୁ ପହଞ୍ଚୁଛନ୍ତି । ଏଥର ଲେସେଷ୍ଟର୍ ଆମଠୁଁ ଶିଖିବେ ।" ବ୍ଲାଉଣ୍ଟ କହିଲେ ।

"କହିଦିଅ– କୌଣସି ଗୋଳମାଳ ଯେପରି ନହୁଏ । ନହେଲେ, ଲେସେଷ୍ଟର ମାରିନେବେ ସୁବିଧା । ଆମ ସୈନିକମାନେ ଟିକିଏ ବୋକା ନୁହନ୍ତି କି ! କଥାକଥାକେ ତଲୁଆର ! ଏ ସବୁ ହେବନି ଯେପରି..." ଆର୍ଲ ସାବଧାନ କରିଦେଲେ ।

ଉଭୟ ପ୍ରତିଦ୍ୱନ୍ଦ୍ୱୀ ଏଇପରି ପ୍ରସ୍ତୁତ ହେଉଥିଲେ– ରାଣୀଙ୍କ ଦରବାରରେ ନିଜର ପ୍ରୌଢ଼ି ଦେଖାଇବେ । ଆଉ ରାଣୀ କମ୍ ବ୍ୟସ୍ତ ନଥିଲେ । ଦେଶଟାରେ ଉଭୟଙ୍କର ଅନେକ ଅନୁଚର ।

ସେ ସମୟ ଆସିଲା । ଉଭୟେ ଏକାବେଳେ ପ୍ରବେଶକଲେ ଦରବାର ହତାରେ । ଉଭୟେ ଉଭୟଙ୍କୁ ପୂରାପୂରି ଦେଖୁଥିଲେ– କିନ୍ତୁ ନଥିଲା କୌଣସି ଅଭିବାଦନ– ସତେ ଯେପରି କେହି କାହାକୁ ଚିହ୍ନେନି । କିଏ କାହାକୁ ପ୍ରଥମେ ସମ୍ମାନ ଦେବ ? ଉଭୟଙ୍କ ପାଇଁ ଏକାବେଳକେ ଘଣ୍ଟି ବାଜିଲା । ଆଉ ସେମାନେ ଦରବାର ହଲ୍‌ରେ ପ୍ରବେଶ କଲେ ଏକାବେଳେ । ଅନ୍ୟ ଅନୁଚରମାନେ ରହିଲେ ପଛରେ । ଉଭୟ ଦଳ ମଧ୍ୟରେ ଈର୍ଷା ଓ ଘୃଣାର ନିଆଁ ଗୁମୁରୁଥିଲା ! ଦୁଇଟି ଧାରା...ଦୁଇଟି ନଈର– ଏକାଠି ମିଶିବା କଥା । କିନ୍ତୁ ପ୍ରତ୍ୟେକେ ଅନ୍ୟଠାରୁ ଦୂରକୁ ଚାଲିଯାଉଛନ୍ତି । ଦୁଇଟି ଦିଗରେ ଦୁଇଦଳ ପ୍ରସ୍ତୁତ ହୋଇ ରହିଲେ ।

ଲମ୍ବା ଗାଲେରିର ଉପରପାଖ କବାଟ ଖୋଲିଲା । ଗୁଞ୍ଜରଣ ଖେଳିଗଲା; ରାଣୀ ଏଇ ନିକଟବର୍ତ୍ତୀ କୋଠରିରେ ଅଛନ୍ତି । ଦୁଇଜଣଯାକ ଆର୍ଲ ଦ୍ୱାର ପାଖକୁ ଘୁଞ୍ଚିଗଲେ ।

ଅସାଧାରଣଭାବେ ଚମତ୍କାର ଦିଶୁଥିଲେ ରାଣୀ । ତାଙ୍କୁ ଘେରିରହିଥିଲେ ଦେଶର ବଡ଼ବଡ଼ ରାଜନୀତିଜ୍ଞ ଓ ପରାମର୍ଶକମାନେ । ଉଭୟେ ତାଙ୍କୁ ନମ୍ରଭାବେ ସମ୍ମାନ ଜଣାଇଲେ । ଗମ୍ଭୀର ଭାବେ ରାଣୀ କହିଲେ, "ଲେସେଷ୍ଟର୍ ଆଉ ସସେକ୍‌ସ, ଆପଣ ଦି'ଜଣ ବନ୍ଧୁ ହୋଇ ରହନ୍ତୁ । ଅତୀତର ଦୋଷତ୍ରୁଟିକି ଭୁଲିଯାଆନ୍ତୁ– ଏହାଇ ଏ ମୁକୁଟର ଆଦେଶ ।"

ଦୁଇ ପ୍ରତିଦ୍ୱନ୍ଦ୍ୱୀ କେବଳ ପରସ୍ପରକୁ ଅନାଇଁ ରହିଲେ ।

"ସସେକ୍‌ସ ଆପଣଙ୍କୁ ଅନୁରୋଧ ! ଲେସେଷ୍ଟର୍, ମୋ ଆଦେଶ !"

ଉଭୟେ ଅଚଳ । ଅବାଧ୍ୟ । ରାଣୀଙ୍କ ରୋଷବିଦ୍ଧ ଗଳା ।

"ଆପଣ ଉଭୟଙ୍କୁ କହୁଚି ହାତ ମିଳାନ୍ତୁ । ଯେ ଅସ୍ୱୀକାର କରିବ, ସେ ହେବ ବନ୍ଦୀ । ଏ ସିଂହାସନ ନାଁରେ ଏହାଇ ମୋର ଆଦେଶ, ମୋ ଆଦେଶ ଯେ ନମାନିବ ମୁଁ ତା'ର ମୁହଁ ଚାହିଁବିନି ।"

"ବନ୍ଦୀ ହେବା ହୁଏତ ସହିହେବ"– ଲେସେଷ୍ଟର୍ କହିଲେ, "ମାତ୍ର ଆପଣଙ୍କ ଭେଟ ନପାଇଲେ ଜୀବନ ରହିବନି । ଆଲୁଅ ମିଳିବନି । ସସେକ୍‌ସ ଏଇ ମୋର ହାତ..."

''ଆଉ ମୋର ହାତ...'' ସସେକ୍‌ସ କହୁଥିଲେ, ''ଏହା ତ ସତ୍ୟ ଏବଂ ସାଧୁତାର । କିନ୍ତୁ...''

''ନା, ଆପଣ କିଛି କହିପାରବେନି''– ରାଣୀ କହିଲେ । ''ଯେତେବେଳେ ନେତାମାନେ ମିଳିଯିବେ, ଅନୁଚରମାନଙ୍କର କୌଣସି ମତଭେଦ ରହିବନି । ହଁ, ଲେସେଷ୍ଟର, ଆପଣଙ୍କର ସେ ବାର୍ଣି ସାର୍ ରୋବସାର୍ଟଙ୍କ ଝିଅକୁ ହରଣଚାଳ କରିଛି । କ'ଣ ହେଲା ଲେସେଷ୍ଟର୍ ? ମୁହଁ ଶୁଖିଲା ଦିଶୁଚି ! ଅସୁସ୍ଥ ଅଛନ୍ତି କି ?''

''ନା ମହାରାଣୀ''... ଲେସେଷ୍ଟର୍ ଖୁବ୍ କଷ୍ଟରେ କହିଲେ ।

''ମୁଁ ଆପଣଙ୍କ ଉପରେ ରାଗୁନି । ଅନୁଚରମାନଙ୍କ ଦୋଷ ପାଇଁ ଆପଣମାନେ ଦାୟୀ ନୁହନ୍ତି ତ ! କାହିଁ ସେ ବାର୍ଣି ?'' ରାଣୀଙ୍କ ଗଳା କୋମଳ ! ''ଡାକ ବାର୍ଣିକି, ଡାକ ଟ୍ରେସିଲିଆନ୍‌କୁ ।''

ଉଭୟେ ସଙ୍ଗେ ସଙ୍ଗେ ହାଜରହେଲେ । ବାର୍ଣି ପହିଲେ ଲେସେଷ୍ଟର ଏବଂ ପରେ ରାଣୀଙ୍କୁ ଅନାଇଁ ରହିଲା । ସେ କିଛି ବୁଝିପାରିଲାନି । ସେ ବଡ଼ ଚାଲାକ । ନିଜ ଉପରେ ବିପଦ ମୁଣ୍ଡାଇ ନେବା ଭଲ– ପରେ ମାଲିକଙ୍କଠାରୁ ଅନେକ ସୁବିଧା ହାସଲ କରିହେବ ।

''ବାର୍ଣି ଏକଥା ସତକି– ତମେ ଲର୍ଡ ରୋବସାର୍ଟଙ୍କ କନ୍ୟା...''

ଆଣ୍ଠୋଇପଡ଼ିଲା ସିଏ । ସ୍ୱୀକାରକଲା ଆମୀ ରୋବସାର୍ଟ ଏବଂ ତା' ଭିତରେ ସେପରି ଗୋଟାଏ ଘଟଣା ଘଟିଚି ।

ରାଗିଉଠିଲେ ଲେସେଷ୍ଟର । କିନ୍ତୁ ମୁହୂର୍ତ୍ତକ ମଧ୍ୟରେ ବୁଝିନେଲେ– ଗୋପନ ବିବାହ ପଦାରେ ପଡ଼ିଲେ ସସେକ୍‌ସଙ୍କର ବିଜୟ ! ଏତେ ଶୀଘ୍ର ହାରିବାକୁ ସେ ପ୍ରସ୍ତୁତ ତ ? ସେ ଧୀର ଭାବେ ଶୁଣିବାକୁ ଲାଗିଲେ ।

''ଘଟଣା... ? କାହିଁକି, ପ୍ରକୃତ ପ୍ରେମ ଥିଲେ ବିବାହ ହୋଇପଡୁନ ?''

''ମୁଁ କହିବାକୁ ସାହସ କଲିନି ମଣିମା, ତାଙ୍କ ବାପା ଏଇ ଟ୍ରେସିଲିଆନ୍‌ଙ୍କୁ ବିବାହ ଦେବାକୁ ସ୍ଥିର କରିଥିଲେ ।''

''ଆଚ୍ଛା, କୋଉ ସାହସରେ ସମ୍ବନ୍ଧ ଭାଙ୍ଗିଲ ? ସେ ଝିଅ ବାହାହେଲାଣି ?''

ଲେସେଷ୍ଟରଙ୍କ ମନରେ ଅନେକ କଷ୍ଟ ଓ ଉଦ୍‌ବେଗ । ସତେ ଯେପରି ବାର୍ଣିର ଉତ୍ତର ଅପେକ୍ଷା କରେ ତାଙ୍କର ଜୀବନ ।

''ହଁ...'' ଟିକିଏ ଡେରିରେ ବାର୍ଣିର ଉତ୍ତର ଆସିଲା ।

''ମିଥ୍ୟାବାଦୀ...ବଦମାସ୍ !!'' ଲେସେଷ୍ଟର ପାଟିକରି ଉଠିଲେ ।

''ରହନ୍ତୁ– ରାଗନ୍ତୁନି । କାହାନ୍ତି ଟ୍ରେସିଲିଆନ୍ ?'' ରାଣୀ କହିଲେ ।

ଟ୍ରେସିଲିଆନ୍ ସମ୍ମାନ ଜଣାଇଲେ । ତାଙ୍କ ରୂପର ମୋହକତା ଓ ବ୍ୟବହାରର ରୁଚି ରାଣୀଙ୍କ ଆଖିରେ ଲୁଚିରହିଲାନି । ''ଏ ଭଦ୍ରଲୋକଙ୍କ ପାଇଁ ମୁଁ ଦୁଃଖିତ । ସେ ବିଦ୍ୱାନ

ଓ ସୁଯୋଦ୍ଧା । କଳା ଓ ଯୁଦ୍ଧବିଦ୍ୟା ଉଭୟତ୍ର ସେ ଯଶସ୍ୱୀ । ମାତ୍ର ସେ ନାରୀ ତା'ର ସ୍ୱାମୀ ବାଛିସାରିଛନ୍ତି । ସେ ଏବେ ବାର୍ଣିର ସ୍ତ୍ରୀ ।''

''ମୁଁ ବାର୍ଣିର କଥାକୁ ବିଶ୍ୱାସ କରୁନି...'' ଟ୍ରେସିଲିଆନ୍ କହିଲେ ।

''ଏଇ ମୋର ତଲୁଆର୍...'' ବାର୍ଣି କହିଲା ।

ଘୃଣାରେ ଟ୍ରେସିଲିଆନ୍ ଶିହରିଲେ– ''ମହାରାଣୀଙ୍କ ଆଦେଶ ପାଇଲେ ମୋ ତଲୁଆର୍...''

''ଶାନ୍ତି ! ଜାଣନି କୋଉଠି ତମେ ସବୁ ଅଛ ?'' ଉଭୟ ଆର୍ଲଙ୍କୁ ଚାହିଁଲେ ରାଣୀ ।'' ଏ ଅନୁଚର ଦି'ଟି ଖୁବ୍ ଅବାଧ୍ୟ ! ଲେସେଷ୍ଟର, ବାର୍ଣି ଯାହା କହିଲା ସତ...''

''ମୁଁ ଯାହା ଜାଣେ ସେ ବିବାହିତା...''

''ମାନନୀୟା ସାମ୍ରାଜ୍ଞୀ, ଏ ତଥାକଥିତ ବିବାହ କେବେ ହେଲା ଜାଣିପାରେ କି ?'' ଟ୍ରେସିଲିଆନ୍ ଦାବିକଲେ ।

–ତଥାକଥିତ ? ଆମ ସାମ୍ନାରେ ଲର୍ଡମାନଙ୍କ କଥାରେ ଅବିଶ୍ୱାସ ? ଏହାର ଫଳ ତୁମକୁ ଭୋଗିବାକୁ ହେବ । ଲେସେଷ୍ଟର, ଆଗାମୀ ସପ୍ତାହରେ ଆମେ କେନିଲ୍‌ୱର୍ଥ ଦୁର୍ଗକୁ ଯିବୁ । ଲର୍ଡ ସସେକ୍ସ ମଧ୍ୟ ଆମ ସହିତ ଯିବେ''– ରାଣୀ କହିଲେ ।

''ଏ ଗରିବ ଘରେ ଲର୍ଡ ସସେକ୍ସ ପାଦ ପକାଇଲେ ଜାଣିବି ସେ ଆପଣଙ୍କ କଥା ଅନୁସାରେ ମୋର ବନ୍ଧୁତା ଚାହାନ୍ତି... ।'' ଲେସେଷ୍ଟର କୃତକୃତ୍ୟ ହେଲେ ।

ସସେକ୍ସ ଟିକେ ହଇରାଣରେ ପଡ଼ିଲେ– ''ଆଜ୍ଞା ମଣିମା, କିଛିଦିନ ଧରି ଅସୁସ୍ଥ ଥିବାରୁ...''

''ଆଗେ ଡାକ୍ତର ରହିବେ । ସେମାନେ ଦେଖିବେ । ନା ନା, ଆପଣଙ୍କୁ କେନିଲ୍‌ୱର୍ଥ ଯିବାକୁ ହେବ ।'' ରାଣୀଙ୍କ କଥାରେ ଦୟା ଓ ଦୃଢ଼ତା । ସସେକ୍ସ ବାଧ୍ୟହୋଇ ନିମନ୍ତ୍ରଣ ରଖିଲେ ।

ରାଣୀ ପୁଣି କହିଲେ, ''ସସେକ୍ସ ଓ ଲେସେଷ୍ଟର ସାମନ୍ତଦ୍ୱୟ, ବାର୍ଣି ଓ ଟ୍ରେସିଲିଆନ୍ ଆପଣମାନଙ୍କ ବିଶ୍ୱାସୀ ଅନୁଚର । ସେ ଦିହେଁ ବି ରହିବେ । ବାର୍ଣି, ତୁମ ସ୍ତ୍ରୀ ନିଶ୍ଚୟ ଆସିବେ । ପ୍ୟାରି, ମିନିଲସ୍ ଓ ହେଲେନ୍ ସମସ୍ତେ ଏକାଠି ହେବେ । ଲେସେଷ୍ଟର, ଦେଖିବେ ।''

ଲେସେଷ୍ଟର୍ ଓ ବାର୍ଣି ଖାଲି ମୁଣ୍ଡ ନୁଆଁଇଲେ । ସେମାନେ ମନେକଲେ ଫାଶ ଲାଗୁଚି ସେମାନଙ୍କ ଗଳାରେ ।

ପ୍ରତିଦ୍ୱନ୍ଦ୍ୱୀ ଏବଂ କବି

ପରେ ଦିନବେଳା ଏଲିଜାବେଥ୍ ଓ ତାଙ୍କ ପାରିଷଦମାନେ ବାହାରିଲେ ଟେମସ୍‌ରେ ନୌକାବିହାର ପାଇଁ । ରାଣୀଙ୍କ ନୌକାଭେଳାରେ ଥିଲେ ବିଶ୍ୱାସୀ ଅନୁଚର ଓ ସହଚରୀମାନେ । ଅନ୍ୟ ନୌକାଗୁଡ଼ିକ ଛୋଟ ଥିଲା । ଗୋଟିଏ ବଡ଼ ଭେଳାରେ ଥିଲେ ସଙ୍ଗୀତଜ୍ଞମାନେ । ସେମାନେ ସଙ୍ଗୀତର ଝଙ୍କାର ତୋଳୁଥିଲେ । କୂଳରେ ଲୋକେ ଆନନ୍ଦରେ ପାଟିକରୁଥିଲେ । ରାଣୀ ପଚାରିଲେ, ''ଆମ ଭାଲୁଗୁଡ଼ିକ ଜଗିବାକୁ ଲୋକ କିଏ ପଠାଇଥିଲେ ?''

''ଆପଣଙ୍କ ଅନୁମତିନେଇ କହୁଚି, ସେ ଲୋକ ମୁଁ—'' ସସେକ୍‌ସ କହିଲେ । ''ସେ ଲୋକଟି ଓରସନ୍ ପିନିଟ୍ । ସେ ଜଣେ ଭଲ ସିପାହି ଥିଲା । ଯୁଦ୍ଧରେ ଆହତ ହୋଇପଡ଼ିଥିଲା । ବଡ଼ ବିଶ୍ୱାସୀ ।''

''ଜାଣେ । ସୈନିକ, ନାବିକମାନଙ୍କ ପ୍ରତି ଆପଣ ବଡ଼ ଦରଦୀ । ଦେଶସେବାରେ ଏମାନେ ଜୀବନ ଦିଅନ୍ତି । କିନ୍ତୁ କଥାଟା ତା' ନୁହେଁ । ଏଇ ଯେ ପିନିଟ୍, ବଡ଼ ଅଜବ ଜଣାପଡୁଚି । ସେ କହେ ଶେକ୍‌ସପିଅର ନାଟକ ଦେଖିବା ଭଲ । ଦରବାର ଲୋକେ ଏବେ କୁକୁର ଭାଲୁ ଖେଳ ଦେଖିବା ଉଚିତ ନୁହେଁ । କି ପ୍ରକାର ସୈନିକ ଥିଲା ସେ ?''

''ସତ କହିଲେ ମଣିମା । ଶେକ୍‌ସପିଅର ଲୋକପରି ଲୋକଟାଏ । ତା'ର କେତେକ ଗୀତ ମୁଁ ଶୁଣିଚି । ଯୁଦ୍ଧ ଭେରି ତ ! ଅବଶ୍ୟ ତାଙ୍କ ନାଟକରେ ଯୋଉ ଯୁଦ୍ଧ ଅଭିନୟ ହୁଏ ସିଏ ଖାଲି ଧର୍ମକୁ ଆଖିଠାର । ପୁରୁଷ ପୁରୁଷ ଧରି ଚଳିଆସୁଥିବା ଆମ ଭାଲୁ ଲଢ଼େଇ ପରି ସେ ଲଢ଼େଇ କୁହାଯାଏନି । ଅଳସୁଆ କେତେଟା ଗୀତବାଲା ! 'ଭାଲୁ ବଗିଚା'ର ଭାଲୁ ଲଢ଼େଇ ସଙ୍ଗେ ଟକ୍‌କର ଦେବେ ?''

''ଏ ତ ଗୋଟାଏ ସୈନିକର ଭାଷା, ସସେକ୍‌ସ ମହାଶୟ ! କହନ୍ତୁ ଲେସେଷ୍ଟର୍ ! ଭାଲୁ ତ ଆପଣଙ୍କ ପରିବାରର ଚିହ୍ନ !'' ରାଣୀ ଚାହିଁଲେ ଉତ୍ସୁକ ଭାବେ ।

''ମଣିମା, ଆମେ ସେଇ ପୁରୁଣା ଭାଲୁ ଚିହ୍ନ ବହନକରି ଚାଲିଚୁ । ନାଟକ ବିଷୟରେ ପାତ୍ରଗୁଡ଼ିକ ବେଶ୍ ଚାଲାକ ଲୋକ । ଲୋକଙ୍କୁ ଖୁସିକରାଇବାରେ ଧୁରନ୍ଧର ସେମାନେ । ଶେକ୍‌ସପିଅର, ମାର୍ଲୋ ଆଦି ନାଟକ ଲେଖକମାନେ ନୂଆ ନୂଆ ବିଷୟ ଖଞ୍ଜି ଲୋକଙ୍କୁ ମଜେଇରଖନ୍ତି ।''

ପ୍ୟୁରିଟାନ୍ ପାଦ୍ରି ଜଣେ କହିଲେ, ''ଏ ନାଟୁଆଗୁଡ଼ା ମିଛୁଆ ! ପ୍ରଚଳିତ ସମାଜ, ରୀତିନୀତିର ଏମାନେ ସମାଲୋଚନା କରନ୍ତି । ଲୋକଙ୍କୁ ମନ୍ଦ ବାଟରେ ନିଅନ୍ତି ।''

''ଏସବୁ ହେଲେ ଆମ ହାତରେ ଯଥେଷ୍ଟ କ୍ଷମତା ଅଛି । ଆମେ ଏଥିପାଇଁ ଦଣ୍ଡ ଦେଇପାରିବୁ । କିନ୍ତୁ ଏ କଥା ବି ଜାଣେ ଶେକ୍‌ସପିଅର ଏପରି କେତେକ ଧାଡ଼ି କବିତା

ଲେଖିଛନ୍ତି ଯାହାକି କୋଡ଼ିଏଟା ଭାଲୁର ମୂଲ୍ୟଠାରୁ ବେଶି । ଏଥିରେ ଏପରି କିଛି ଅଛି ଯାହାକି ଆଗାମୀ ବଂଶଧରଙ୍କୁ ଶିକ୍ଷା ଦେଇପାରିବ ।''– ରାଣୀ କହିଲେ ।

''ଆପଣଙ୍କ ଶାସନର ଅନେକ ଘଟଣାକୁ ଶେକ୍‌ସପିଅର ବଢ଼ିଆ ଭାବେ ରୂପ ଦେଇଛନ୍ତି । 'ପରୀ ଓ ପ୍ରେମକଥା' ନେଇ ସେ ଲେଖିଛନ୍ତି ଅନେକ ଚମତ୍କାର ପଙ୍‌କ୍ତି । ମୋ ପୁତୁରା ଫିଲିପ୍ ସିଡନୀ ସେଥିରୁ ଅନେକ ଧାଡ଼ି ଗାଇଯାଏ । ଥାଆନ୍ତା କି !!'' ଲେସେଷ୍ଟର୍ କହୁଥିଲେ ।

''ଫିଲିପ୍ ଖାଣ୍ଟି କବିଟିଏ ! ସୈନିକ ବି ! ହେଲେ କବିତା ସଙ୍ଗେ ବୀରତା ମିଶିଲେ ଉଜ୍ଜ୍ୱଳ ହୋଇପାରେନି । ଏଠି କେହି ଅଛନ୍ତି ଯେ ଧାଡ଼ିଗୁଡ଼ିକ ଗାଇପାରିବେ ?''

ଟ୍ରେସିଲିଆନ୍ କହିଲେ, 'ୱାଲଟର ରାଲେ ।' ୱାଲ୍‌ଟର ଆଦେଶ ପାଇ ଓବେରନ୍ ଭୂମିକାରୁ କେତେ ଧାଡ଼ି ଗାଇଲେ :

ସେତେବେଳେ ଦେଖିଲି ମୁଁ, ତୁମେ ଯାରେ ପାରିଲନି ଦେଖି...
ଶୀତଳ ଚନ୍ଦ୍ରମା ଆଉ ଧରଣୀର ମଝିରେ ସଞ୍ଚରି,
ଅନଙ୍ଗ ସେ ଧନୁର୍ବାଣ କର
ଲକ୍ଷ୍ୟନେଇ ପଶ୍ଚିମରୁ ଛାଡ଼ିଦେଲା ଶର
ସେଇ ପରମା ସୁନ୍ଦରୀଠାରେ, ପ୍ରୀତିରସେ ଜରଜର
ଅତି ଖରସାଣ, ଶତ ସହସ୍ର ମରମ ଯେ ପାରେ ବିଦାରି...
କିନ୍ତୁ ମୁଁ ଦେଖିଲି ସେଇ ତରୁଣ କାମର ଦେଇ ଜ୍ୱାଳାମୟୀବାଣ
ଅନାଘ୍ରାତ ଚନ୍ଦ୍ରର କିରଣ ସିଏ ପିଇଗଲା ଚଳା ଚଳା କରି
ଆଉ ସେ ରାଜାର କନ୍ୟା ଚିର ଅନୁରକ୍ତ
କଳ୍ପନାରାଇଜେ ନୂଆ ଭାବନାରେ ବୁଡ଼ିଗଲା
ଭୁଲିଗଲା ନିଜତ୍ୱ ତାହାର ।

ଆବୃତ୍ତିବେଳେ ରାଲେଙ୍କ କଣ୍ଠ ଥରିଉଠୁଥିଲା । ଶେଷ ପଦ ବେଳକୁ ଶିହରଣ ତୋଳିଥିଲା । ବୋଧହୁଏ ଏଲିଜାବେଥ୍‌ଙ୍କ ପାଇଁ ଏ ଧାଡ଼ିଗୁଡ଼ିକ କିଛି ନୂଆ ନଥିଲା । ତଥାପି ମୁଗ୍ଧ ଏଲିଜାବେଥ୍ ଶେଷ ଧାଡ଼ିଗୁଡ଼ିକ ଗୁଣୁଗୁଣୁ ହୋଇ ଗାଉଥିଲେ ।

ଲେସେଷ୍ଟର ତରୁଣ ରାଲେଙ୍କ ଆବୃତ୍ତିରେ ଗଦ୍‌ଗଦ ହୋଇଗଲେ । ସେ ରାଲେଙ୍କୁ ଚପିବାକୁ ନାଟକର ବିଭିନ୍ନ ବିଭିନ୍ନ କଥା, ଦେଶ ବିଦେଶର ଦରବାର, ରାଜାରାଣୀ ଆଦି ବିଷୟରେ କହିବାକୁ ଲାଗିଲେ ଅନେକ କଥା । ସବୁ ଭିତରେ କୁମାରୀ ରାଣୀଙ୍କି ଲକ୍ଷ୍ୟକରି ସେ ଲମ୍ବା ଲମ୍ବା ପ୍ରଶଂସା ଝାଡୁଥିଲେ ।

ଏଇପରି ପ୍ରାଚୀନ ସାହିତ୍ୟ ଓ ଆଧୁନିକ ଲେଖକମାନଙ୍କ ବିଷୟରେ ଅନେକ ଆଲୋଚନା ହେଲା । ତରୁଣୀମାନଙ୍କ ହାଲୁକା କଥା ତା'ସଙ୍ଗେ ମିଶି ଆଲୋଚନାକୁ

ବେଶ୍ ଜମେଇ ରଖିଥାଏ ।

ସେମାନେ ଫେରିଲେ ଗ୍ରୀନ୍‌ଉଇଚ୍ ପ୍ରାସାଦକୁ । ନଦୀର ପାହାଚ ଉଠିଲାବେଳେ ରାଣୀ ସାହାଯ୍ୟ ନେଇଥିଲେ ଲେସେଷ୍ଟର୍‌ଙ୍କର । ତାଙ୍କ ହାତଧରି ସେ ଆଗେଇଯାଉଥିଲେ । ଲେସେଷ୍ଟର୍ ଏଥିରେ କୃତକୃତ୍ୟ । ସେ ଯେ ଗୋପନରେ ବିବାହ କରିଛନ୍ତି ଏକଥା ସେ ବିବାକ୍ ଭୁଲିଯାଉଥିଲେ ।

ସେଇ ଅପହରଣ ! କଚେରି ବସିଲା ରାଜବାଟୀରେ ବଗିଚାରେ । ରାଣୀ ସ୍ୱାଧୀନ ଭାବେ ମିଶୁଥିଲେ । କାହାରି ପ୍ରତି ବାଛବିଚାର ନଥିଲା । ହଠାତ୍ ତାଙ୍କର ମନେପଡ଼ିଲା ପୋଷାକ-ସାମନ୍ତ ରାଲେଙ୍କ କଥା ! ସେ ନଥିଲେ ସେଠି । ଜଣେ ସହଚରୀ ଜଣାଇଲେ ସେ ହୀରା ମୁଦିରେ ଝରକା କାଚରେ କ'ଣ ଲେଖୁଥିଲେ ।

''ଚାଲ ଦେଖିବା''– ରାଣୀ କହିଲେ, ''ସେ ଚାଲାକ୍ ତରୁଣ କ'ଣ କରୁଛନ୍ତି ।''

ରାଣୀ ଓ ସହଚରୀ ଚୁପ୍‌ଚାପ୍ ଖସିଗଲେ । ଦେଖିଲେ, ରାଲେ ଲେଖିଛନ୍ତି, ''ଉତ୍‌ଥାନରେ ଆନନ୍ଦ ମୋ ପତନର ଭୟ ନିରନ୍ତର ।'' ରାଣୀ କହିଲେ, ''ବେଶ୍ ତ ! ଭଲ ଆରମ୍ଭ ! ଆଶା ଆମ କବିଙ୍କି ଛାଡ଼ିଦେଲେଣି ମନେହେଉଚି ।'' ସେ ମନେ ମନେ ହସିଲେ । ସହଚରୀକି ପଚାରିଲେ, ''ପାରିବ କି ପାଦ ପୂରଣ କରି ? ନା, ପାରିବନି ତୁମେ । ଆଚ୍ଛା, ମୁଁ ଲେଖେ !''

''ଉଠିବାର କରନାଇଁ ଚେଷ୍ଟା, ବୁକୁ ଯଦି ତୁମର ଦୁର୍ବଳ ।'' ବେଶ୍ ସେ ଚମକିପଡ଼ିବେ । ସେମାନେ ହସି ହସି ଫେରିଆସିଲେ ।

ରାଲେ ଥିଲେ ଅଦୂରରେ । ରାଣୀଙ୍କ ଅଲକ୍ଷ୍ୟରେ ଲକ୍ଷ୍ୟ କରୁଥିଲେ ଏମାନଙ୍କୁ । ସେମାନେ ଫେରିଗଲେ... ଆସିଲେ ରାଲେ । ମୁହଁ ଉପରେ ଆନନ୍ଦ ଲହରୀ ଚୋଳିଲା । ଫେରିଲେ ସସେକ୍‌ସଙ୍କ ଶିବିରକୁ । ସମସ୍ତଙ୍କ ମୁହଁରେ ତାଙ୍କର ପ୍ରଶଂସା । ବାହା ବାହା– ଉପରାଣଟା ପକାଇ କି ବୁଦ୍ଧିଆ କାମ ସେ କରିନାହାନ୍ତି । ଆଉ ରାଣୀଙ୍କ କଥାର ଯୋଉ ବଢ଼ିଆ ଉତ୍ତର !

ବ୍ଲାଉଣ୍ଟ କହୁଥିଲେ, ''ଏ ରାଣୀଙ୍କ ଦରବାରୀ ଅନୁଗ୍ରହ, ମୁଚୁକି ହସର କଥା, ଜାଣେ ରାଲେ ଏହାର ଶେଷଫଳ ! ଓଃ ବଡ଼ ବିଷମ । ବହୁ ତରୁଣ ଏଇପରି ହସନ୍ତି, ହେଲେ ଶେଷରେ ଖସନ୍ତି । କର୍ମକୁ ଦୋଷନ୍ତି ।''

ୱେଲାଣ୍ଡ ସ୍ମିଥ୍‌କୁ ଖୋଜୁଥିଲେ ସସେକ୍‌ସ । ସେଥିପାଇଁ ଟ୍ରେସିଲିଆନ ଖବର ନେଉଥିଲେ । ଭିଡ଼ ଭାଜିଲା । ମିଳିଲା ୱେଲାଣ୍ଡ । ତରତର । ଝାଳ ଜରଜର ।–''ଭୂତ ଦେଖିଲକି ୱେଲାଣ୍ଡ ? ମୁହଁ ଶୁଖି ଚିରକୁଟ ହୋଇଯାଇଚି ।''

''ଭୂତଠୁ ବଳି ଭୟଙ୍କର ସେ । ରାଜବାଟୀରେ ତାକୁ ଦେଖିଲି । ମୋ' ଜୀବନର ଶେଷ ଅଙ୍କ ସେ । ସେ ମୋତେ ଠାବକରିବା ଆଗରୁ ମୁଁ ତାକୁ ଠଉରାଇନେଇଚି ।''

''କ'ଣ ଗୁଡ଼ାଏ ବୋକାଙ୍କ ପରି କହୁଚ ? କିଏ ସେ ?'' ଟ୍ରେସିଲିଆନ୍ ହସିଲେ ।

''ସେଇ ମୋ' ଗୁରୁ । ବଡ଼ ସୈତାନ । ମୋତେ ମାରିବାକୁ ଚେଷ୍ଟା କରିଥିଲା— ମୁଁ ମୁକୁଳିଗଲି । କପାଳ ଟାଣଥିଲା । ତା' ବିଚାରରେ, ଜାଣିବାରେ ମୁଁ ଯାଇଚି । ମୁଁ ଚାଲିଲି ବାବା— ଚାଲିଲି ଗାଁକୁ । ଏଠି ରହିଲେ ସେ ମୋତେ ମାରିଦେବ ।''

''ଆଉ ସସେକ୍ସଙ୍କ କଥା କ'ଣ ହେବ ?''

''ଭୟ ନାଇଁ । ଔଷଧ ଦେଇଚି । ଅନୁପାନ ଅନୁସାରେ ଦେବେ । ସାବଧାନ ରହିବେ ଖାଇବା ପିଇବାରେ । ତାଙ୍କ ନିଜର ରୋଷେୟା ଛଡ଼ା ଆଉ କା' ହାତରୁ ଖାଇବେନି । କେନିଲ୍‌ଓ୍ୱର୍ଥରେ ଟିକେ ବେଶି ଜାଗତିଆର ହେବେ । ଜ୍ୱରର ବାହାନା କରିବେ । ଲେସେଷ୍ଟର୍ ମହଲରେ କିଛି ଖାଇବେନି ।''

''ବେଶ୍ ବେଶ୍ ! ଏସବୁ ମୁଁ ଦେଖିବି । ତୁମେ କ୍ୟୁନର୍ ଯାଅ... ।'' କ୍ୟୁନର୍ ବିଷୟରେ କେତେ କଥା କହିଲେ ।

ଓ୍ୱେଲାଣ୍ଡ ଖୁସିହେଲା ଯେ ସେ ଏବେ ଟ୍ରେସିଲିଆନ୍‌ଙ୍କ କାମରେ ଲାଗିଲା । ସେ ଯେ ତାଙ୍କୁ ଅନେକ ବିପଦରୁ ରକ୍ଷା କରିଛନ୍ତି । ସେ ଅପେକ୍ଷାକଲାନି ପରଦିନ ସକାଳକୁ । ବାହାରିଗଲା ସଙ୍ଗେ ସଙ୍ଗେ । ଅନାଗତ ବିଧାତା !!

ଜ୍ୟୋତିଷୀ

ଗ୍ରୀନ୍‌ଉଇଚ୍ ରାଜବାଟୀରେ ନିଜ କୋଠରିକି ଗଲେ ଲେସେଷ୍ଟର୍ । ବଡ଼ ବିଷଣ୍ଣ । ଶଙ୍କାକୁଳ । ''ତମ ଡାହା ମିଛଗୁଡ଼ା ମୋତେ ବିପଦରେ ପକାଇବ ବାର୍ଣ୍ଣି ।''

''ମୋତେ ଦୋଷନ୍ତୁନି ଆଜ୍ଞା ! ସେଇ ଲୁଚାଣିଆ ବାହାଘର ସାରୁଚି । ଟିକିଏ ଏପଟ ସେପଟ ହେଲେ ଅକଳନ୍ତି ହାନି ହେବ ।''

''ମାନୁଚି ବାର୍ଣ୍ଣି ! ହେଲେ ମୋ' ପ୍ରେମ ପ୍ରତି ଏ ବଡ଼ ଅପମାନ । ମୋର ପୌରୁଷ ରହୁଚି କେଉଁଠି ?''

''ଦେଖନ୍ତୁ ଆଜ୍ଞା, ଆପଣଙ୍କ ପ୍ରେମଇ ଆପଣଙ୍କ ଜୀବନର ଉନ୍ନତିରେ ବାଧକ ହୋଇଚି । କେବଳ ସେଇ ମାନସୀ କହନ୍ତୁ, ପ୍ରେମିକା ବା ସ୍ତ୍ରୀ କହନ୍ତୁ— ସେଇ କାଉଣ୍ଟେସ୍‌ଙ୍କ ଯୋଗୁ...''

''କ'ଣ ତାଙ୍କ ଯୋଗୁ... ?'' ଲେସେଷ୍ଟର ଦାବିକଲେ ।

''ରାଜା ହେବା ନୋହୁଚି ପ୍ରଭୁ ! ଆପଣ ତ ହୋଇପାରିଥାନ୍ତେ ଆମ ରାଣୀଙ୍କର ସ୍ୱାମୀ ।''

''ପାଗଳ ! ବାର୍ଣ୍ଣି, ତୁମେ ପାଗଳ ! ଏଲିଜାବେଥ୍ ନାରୀ । ବୁକୁ ତାଙ୍କର ନାରୀର ।

ମୁଣ୍ଡଟା ପୁରୁଷର । ନାରୀର ସବୁ ତ୍ରୁଟିବିଚ୍ୟୁତିକି ସେ ଦଳିଦେଇ ପାରନ୍ତି । କାମଦେବର ଦିଗ୍‌ବଳୟ ବ୍ୟାପୀ ସାମ୍ରାଜ୍ୟ ତାଙ୍କୁ ଦିଅ– ତାଙ୍କ କ୍ଷମତାରୁ ସେ ଇଞ୍ଚେ ବି ଛାଡ଼ିବେନି ।''

''କିନ୍ତୁ ଆପଣ ତ ପ୍ରଭୁ ତାଙ୍କର ପ୍ରିୟତମ ! ଖାଲି ଏ କ୍ୟୁନର୍ କୋଠିର ମହିଳା...''

ଦୀର୍ଘଶ୍ୱାସ ଛାଡ଼ିଲେ ଲେସେଷ୍ଟର୍ । ''ହତଭାଗିନୀ ଆମୀ ! ମଣିଷ ଓ ଭଗବାନ୍‌ଙ୍କ ସାମ୍ନାରେ ସେ ଚାହାନ୍ତି ସ୍ୱୀକୃତି । ସବୁ ନାରୀ ଚାହେଁ । କିନ୍ତୁ ମୋ' ପାଖରେ ବସିପାରିବେନି । ...ହଁ, ତାଙ୍କୁ ତ କେନିଲ୍‌ୱର୍ଥ ଆସିବାକୁ ପଡ଼ିବ । ଏଲିଜାବେଥ୍ ସବୁ ଭୁଲିପାରନ୍ତି... ନିଜର ଆଦେଶକୁ ଛାଡ଼ି !''

''ଆମେ ରାଣୀଙ୍କୁ ଏବଂ ଆପଣଙ୍କ ପ୍ରେମିକାକୁ ସନ୍ତୁଷ୍ଟ ରଖିପାରିବା !''

''ଆଚ୍ଛା, ମୋର କାସ୍‌କେଟ୍ ଦେଇଯାଅ ବାର୍ଣି ! ହଁ, ମୋ' ଡାକିବା ଦୂରତା ମଧ୍ୟରେ ରହିବ ।''

ବାର୍ଣି ଚାଲିଗଲା । ଖୋଲିଦେଲେ ଝରକାଟା ଆର୍ଲ । ଉପରକୁ ଚାହିଁଲେ । ଜଳିଲା ଜଳିଲା ତାରାରେ ଗୋଟା ଆକାଶସାରା ଭରା ।

କାସ୍‌କେଟ୍ ଖୋଲିଲେ । ବାହାରକଲେ ଥଳିଏ ମୋହର । ଜଉମୁଦ ଦିଆ ଖଣ୍ଡେ କାଗଜ । ତାଙ୍କର କୋଷ୍ଠୀ...ଜାତକ ! ସେଥିରୁ ସେ କାଢ଼ିଲେ ଏକ ଚାବି । ଖୋଲିଲେ ଏକ ଗୁପ୍ତଦ୍ୱାର । ଅନ୍ଧାର ମଧ୍ୟରେ ଦେଖାଗଲା ଅନେକ ସୋପାନ ।

''ଆଲାସ୍କୋ... ! ଆଲାସ୍କୋ... !!'' ଆର୍ଲ ଧୀର ଗଳାରେ ଡାକିଲେ ।

''ମୁଁ ଆସିଗଲିଣି ମାଲିକ'' ଉପରୁ ଶୁଭିଲା ଗୋଟିଏ ଗଳା– ବୁଢ଼ାର । ସେ ଥିଲା ଜ୍ୟୋତିଷୀ । ବାଙ୍ଗରା । ମେରୁଦଣ୍ଡ ନଇଁଯାଇଚି । ଅଣ୍ଟାଯାଏ ଦାଢ଼ି । ପାଚିଲା– ଧଳା । ଆଖି ଦୁଇଟି କିନ୍ତୁ ଦପ୍‌ଦପ୍ କରୁଚି । ଦୃଷ୍ଟି ତୀବ୍ର । ଚାହାଣି ଭୟଙ୍କର । ସେ ମର୍ଯ୍ୟାଦାର ସହ କହୁଥିଲା । ଗଳାରେ ତା'ର ଆଦେଶ ।

''ତୁମ ଭବିଷ୍ୟତବାଣୀ ଭୁଲହୋଇଚି । ସେ ପୁଣି ବେମାରରୁ ଉଠୁଚି ।''

''ଦେଖନ୍ତୁ, ସେ ଯେ ମରିଯିବେ ଏକଥା ମୁଁ କହିବି । ନକ୍ଷତ୍ର ସବୁ ଈଶ୍ୱରଙ୍କ ଅଧୀନ ।''

''ତେବେ ତୁମର ଏ ଗଣନାର ମୂଲ୍ୟ...''

''ଅଛି । ଏହାଇ ଖୋଲିଦିଏ ଅନାଗତର କବାଟ । ସେ ଲୋକର ନାଁ ?''

''ସେ ତ ଗୁପ୍ତକଥା । ଖୁବ୍ ବେମାର ଥିଲା । ମରିବା ଉପରେ । ମୋ' ଜାତକ ?''

''ଦେଖିଚି । ସମ୍ମାନ, କ୍ଷମତା, ଧନ, ପଦବୀ ମଣିଷ ଯାହା ଚାହେଁ... ସବୁ ଆପଣ ପାଇବେ ।''

ଆର୍ଲ ଲମ୍ବ ପାହୁଣ୍ଡ ପକାଇଲେ । ଘରଭିତରେ ବୁଲିଲେ– ସତେ ଯେପରି ଗୋଟାଏ ଅଶରୀରୀକୁ ଅନୁସରଣ କରୁଛନ୍ତି । ବୁଢ଼ା ଜ୍ୟୋତିଷୀର ଶାଣିତ ଦୃଷ୍ଟି ଆର୍ଲଙ୍କ

ପଛେ ଗୋଡ଼େଇଗଲା । ଆଖି ତା'ର ସ୍ଥିର ।

''ମିଛ ପ୍ରମାଣିତ ହେଲେ ତୁମର ଚମଡ଼ା ଜିଅନ୍ତା ଉତାରିନେବି । ଜାଣିବି ମୋ' ଶତ୍ରୁମାନଙ୍କ ସଙ୍ଗେ ତୁମର ସଲା ଅଛି ।''

''ମୋ ଗୁପ୍ତ କୋଠରିର ଚାବି ତ ସେଇ ଆପଣଙ୍କ ହାତରେ । ସେଇଠି ରହିଲିଣି ଚବିଶ ବର୍ଷ । ରାତିସାରା ନକ୍ଷତ୍ରକୁ ଦେଖେ । ଦିନରେ ଲେଖେ ହିସାବ । ଆପଣଙ୍କର ଏ ଉଠିବା ବେଳ । ହେଲେ, ପଶ୍ଚିମଦିଗରୁ ଭୟଅଛି ।''

''ପଶ୍ଚିମରୁ ? କର୍ଣ୍ଣୱାଲ୍ କି ଡେଭନ ? ଟ୍ରେସିଲିଆନ୍ ? ରାଲେ ? ଉଭୟଙ୍କୁ ଜଗିବାକୁ ହେବ । ବାବା ତୁମପ୍ରତି ମୁଁ ରୁକ୍ଷ ହୋଇଥିଲେ, କାଇଲି ମାଗୁଚି ।'' ସେ କିଛି ସୁନାର କଣ୍ଠା ଦେଲେ । ତା'ପରେ କହିଲେ, ''ବିଶ୍ୱାସ ରଖିବ । ବାର୍ଣି କହିବା ଅନୁସାରେ କାମ କରିବ । କଥା ଗୁପ୍ତ ରଖିବ । ବାର୍ଣି...''

ବାର୍ଣି କୁର୍ଣିସ୍ କଲା । ଜ୍ୟୋତିଷୀ ଗଲା । ଗଲେ ଅଶ୍ୱପାଳଙ୍କ କୋଠରିକି ବାର୍ଣି ଆଉ ଜ୍ୟୋତିଷୀ ।

''ଆପଣ ଯା'କହିଲେ ମାଲିକଙ୍କ ଡର ବଢ଼ିଯିବ । ମୁଁ ଆପଣଙ୍କୁ ମଫସଲକୁ ନେଇଯିବି । ଶାନ୍ତିରେ କାମ କରିବେ''— ବାର୍ଣି କହିଲା ।

''ମୋତେ ବହୁତ ଟଣାଟଣି କରାହେଉଚି । ମୋ ପଢ଼ାରେ ବାଧା ଆସୁଛି । ରାଜନୀତିରେ ମୁଁ ପଶିବାକୁ ଚାହେଁନି । ଏବେ ଗୋଟାଏ ରାସାୟନିକ ପରୀକ୍ଷା ଚଳାଇଚି— ସୁନା ବାହାର ହେଲାଣି ଜାଣ ।''

''ଠିକ୍ ବିଦ୍ୟାରେ ଧୁରନ୍ଧର ତ । ସସେକ୍‌ସର ଝୋଳରେ ଆପଣ ଦେଇଥିବା ଚୂର୍ଣ୍ଣ ମିଶାଗଲା । କାହିଁ କିଛି ଫଳ ହେଲାନି ! ଆପଣ ଆଉ କ'ଣ ଜାଣନ୍ତି ?'' ବାର୍ଣି ଥଟ୍ଟା କରୁଥିଲା ।

''ଶପଥକରି କହିପାରେ, ମୋ' ବିଷର ଔଷଧ ସାରା ଇଂଲଣ୍ଡରେ କେହି ଜାଣନ୍ତିନି ।''

''ଜଣେ ଡାକ୍ତର କଥା ପଡ଼ିଥିଲା ।''

''ମୋର ଶିଷ୍ୟଟିଏ ଥିଲା । ସନ୍ଦେହ ସେ ଅବା ଜାଣିଥିବେ । ପରୀକ୍ଷା କରିଚି ସେ ଜାଣେନି । ସେ ପୁଣି ମରିଗଲାଣି । ତେଣୁ ମୋ' ବାଟ କଣ୍ଟାହୀନ । ମୋ' ଔଷଧ ଅବ୍ୟର୍ଥ ! ହଁ, ଯୋଉ ଘରକଥା କହୁଚ ସେଠି ଗବେଷଣା ଚଳିବ ତ ?''

''ନିଶ୍ଚୟ ! ସେଠି ଥାଏ ପକ୍ଷୀଟିଏ । ତା' ଉପରେ ପରୀକ୍ଷା କରିବେ । ଅବଶ୍ୟ ସେ ଯେପରି ନମରେ...'' ବାର୍ଣି ଇଙ୍ଗିତ କଲା ।

''ପକ୍ଷୀ ?''

''ହଁ, ପକ୍ଷୀ ! ଗୋଟିଏ ଲୋକର ହୃଦୟହାରିଣୀ ! ତାକୁ କେନିଲ୍‌ୱର୍ଥରେ ପହଞ୍ଚାଇବାକୁ ଆଦେଶ ରାଣୀଙ୍କର । ମାତ୍ର ଦେଖିବାକୁ ହେବ, ସେ ଯେପରି ସେଠିକି

ନଯାଏ । ମାନେ ଯିବାକୁ ଅମଙ୍ଗ ହେବ । ଯିବାକୁ ବଳ ପାଇବନି ତା'ର ।''

ସେ ବୁଢ଼ା ବିଚରାକୁ ଗୋଟାଏ ଛୋଟ କୋଠରିକି ନିଆଗଲା । ବାର୍ଣିର କଥାଭାଷା ସବୁ ଶୁଣିଲା । କହିଲା, ''ମୋ ଜାଣିବାରେ ତୁମଠୁ ବଳି ସୈତାନ କେହି ନାହିଁ । ହେଲେ, ମୁଁ ବନ୍ଦୀ ତୁମମାନଙ୍କ ହାତରେ ।''

ବୁଲାବିକାଳି

କଳାଭାଲୁ ଧର୍ମଶାଳା ନିଆଁ ପାଖେ ବସି ଲୋକମାନେ କଥାଭାଷା ହେଉଥିଲେ ନିତିଦିନର ଘଟଣା ଉପରେ । କୋଉ ପାଖ ଗାଁରେ ମେଳା ପଡ଼ିଥିଲା; ଲୋକ ଖୁବ୍ ଜମିଥିଲେ ।

ସେ ଗୋଟାଏ ମଜାକିଆ ଲୋକ । ବୁଲାବିକାଳି ସେ । ସେ ଯୁଗରେ ସେମାନଙ୍କ ଭାଉ ଖୁବ୍ ବେଶି । ଦରଜିମାନେ କିସମ କିସମର ପୋଷାକ କରୁଥିଲେ । ଏ ବୁଲାବିକାଳିଏ ତାକୁ ନେଇ ବିକୁଥିଲେ । ନୂଆ ରକମର ଜିନିଷ ସବୁ ସେମାନେ ସହରରୁ ଆଣୁଥିଲେ ଗାଁକୁ ।

ଧର୍ମଶାଳାରେ ତାକୁ ଘେରି ରହିଥାନ୍ତି ଗାଆଁର ଅନେକ ଲୋକ । ଗାଇଲ୍‌ସ ବଡ଼ ଆଦର ଗଉରବ କରୁଥାଏ । ତା' ସୁନ୍ଦରୀ ଝିଅ ବୁଲାବିକାଳି ସହ ହସୁଥାଏ । ହଠାତ୍ ଶୁଭିଲା ଘୋଡ଼ା ଚାଲି । ଗାଇଲସ୍ ଦେଖିଲା ଲାବୋର୍ଣ । ଆସୁଥିଲା ଗୋଟାଏ ବୁଢ଼ାସହ । ଲାବୋର୍ଣ ମଦରେ ଟଳଟଳ । ବୁଢ଼ା ଆଲାସ୍କୋ ! ସେଇ ଜ୍ୟୋତିଷୀ ! ସେ ଭିତରକୁ ଯିବାକୁ ଅମଙ୍ଗ । ବାଧ୍ୟ କରୁଥାଏ ଲାବୋର୍ଣ । ''ମୋ ମାମୁଙ୍କୁ ଭେଟ କରିବାକୁ ହେବ ।'' ତା' ପାଟିରେ ପାଖଆଖ କମ୍ପୁଥାଏ, ''ମାମୁ, ଗିଲାସେ ମଦ ଦେଲେ । ଆର୍ଲ ଲେସେଷ୍ଟର୍‌ଙ୍କ କଲ୍ୟାଣ କାମନା କରି ଆମେ ପିଇବୁ ।''

ଗାଇଲ୍‌ସ ଭାବୁଥିଲା– ଆଲୋ ମଉସା, ଜଡ଼ ପଇସା ! ଏ ମଦୁଆ ଭଣଜା ପାଖରେ ପଇସା ଅଛି କି ନାହିଁ କିଏ ଜାଣେ ? ପଚାରିଲା, ''ଲାବୋର୍ଣ ପଇସା କାଢ଼ିଲୁ ।''

''ଗୋଟାଏ ଗୁପ୍ତକଥା ମ' ମାମୁ...'' ସେ ପକେଟରୁ ଗୁଡ଼ାଏ ସୁନା ଓ ରୁପା ମୁଦ୍ରା କାଢ଼ିଲା । ''ଦେଖୁଚନା ଏ ବୁଢ଼ାକୁ । କାହାକୁ କହିବନିଟି । ସେ ସୁନା ତିଆରି ଜାଣେ !''

''ପାଗଳ ହେଲ କି ?'' ଆଲାସ୍କୋ କହୁଥିଲା, ''ଆମେ କ'ଣ ଆସିଥିଲେ ସମସ୍ତଙ୍କ ଆଗରେ ଡିଣ୍ଡିମ ପିଟିବାକୁ ?''

''ବସ, ଖୁସିକର । ମଜାକର । ଏ ସମସ୍ତେ ମୋର ପୁରୁଣା ସାଙ୍ଗ ।'' ସେ ମଦ ନିଶାରେ ସବୁ ଲୋକଙ୍କ ସଙ୍ଗେ ମଜା କରିବାକୁ ଲାଗିଗଲା । ବୁଢ଼ା ଜ୍ୟୋତିଷୀ ମଦ

Digitalization by :-
Deb's Library Corner...

ଗିଲାସେ ପିଇ ଗ୍ରୋଟାଏ କୋଣକୁ ଘୁଞ୍ଚିଗଲା । ସେଠି ଯେପରି କେହି ଦେଖିନପାରନ୍ତି ! ସେ ଘୁମାଉଥିଲା ।

ଗାଇଲ୍‌ସ ଗଲା ବୁଲାବିକାଳି କୋଠରିକି । ‘‘ପଳାଇଆସିଲ ଯେ...’’

‘‘ସୈତାନ ଆସିଲେ ପଳେଇଯିବାକୁ ହୁଏ ।’’

‘‘ଏପରି କହିବା ଭଦ୍ରତାର ବାହାରେ । ଅବଶ୍ୟ ମାଇକଟା ମାତାଲ !’’

‘‘ମୁଁ ବୁଢ଼ା କଥା କହୁଚି । ସେମାନେ କୁଆଡ଼େ ଯାଉଛନ୍ତି କି ?’’

ଗାଇଲ୍‌ସ ଜବାବ ଦେଲା, ‘‘ଏହାର ଉତ୍ତର ମୁଁ ଦେଇପାରିବିନି । ଦେଖନ୍ତୁ, ଆପଣ ଟ୍ରେସିଲିଆନ୍‌ଙ୍କ ମୁଦି ଆଣିଛନ୍ତି । ମୁଁ ତାଙ୍କୁ କଥା ଦେଇଚି । ତାଙ୍କ ପାଖକୁ ଖବର ଶୀଘ୍ର ଯିବା ଦରକାର ।’’

ଗାଇଲ୍‌ସ ପାଖେ ନୂଆ ଖବର କିଛି ନଥିଲା । ‘‘ଆପଣ ଯଦି ନିଜ ମାଲିକଙ୍କର କାମ କରିବାକୁ ଚାହାନ୍ତି ସୁଯୋଗ ଆସିଚି । ଏବେ ଆଣ୍ଟୋନୀ ଫଷ୍ଟର୍ ନାଇଁ । ଲାବୋର୍ଣ୍ଣ ତ ଏଠି ଅଛି । ବର୍ତ୍ତମାନ କ୍ୟୁନର୍ କୋଠିରେ ଏମାନେ ନାହାନ୍ତି । ଆପଣ ଯାଇ ପରୀକ୍ଷା କରି ଦେଖନ୍ତୁ ନା ! ବିକିବାର ଜିନିଷପାତି ବି ନେଇଯାଆନ୍ତୁ ।’’

‘‘ତା’ହେଲେ କମ୍ ବିପଦରେ ତ ଯାଇହେବ’’– ୱେଲାଣ୍ଡ କହିଲା । ‘‘ସେ ବୁଢ଼ା କ୍ୟୁନର୍ କୋଠିକି ଯାଉଚି କି ?’’

‘‘ମୁଁ ତ ସେଇଆ ଭାବୁଛି...’’ ଗାଇଲ୍‌ସ କହିଲା ।

‘‘ହେଲା ! ହେଲା !!’’ ୱେଲାଣ୍ଡର ଗଳାରେ ଶପଥ । ‘‘ଯଦି ହୁଏ ବୁଢ଼ାର ସବୁ କାରସାଦିକି ପାଣି ଫଟେଇଦେବି । ମୋତେ ଟିକେ ଏ ଜିନିଷ ବନ୍ଧାବନ୍ଧିରେ ସାହାଯ୍ୟ କରନ୍ତୁ । ମୋ’ ରାଗ ବଢ଼ିଲାଣି’’– ତରତରରେ ବୁଲାବିକାଳି ଜିନିଷ ଧଇଲା । ଧର୍ମଶାଳା ପଛର ଖସ୍‌କି ରାସ୍ତାରେ ସେ ଖସିଗଲା ।

ବୁଢ଼ୀ ଚାକରାଣୀଟାଏ ଖୋଲିଦେଲା ଦ୍ୱାର । ତା’ ହାତକୁ ବଢ଼ାଇଦେଲା ରୁପାର ମୁଦ୍ରାଟାଏ । ସେଇଠୁ ତାକୁ ସୁବିଧା ମିଳିଲା । ସେ ତା’ ଜିନିଷପାତି ନେଇ ଭିତରକୁ ଗଲା ।

‘‘ସେ କିଏ ଜେନେଟ୍ ?’’ ଦୂରରୁ ଆମୀ ଦେଖିପାରିଲେ ।

‘‘ଏଇ ବୁଲାବିକାଳିଟାଏ ହୋଇଥିବ– ଯୋଉମାନେ ଏଣ୍ଟୁତେଣ୍ଟୁ ଜିନିଷ ବିକନ୍ତିନି ! ବୁଢ଼ୀ ଡୋରବାସ ତାକୁ ଛାଡ଼ିଦେଲା କିପରି ?’’

‘‘କାହିଁକି ? ଏ ତ ଗୋଟାଏ ଭାଗ୍ୟର କଥା ! ଆମେ ଯେମିତି ଏକେଲା ଜୀବନ କଟାଉଚେ...’’ ମହିଳା ଜଣକ କହିଲେ । ‘‘ହେ ଫେରିବାଲା, ଆସ...ଆସ ! ଖୋଲ ତୁମର ପସରା । ଦେଖେ କ’ଣ ଅଛି !!’’

ଆମୀ ଅନେକ ସଉକିନି ଜିନିଷ ବାଛିପକାଇଲେ । ଜେନେଟ୍ ପାଇଁ ଚେରୀ ରଙ୍ଗର

ଗୋଟାଏ ଉପରାଣ କିଣିଲେ । ସେ ଦେଖାଇଲା ଅତର ଓ ସୁଗନ୍ଧ ଅର୍କ ସବୁ । କହିଲା, "ମହାରାଣୀ ଏଲିଜାବେଥ୍ ଆସୁଛନ୍ତି କେନିଲ୍‌ୱର୍ଥ । ଲର୍ଡ ଲେସେଷ୍ଟର ସେଇଠି ତାଙ୍କୁ ସ୍ୱାଗତ ଜଣାଇବେ । ତେଣୁ ଏସବୁ ଅତର ଜାତିର ପଦାର୍ଥ ଚଢ଼ାଦରରେ ବିକ୍ରି ହେଉଚି !"

"ଆଚ୍ଛା..." ଆମୀ ଜେନେଟ୍‌କୁ କହିଲେ । "ସେମିତି କଥା ତ ଆମେ ଶୁଣୁଥିଲୁ । ସେ ସବୁ ଏବେ ସତ !"

ଗଳାରେ ଆଶ୍ଚର୍ଯ୍ୟ ଫୁଟାଇ ୱେଲାଣ୍ଡ କହିଲା, "ନିଶ୍ଚୟ ଆଜ୍ଞା ! ଆପଣ ଶୁଣିନାହାନ୍ତି ? ଇଂଲଣ୍ଡର ମହାରାଣୀ ଆମ ଆର୍ଲଙ୍କ ସଙ୍ଗରେ ସପ୍ତାହେ ଯାଏ ରହିବେ । ଲୋକେ କହୁଛନ୍ତି ଇଂଲଣ୍ଡ ଏଇ ଗ୍ରୀଷ୍ମ ଆଗରୁ ପାଇବ ତା'ର ରାଜାଙ୍କୁ ଆଉ ଏଲିଜାବେଥ୍ ପାଇବେ ତାଙ୍କ ସ୍ୱାମୀଙ୍କୁ ।"

କାଉଣ୍ଟେସ୍ ରାଗରେ ଫୁଲିଗଲେ । "ସେ ସବୁ ଖଳଲୋକଙ୍କ କଥା !" ଏତକ କହିଦେଲେ ସିନା, ପରେ ନିଜକୁ ସମ୍ଭାଳିନେଲେ । "ଦେଖି ଦେଖି ଏ ରୁପା ବାକ୍‌ସରେ କ'ଣ ଅଛି ?"

"ସେ ଗୋଟାଏ ଔଷଧ ! ବିଚିତ୍ର ତା' କରାମତି । ଯୋଉମାନେ ଅନେକ ଦିନ ଗୋଟାଏ ଜାଗାରେ ରହି ରହି ଦୁଃଖରେ ଅବସାଦରେ ଭାଙ୍ଗିପଡ଼ିଥାଆନ୍ତି– ସେଇମାନଙ୍କ ପାଇଁ..."

"ବୋକା ନା କ'ଣ ? ଏଭଳି ଔଷଧ କୋଉଠି ଥାଇପାରେ ?" ଭଦ୍ରମହିଳା ଅବିଶ୍ୱାସ କରୁଥିଲେ ।

"ବିଶ୍ୱାସ କରନ୍ତୁ । ଯାହା କହୁଚି ଖାଣ୍ଟି ସତ ! ବହୁତ ଲୋକ ଏ ଔଷଧ ବ୍ୟବହାର କରିଛନ୍ତି । ତା'ର ତାରିଫ୍ କରିଛନ୍ତି । ଟ୍ରେସିଲିଆନ୍ ନାମକ ଜଣେ ଭଦ୍ରଲୋକ ଏ ଔଷଧର ଖୁବ୍ ପ୍ରଶଂସା କରନ୍ତି !"

"ଜେନେଟ୍ ଏ ଔଷଧରୁ କିଛି ନିଏ । ବେଳେ ବେଳେ ମନରେ ମୋର ମାଡ଼ିଆସେ ଦୁଃଖର କଳାଛାଇ..." ଆମୀ ଜେନେଟ୍‌କୁ ଚାହିଁଲେ !

"ଏହାର ଫଳ ମନ୍ଦ ବି ହୋଇପାରେ ଆଜ୍ଞା !"

"ଦେଖନ୍ତୁ ମୁଁ ପରୀକ୍ଷା ଦେଉଛି ।" ୱେଲାଣ୍ଡ ପାନଟିଏ ଖାଇଲା ।

"ମୁଁ ନେଉଚି ଜେନେଟ୍" ସେ ବି ପାନେ ଖାଇଲେ । ଅଳ୍ପ ସମୟପରେ କହିଲେ, "ମଜା ଲାଗୁଚି ତ !" ସେ ହସୁଥିଲେ ।

ଆମୀ ହାତକୁ ସେ ବଢ଼ାଇଦେଲେ ଟଙ୍କାର ଥଳୀ । ଜିନିଷତକ ରୁଣ୍ଡାଇ ସେ ଡଗଡଗ ବାହାରିଗଲେ । ୱେଲାଣ୍ଡ ବେଳ ପାଇଲାନି ତାଙ୍କ ସହ କଥା ହେବାକୁ ।

ୱେଲାଣ୍ଡ କହିଲା, "ଆପଣଙ୍କ ମାଲିକିଆଣୀଙ୍କର କେହି ବିଶ୍ୱାସୀ ଲୋକ ରହିବା ଦରକାର ।"

‘‘ମୋ ହାତେ ତାଙ୍କ ପଇସା ନିରାପଦ । ଏ କଥା ସେ ଜାଣନ୍ତି ।’’ ଜେନେଟ୍ ସଙ୍ଗେ ସଙ୍ଗେ ଉତ୍ତରଦେଲା ।

‘‘ଦେଖନ୍ତୁ– ମୋତେ ଯାହା ଦେଖୁଛନ୍ତି ମୁଁ ତାହା ନୁହେଁ । ମୁଁ ବୁଲାବିକାଳି ନୁହେଁ...’’

‘‘ଆଁ ! ନୁହଁ ?? ପଳାଅ...ପଳାଅ !! ନହେଲେ ମୋ’ ବାପାଙ୍କୁ ଡାକିଦେବି ।’’

‘‘ଧୀରେ ! ତରତର ହେବାର କିଛି ଲୋଡ଼ାନାଇଁ । ତୁମ ମାଲିକାଣୀ ବର୍ତ୍ତମାନ ବଡ଼ ବିପଦରେ । ତାଙ୍କୁ ସାହାଯ୍ୟ କରିବାକୁ ସାଧୁ ସଚ୍ଚୋଟ ଲୋକ ଦରକାର, ମୁଁ ସେଥିକୁ ତିଆର ଅଛି । ମୋ’ ମୁହଁକୁ ଚାହଁ– ! ଚାହଁନା ! ମୁଁ ଭଲ ଲୋକ ପରି ଦିଶୁଚି ନା ନାଇଁ ?’’

ଜେନେଟ୍ ଚାହିଁରହିଲା ଓ୍ୱେଲାଣ୍ଡର ମୁହଁକୁ । ତା’ ଗାଲରେ ଲାଜ ଫୁଟିଲା । ସେ ଦେଖିଲା ଗୋଟିଏ ସରଳିଆ ମୁହଁରେ ହସର ଫୁଆରା । ଉଜ୍ଜ୍ୱଳ ଆଖି ଦୁଇଟିରେ ବନ୍ଧୁତାର ଲହର ! ‘‘ଆପଣଙ୍କ ଅନେକ ଜିନିଷ ଅଛି... ଯାହାର ନାଁ ସାଧୁତା !’’ ଜେନେଟ୍‌ର ଗଳା ଥରିଉଠିଲା ।

‘‘ତେବେ ଶୁଣନ୍ତୁ’’ ଓ୍ୱେଲାଣ୍ଡ ବ୍ୟଗ୍ର ଥିଲା, ‘‘ଆଜି ସଞ୍ଜରେ ବା କାଲି ସକାଳେ ଏଠାକୁ ଆସିବ ବୁଢ଼ାଟାଏ । ସେ ବିଲେଇ ପରି ଦୁଷ୍ଟ । ଆଖି ତା’ର ମୂଷା ଆଖିପରି ତୀକ୍ଷ୍ଣ । ସ୍ପାନିଏଲ୍ ପରି ଚତୁର । କପୋତ ପରି ନିରୀହ ଦିଶୁଥିବ । ଭିତରଟା ହଳାହଳ । ସେ ଏଠିକି କାହିଁକି ଆସୁଚି ଜାଣେନି । ହେଲେ, ସେ ଯୋଉଠିକି ଯାଏ, ବାଣ୍ଟିଦିଏ ଭୋଗ । ଆଣେ ମୃତ୍ୟୁ । ମାଲିକାଣୀଙ୍କି କହିବେନି କିଛି ଏ ବିଷୟରେ । ଦେଖିବେ, ଏ ଔଷଧ ଯେପରି ସେ ନିୟମିତ ଖାଇବେ ।’’ ସେ ଖୁବ୍ ଧୀରେ କହୁଥିଲା । ଶେଷବେଳକୁ ଜେନେଟ୍‌ର କାନ ପାଖେ ଚୁପ୍‌ଚୁପ୍ କହିଲା, ‘‘ସବୁ ବିଷକୁ କାଟିବ ଏ ଔଷଦ । ମୁଁ ଯାଉଚି... ।’’ ବଗିଚା କବାଟ ପାଖେ ଶୁଣାଗଲା କେତେକ ଗଳା । ଓ୍ୱେଲାଣ୍ଡ ଡେଇଁପଡ଼ିଲା ।

ଜେନେଟ୍ ଚୁପ୍‌କରି ଖସିଗଲା । ଲୁଚାଇ ଦେବାକୁ ହେବ ସବୁ ଜିନିଷ । ତେବେ ସେ ତରତର ହେବା କି ଦରକାର ? ତା’ ବାପା ଆଉ ବୁଢ଼ା ଜଣେ ଲାବୋର୍ଣ୍ଣକୁ ଟେକାଟେକି କରି ନେଉଥିଲେ । ସେ ମଦରେ ଟେର୍ ।

ଜେନେଟ୍ ଆମୀଙ୍କ ଘରକୁ ଆସିଲା । ସେଇ ଅପରିଚିତଟିର ମୁହଁ ଆଉ ମଧୁର କଣ୍ଠସ୍ୱର ତା’ ମନରେ ବାରମ୍ବାର ଉଠୁଥାଏ ।

ଓ୍ୱେଲାଣ୍ଡ ଖସିଗଲା ନିରାପଦରେ । ଅସରନ୍ତି ଦୁଃଖ ତା’ର, ହାୟରେ ବିଧାତା ! ଏପରି ସୁନ୍ଦରୀ ପୁଣି ବନ୍ଦୀ ! ସୈତାନଦଳ ତାକୁ ଘେରି ରହିଛନ୍ତି । ଜେନେଟ୍ ତ ବି ଖୁବ୍ ସୁନ୍ଦରୀ ! ଓ୍ୱେଲାଣ୍ଡ ଗୁଣୁଗୁଣୁ ହେଲା– କିଛିଦିନ ଏଠି ରହିଯାଏ !!

ବାର୍ଣ୍ଣିର କୌଶଳ

କେନିଲ୍‌ୱର୍ଥକୁ ରାଣୀ ଆସୁଛନ୍ତି । ଦେଶସାରା ଖୁବ୍ ଚହଳ ଖେଳୁଚି । ମଫସଲ ଲୋକେ ନାନା କଥା ହେଉଛନ୍ତି । ଲେସେଷ୍ଟର ଦିନରାତି ବ୍ୟସ୍ତ । କୌଣସି ଚେଷ୍ଟାର ବାକି ଆଉ ନାଇଁ । ଦେଶବିଦେଶରୁ ଯେତେ ଯେତେ ପାରିଷଦ ଓ ଜିନିଷ ଆସିପାରେ ଆସିଚି । ଦେଶର ସମସ୍ତ ସାମନ୍ତ, ଦରବାରର ଚମତ୍କାର ମହିଳା ସମସ୍ତେ ନିମନ୍ତ୍ରିତ ।

ଲେସେଷ୍ଟର୍‌ଙ୍କ ମନରେ କିନ୍ତୁ ଖଟକା । ତାଙ୍କ ଚୋରା ପୀରତି ଧରାପଡ଼ିଯାଇପାରେ । ଏଲିଜାବେଥ୍ ତାଙ୍କୁ କେତେ ଆଦର ନକରୁଛନ୍ତି ! ଏପରି ଅବସ୍ଥା ! କାଉଣ୍ଟେସ୍‌ଙ୍କୁ କିପରି ରାଣୀଙ୍କ ସାମ୍ନାରେ ଦେଖାଯିବ ? ସେ ତୁହାଇ ତୁହାଇ ପଚାରୁଥିଲେ, ‘‘କୁହ ବାର୍ଣ୍ଣି, କୁହ !’’

‘‘ଆମୀ କିଛିଦିନ ପାଇଁ ମୋ’ ନାଁ ଧରି... !’’

‘‘ନା ନା, ତା’ ହୋଇପାରିବନି । ସେଥିରେ ତାଙ୍କର କି ମୋର କାହାରି ଇଜ୍ଜତ ରହିବନି ।’’

‘‘ତେବେ ଆମୀଙ୍କ ବଦଳା ଆଉ କେଉଁ ସ୍ତ୍ରୀକୁ...’’

‘‘ପାଗଳ ହେଲ ବାର୍ଣ୍ଣି ! ଟ୍ରେସିଲିଆନ୍ ଆମକୁ ଧରାପକାଇଦେବନି ?’’

‘‘ତେବେ ଉପାୟ ନାଇଁ । ମୁଁ ହୋଇଥିଲେ କହନ୍ତି ପ୍ରତାରଣା କର...’’

‘‘ମୋ ଲାଗି ତୁମେ ଏବେ ଯାଅ, ବାର୍ଣ୍ଣି ! ସୈତାନ ତୁମକୁ ସେମିତି ଗୋଟାଏ ଶକ୍ତି ଦେଇଚି । ସତକୁ ମିଛି ମିଛକୁ ସତ ତୁମେ ବନାଇପାର ।’’

‘‘ଆପଣ କହିଲେ, ମୁଁ ଚାଲିଲି ଆଜ୍ଞା ! ଦିଅନ୍ତୁ ଆଜ୍ଞା ପତ୍ର !’’

ଲେସେଷ୍ଟର ଗୋଟାକ ପରେ ଗୋଟାଏ ଚିଠି ଲେଖି ଚାଲିଲେ । କୋଉ ଗୋଟାଏ ବି ତାଙ୍କ ମନକୁ ପାଇଲାନି । ଚିରି ଟୁକୁରା କରିଦିଅନ୍ତି । ଶେଷରେ ହତାଶଭାବେ ଦୁଇ ଚାରି ଧାଡ଼ି ଗାରେଇଦେଲେ । ଲେଖିଥିଲେ ତାଙ୍କ ଜୀବନ ଓ ସମ୍ମାନ ପାଇଁ ସେ ବାର୍ଣ୍ଣିକି କିଛିଦିନ ନିଜର ସ୍ୱାମୀ ବୋଲି ପରିଚୟ ଦେବେ ।

ବାର୍ଣ୍ଣି ଭାବୁଥିଲା । କ୍ଷମତାପ୍ରିୟ ଆର୍ଲ । ସେ ଭୁଲିପାରନ୍ତି ତାଙ୍କର ଏଇ ଅପରୂପା ତନୁପାତଳୀକି । ସେ କିନ୍ତୁ ଭୁଲିବେନି ଗୋଟିଏ କଥା– ସେ ଯେ ବଡ଼ ହେବେ !! ସେ ସୁନ୍ଦରୀ ଯେତେ ଦିନ କ୍ୟୁନର୍ କୋଠିରେ ଗୁପ୍ତ ରହନ୍ତି ସେତେ ଭଲ ! କିଛି ନହେଲେ ବାର୍ଣ୍ଣିକି ସାଥୀ ମିଳିବ ତ ! ଘୋଡ଼ା ତା’ର ଶୂନ୍ୟରେ କୁଦା ମାରୁଥିଲା ।

‘‘ଦେଖାଯାଉ... ! ମୋ’ ସ୍ତ୍ରୀ ବୋଲି ପରିଚୟ ଦେବାକୁ ଆମୀ ନ ମଙ୍ଗିଲେ କୌଣସି ରୋଗର ବାହାନା କରାଯାଇପାରେ । ଚାଲରେ ଘୋଡ଼ା ଚାଲ । ଆଶା

ଆକାଂକ୍ଷା, ବଡ଼ ହେବାର ଇଚ୍ଛା ସବୁ ମୋର...ଆଗେଇଯାଅ ! ଚାଲ୍ ଘୋଡ଼ା...ଚାଲ୍ !!''

ସେ ଘୋଡ଼ାଟାପୁ କ୍ୟୁନର୍ କୋଠିରେ ଶୁଭିଲା । ଦଉଡ଼ିଆସିଲେ ଆମୀ ! ଏଇ ଡଡଲୀ ଆସୁଛନ୍ତି ନିଶ୍ଚୟ !!

ଫଷ୍ଟର କହିଲା, ''ରାତିସାରା ଘୋଡ଼ା ଚଳାଇ ବାର୍ଣି ଆସିଚି !''

''ମୋ ପ୍ରଭୁଙ୍କ ଖବର ଆଣିଥିବ । ତାଙ୍କୁ ଡାକ ।'' ଆମୀ ବ୍ୟଗ୍ର ।

ବାର୍ଣିର ମୁହଁରେ କ୍ଳାନ୍ତି କିନ୍ତୁ ଥିଲା, ଝଲମଲ କରୁଥିଲା ଦୁଷ୍ଟ ଆନନ୍ଦ !

''ଖବର ! ସବୁ ଭଲ ତ ମୋ' ପ୍ରଭୁଙ୍କର ?'' ଆମୀ ପଚାରିଉଠିଲେ ।

''ଚକିତ ହୁଅନ୍ତୁନି ! ଗୁପ୍ତକଥା ଅଛି । ଆପଣ ଏକା ହେଲେ...''

ଫଷ୍ଟର ଓ ଜେନେଟ୍ ପାଖ ଘରକୁ ଗଲେ । କବାଟ ବନ୍ଦକରିଦେଲା ବାର୍ଣି । କିଛି ସମୟ ପରେ...ହଠାତ୍ ଗର୍ଜିଉଠିଲେ ବାଘୁଣୀ ପରି ଆମୀ, ''ଖୋଲ, ଖୋଲ ଦ୍ୱାର ! ଫଷ୍ଟର୍ ! ଜେନେଟ୍ !! ବିଶ୍ୱାସଘାତକ ! ମୋତେ କ'ଣ କରିପାଇଚୁ କି ?''

ନିଜକୁ ବାର୍ଣି ନିଜେ କବାଟ ଖୋଲିଲା । ଫଷ୍ଟର୍ ଓ ଜେନେଟ୍ ଦୌଡ଼ିଆସିଲେ । କୋଠରି ମଝିରେ ଠିଆହୋଇଥିଲେ ଆମୀ । ମୁହଁ ଲାଲ ଟକ୍ ଟକ୍ । ଆଖିରେ ନିଆଁ । ତାଙ୍କ ମୁହଁ ତାରୁଣ୍ୟ ଓ ଲାବଣ୍ୟ ଉଭୟ ଦିଶୁଥିଲା । ସୁନ୍ଦର ଯେତିକି, ଭୟଙ୍କର ସେତିକି । ବାର୍ଣି ବି ଥିଲା ସେଇଠି । ଲାଜ ଓ ଭୟରେ ସେ ଥରୁଥିଲା ।

''କ'ଣ ହେଲା ମଣିମା ?'' ଜେନେଟ୍ ପଚାରିଲା ।

''କ'ଣ କଲେ ତାଙ୍କୁ ?'' ଫଷ୍ଟର୍ ପ୍ରଶ୍ନ କଲା ।

''ମୁଁ ? କିଛି ନାହିଁ । କହୁଥିଲି ଖାଲି ତାଙ୍କ ସ୍ୱାମୀଙ୍କ ଆଦେଶ କଥା !''

''ମିଛ ! ମିଛୁଆ !! ପାଜି !! ବିଶ୍ୱାସଘାତି !! ଜେନେଟ୍ ଏ ଗୋଟେ ଅପକୌଶଳ ତା'ର !!''

''ଆପଣ ମିଛରେ ରାଗୁଛନ୍ତି । କାଲିକି ବୁଝାଇଦେବି ।'' ବାର୍ଣି କହିଲା ।

''ତୋ'ର ସେ ସୁବିଧା କେବେ ଆଉ ଆସିବନି । ଦେଖ ଜେନେଟ୍, ଭଦ୍ରଲୋକ ପରି ରସିକ ସାଜି ଆସିଚି । ୟା' ସହିତ ମୁଁ ଯିବି ରାଣୀ ଏଲିଜାବେଥ୍‌ଙ୍କ ସାମ୍ନାକୁ । ସେଠି ସମସ୍ତଙ୍କ ଆଗରେ, ମୋ' ସ୍ୱାମୀଙ୍କ ଆଗରେ ଏଇ ଲୋକକୁ, ଆମର ଚାକରକୁ ସ୍ୱୀକାର କରିବି ମୋ' ସ୍ୱାମୀରୂପେ !''

''ଫଷ୍ଟର୍ ! ଦେଖ ଏ ଚିଠି ! କ'ଣ ଲେଖାଅଛି ପଢ଼ !'' ବାର୍ଣି ଯୁକ୍ତି ବାଢ଼ିଲା ।

''ମୋ ରାଗପାଇଁ ଈଶ୍ୱର ମୋତେ କ୍ଷମାକରନ୍ତୁ''— ଆମୀ ଉତ୍ତେଜିତ ଭାବେ କହୁଥିଲେ । ''ମୁଁ କେବେ ବିଶ୍ୱାସ କରିବିନି ମୋ' ପ୍ରିୟ ଡଡଲୀ ତୁମର ଏ ହୀନ ପ୍ରସ୍ତାବରେ ରାଜିହୋଇଥିବେ ।'' ସେ ଲେସେଷ୍ଟରଙ୍କ ଚିଠିଟାକୁ ଖଣ୍ଡ ଖଣ୍ଡ କରି ଚିରିପକାଇଲେ । ''ମୁଁ ଯଦି ବାର୍ଣି, ପୁରୁଷ ହୋଇଥାନ୍ତି, ଏ କଥାର ମଞ୍ଜି ବାହାର

ଲରିଦିଅନ୍ତି । ତମ ମାଲିକଙ୍କୁ କହିଦେବ, ସେ ମୋତେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବୋଲି ଭାବନ୍ତୁନି । ବୁଝିରଖ ମହାଶୟ, ମୁଁ ତୁମକୁ ଏତେ ଘୃଣା କରୁଚି ଯେ, ତୁମ ଉପରେ ରାଗିବାକୁ ଲାଜ ଲାଗୁଚି ।''

ରାଗ ତମତମ ବାର୍ଣି– ସେ ଝଡ଼ ପରି ସେଠୁ ପଳାଇଗଲା । ଫଷ୍ଟର୍ ଗଲା ତା' ପଛେ ପଛେ । ସେ ଚେଷ୍ଟାକରୁଥିଲା ଜିନିଷଟାକୁ ବୁଝିବାକୁ । ହେଲେ, ବାର୍ଣି କାହିଁ କ'ଣ ସୁରାକ୍ ଦିଅନ୍ତା ? ସେ ବରଂ କାଉଣ୍ଟେସ୍‌ଙ୍କ ରୂପ ଓ ସୁନ୍ଦର ମୁହଁଟି ଉପରେ ଟୀକାଦେଲା । ତା'ପରେ ପଚାରିଲା– ''ଡାକ୍ତର ଆଲାସ୍କୋ ?''

''ଲାବୋରେଟୋରୀରେ ଥିବେ । ହେଲେ ଅପରାହ୍ଣ ନବଢ଼ିବାଯାଏ, ତାଙ୍କୁ ଡାକିବାକୁ ସାହସ କରୁନି ।'' ଫଷ୍ଟର୍ କହିଲା ।

''ଧେତ୍‌ତେରୀ ! ସେଥକୁ ଗୋଟାଏ ଡର ?'' ବାର୍ଣିର ବେପରୁଆ ଭାବ ।

ସେମାନେ ଗୁପ୍ତ ସୁଡ଼ଙ୍ଗରେ ଗଲେ ସେଇ ପରୀକ୍ଷାଗାରକୁ । ଫଷ୍ଟର୍ ଦ୍ୱାର ପାଖେ ଅଟକିଲା । ବାର୍ଣି ଜୋର୍‌ରେ କବାଟ ଧଡ଼ଧଡ଼ କଲା । ଭାଙ୍ଗିଦେବ କି ? ''ଥରକୁ ଥର ମୋତେ ଏ ଆଡ଼କୁ ଟାଣୁଚ କାହିଁକି ?'' ରସାୟନବିତ୍‌ଟିର ମୁହଁ ଆଖି ଧୂଆଁଭରା ।

''ନରକର କଥା ପାଇଁ'' ଛିଗୁଲାଇଲା ବାର୍ଣି, ''କାରଣ ତାହାଇ ତମ ପାଇଁ ଠିକଣା ବିଷୟବସ୍ତୁ ।'' ସେମାନେ ସେ ଘରେ ଧସେଇ ପଶିଲେ ।

ଏଣେ କାଉଣ୍ଟେସ୍ କୋଠରିସାରା ବୁଲୁଥାନ୍ତି । ତାଙ୍କ ଗାଲରେ ରାଗ ଓ ଘୃଣାର ଉଷୁମ ଏବେ ବି ତାଜା ଥାଏ । ''ସୈତାନ୍ ! ପାଜି ! ଘୃଣ୍ୟ ଜନ୍ତୁଟାଏ !! ତାକୁ ଠିକ୍ ଧରିପାରିଚି । ତା' ବୁକୁର ସେଇ କଦର୍ଯ୍ୟ କଳାରୂପ ଆଜି ପଦାରେ ପଡ଼ିଛି । ଲେସେଷ୍ଟର– ପୁଣି ଏ ଚିଠି ? ମୋ' ବିବାହକୁ ଅସ୍ୱୀକାର ! ଏ ଲୋକ ଆଉ ମୋ' ଜୀବନ ଦେବତା ? ଅସମ୍ଭବ । ଏ ଦୁଷ୍ଟ ସୈତାନର ଏସବୁ କାରସାଦି । ଏଠି ମୁଁ ରହିପାରିବିନି ଜେନେଟ୍ । ମୁଁ ଡରୁଚି ଏ ପାଜିକି । ଡରୁଚି ତୁମ ବାପାଙ୍କୁ ବି । ଅପ୍ରିୟ ଏକଥା । କିନ୍ତୁ ସତ । ସବୁଠୁ ମନ୍ଦ ସେଇ ବାର୍ଣି ! ମୁଁ ଏ କୋଠିରୁ ପଳାଇବି ଜେନେଟ୍ !''

''କିନ୍ତୁ କୋଉଠିକି ? ଏ ଉଚ୍ଚ ଉଚ୍ଚ କାନ୍ଥ ଡେଇଁଯାଇପାରିବେ ତ ?''

ଦି ହାତକୁ ଜାବୁଡ଼ି ଧଇଲେ କାଉଣ୍ଟେସ୍ । ଗୋଟାଏ ଭୂତ ଦେଖି ଡରିଗଲେ କି । ''ଜାଣେନି ଜେନେଟ୍– କୋଉଠିକି ଯିବି ? ଯିବି ଯୋଉଠିକି ହେଲେ । ଭଗବାନ ମୋତେ ଫିଙ୍ଗିଦେବେନି । ମୁଁ ସୈତାନମାନଙ୍କ ଗହଣରେ ରହିପାରିବିନି ।''

ଏତିକିବେଳେ ପହଞ୍ଚିଲା ଫଷ୍ଟର୍ । ସେ ଆଣିଥିଲା ଟ୍ରେରେ ଗ୍ଲାସ୍ ଓ ପାନପାତ୍ର । ତା' ବ୍ୟବହାରରେ ଥିଲା ଅନେକ ଅଦ୍‌ଭୁତ ଭଙ୍ଗୀ । ସେ କାଉଣ୍ଟେସ୍‌କୁ ପାନୀୟ ପିଇବାକୁ କହିଲା । ଏହା ଫଳରେ କୁଆଡ଼େ ତାଙ୍କୁ ଭଲଲାଗିପାରେ । ପାତ୍ରଟି ଧରିଲା

ସେ । ଥରିଲା ତା' ହାତ । ଥରିଲା ବି ଗଳା । ଜେନେଟ୍ ଆଶ୍ଚର୍ଯ୍ୟ ହେଲା । ବାପା ପାଖକୁ ଧାଇଁଗଲା । କହିଲା, ''ମୁଁ ନିଜେ ଢାଳିଦେଉଚି ବାପା !''

''ନା ମା', ତୁ ଦେନା ।''

''କାହିଁକି ବାପା ! ଭଲ ଜିନିଷ ତ ! ମୁଁ ପିଇନେଉଚି !''

ଫଷ୍ଟର୍ ଝିଅ ଆଡ଼କୁ ମାଡ଼ିଗଲା । ଛଡ଼ାଇଆଣିଲା ପାନପାତ୍ରକୁ ।

''ଆଶ୍ଚର୍ଯ୍ୟ ! ମୋତେ ପିଇବାକୁ ଦେବନି । ତାଙ୍କୁ ଦେବ; ତା' ବି ତମେ ଚାହଁନି...''

କୌତୂହଳ ଆଖିରେ କାଉଣ୍ଟେସ୍ ଦେଖୁଥିଲେ । ''ଆଚ୍ଛା ଫଷ୍ଟର୍, ତମେ ଟିକେ ପିଅ !'' କାଉଣ୍ଟେସ୍ କହିଲେ ।

''ମୁଁ ପିଇବିନି । ମୁଁ ନେଇଯାଉଛି ତା'ର ପାଖକୁ, ସେଇ ସୈତାନ ପାଖକୁ ଯିଏ ତିଆରି କରିଚି ।'' ସେ ଛାଟମାରିଲା ପରି ପଳାଇଗଲା ।

''ମୋ ବାପାଙ୍କ ଏ ବ୍ୟବହାର ଲାଗି ମୋତେ କାନ୍ଦ ଆସୁଚି ଆଜ୍ଞା !'' ଲାଜ ଓ ଅପମାନରେ ଜେନେଟ୍‌ର ମୁହଁ ରଙ୍ଗା ପଡ଼ିଗଲା । ସେ ବାହାରକୁ ଯିବାକୁ ପାଦ ବଢ଼ାଉଥିଲା ।

''ମୋତେ ଛାଡ଼ି ଯାଅନି ଜେନେଟ୍ ! ରୁହ ଏଠି...'' କାନ୍ଦିଉଠିଲେ କାଉଣ୍ଟେସ୍ ।

''ଆପଣଙ୍କୁ ଛାଡ଼ିଯିବି ? କେବେ ନୁହେଁ ।'' ଫେରିଆସିଲା ଜେନେଟ୍ । ତାଙ୍କ ହାତ ଦି'ଟିକି ଧରି ଚୁମାଦେଲା ସେ । କହିଲା, ''ନା, ଈଶ୍ୱର ଆପଣଙ୍କ ସଙ୍ଗେ ଦିନ-ରାତି ଅଛନ୍ତି । ମୁଁ ତାଙ୍କୁ ଡାକୁଛି । ହେଉ, ମୁଁ ଏଇ ଆସୁଛି... । ଜାଣେ, କ'ଣ କରିବାକୁ ହେବ ।'' ସେ ତରତର ହୋଇ ଚାଲିଗଲା ।

ତା' ବାବା ଫେରିଆସିଥିଲା ପରୀକ୍ଷାଗାରକୁ । ବାର୍ଣି ପଚାରିଲା, ''ସେ ସୁନ୍ଦର ପକ୍ଷୀ କିଛି ପିଇଲା ?''

''ସେ ପିଇନାହାନ୍ତି । କେବେ ପିଇବେନି । ମୋ' ଝିଅ ସାମ୍ନାରେ ମୁଁ ତାକୁ ମାରିବି ? ପୁଣି ବିଷ ଦେଇ !''

''ମାରିବା କଥା କିଏ କହୁଛି ?'' ରାଗିଉଠିଲା ବାର୍ଣି । ପାନପାତ୍ର ଧରି ସେ ବାହାରିଗଲା ।

ଅଳ୍ପ କେତେ ସମୟ ପରେ ଫେରିଆସିଲା ରିଚାର୍ଡ ବାର୍ଣି ।

''ପିଇଲେ ସେ !'' ଫଷ୍ଟର୍ ଆଶ୍ଚର୍ଯ୍ୟ ।

''ପିଇଲେ ନୁହେଁ ପିଆଇଲି । ପାଗଳମାନଙ୍କୁ କିପରି ବ୍ୟବହାର କରିବାକୁ ହୁଏ ମୁଁ ଜାଣେ ।''

ଆଣ୍ଟୋନୀ ଫଷ୍ଟର୍‌ର ଛାତି ମଳିହେଲା ।

ପଳାୟନ

ଗ୍ରୀଷ୍ମର ସଞ୍ଜ ସରୁଚି । କ୍ୟୁନର୍ କୋଠିକି ଫେରିଆସିଲା ଜେନେଟ୍ । କାଉଣ୍ଟେସ୍ ଟେବୁଲ ଉପରେ ମୁଣ୍ଡ ପୋତି ପଡ଼ିଥିଲେ । ହଲଚଲ ନାହିଁ । ଜେନେଟ୍ ତାଙ୍କ ନଇଁଯାଇଥିବା କାନ୍ଧ ଉପରେ ରଖିଲା ହାତ । ମୁହଁଟିକି ଟେକିଦେଲା । ଆମୀ ଧୀରେ ଆଖି ଖୋଲିଲେ । ଅନ୍ଧ ଚାହିଁଲେ । ମୁହଁଟା କି ଶେତା ! ସତେ ଅବା ଚାରିମାସର ମଲୁ !

''ଜେନେଟ୍, ପିଇଦେଲି !''

ଜେନେଟ୍ ପାଟିରୁ କଥା ବାହାରିଲାନି । ''ପିଇଦେଲେ ? ହଉ ! ତେବେ ବି କ୍ଷତି ହେବନି । ତା'ର ପ୍ରତିକାର ପାଇଁ ଆଗରୁ ଓଷଦ ଖାଇଛନ୍ତି ଯେ ! ଭୟକରନ୍ତୁନି । କହିଦିଏଁ... ପଳାଇବାର ରାସ୍ତା ଅଛି ।''

''ପଳାଇବା ? ବହୁତ ଡେରିହେଲା ଜେନେଟ୍ !''

''ନା, ମା ! ବିଷ କଥା ନେଇ ଭାବନ୍ତୁନି । ଉଠନ୍ତୁ । ଚଲାବୁଲା ଆପଣଙ୍କୁ ଭଲ କରିବ ।'' ଜେନେଟ୍ କାଉଣ୍ଟେସ୍‌ଙ୍କ ହାତ ଧରିଲା । ଥର ଥର କାଉଣ୍ଟେସ୍ । ସତେ ଅବା ଶିଶୁଟିଏ ! ଆହା, କେତେ ଦୁଃଖ, ବିପଦ ତାଙ୍କର !!

''ଜେନେଟ୍, ବାର୍ଣି ଆସିଲା । ପିଇବାକୁ ଜୋର୍ କଲା । ଖୁବ୍ ଖରାପ ହେବ ଜେନେଟ୍ । ଏପରି ମନ୍ଦ ଲୋକଠୁ କିଛି ପିଇବା କେବେହେଲେ ଭଲ କରିବନି !''

''ଭୟ ହେଉଚି ତ । ହେଲେ ସୈତାନର ମୁକାବିଲା କରନ୍ତି ଭଗବାନ୍ ।'' – ଜେନେଟ୍ କହିଲା ।

''ଜେନେଟ୍, ପଳାଇବା ପରା ? ସମ୍ଭବ ହେବ ତ ?''

''ଆପଣଙ୍କ ବଳ ଆସିଲାଣି ?''

''ବଳ ? ନିଜକୁ ମୁକୁଳାଇବାକୁ ମଲା ଦେହରେ ବି ବଳ ଆସେଲୋ ।''

''ତେବେ ଶୁଣନ୍ତୁ, ସେଇ ବୁଲାବିକାଳି ଆପଣଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି, ହେଲେ ଆପଣଙ୍କ ମନ ଓ ଦେହର ଅବସ୍ଥା...''

''ଯେ ସୈତାନଠାରୁ ଆଉ ମରଣଠାରୁ ରକ୍ଷା ପାଇବାକୁ ଚାହେଁ– ବଳ ତା' ଲାଗି ଆପେ ଆପେ ଆସେ ଜେନେଟ୍ ! ଏ ପଶୁ ବାର୍ଣିଠାରୁ ଉଦ୍ଧାର ପାଇଁ ମୁଁ ମୃତ୍ୟୁଶେଯରୁ ବି ଉଠି ଚାଲିଯାଇପାରେ !'' ସେ ମରଣକୁ ଡରୁନଥିଲେ ।

''ଆସନ୍ତୁ ଶୀଘ୍ର ତେବେ । ସେ ଦ୍ୱାରପାଖରେ । ଆପଣଙ୍କ ଅପେକ୍ଷାରେ ।''

''କାହିଁକି ଜେନେଟ୍, ମୋ ସଙ୍ଗେ ଯିବୁନି ? ମୁଁ ତ ତୋତେ ଛାଡ଼ିପାରିବିନି ।''

''ସମ୍ଭବ ହେଲେ ମୁଁ ଯିବି । କିନ୍ତୁ ଆପଣଙ୍କ ଚାଲିଯିବା ଖବରକୁ ବାହାନା କରିବାକୁ ମୋର ରହିବା ଦରକାର ହୋଇପାରେ । ସେ ବୁଲାବିକାଳି ଆପଣଙ୍କ ବନ୍ଧୁ । ମାଲିକ

ଟ୍ରେସିଲିଆନ୍ ତାଙ୍କୁ ପଠାଇଛନ୍ତି ।''

''ସତେ ? ଟ୍ରେସିଲିଆନ୍‌ଙ୍କ ଲୋକ ? ନିରାପଦ ତେବେ ।'' ଚଞ୍ଚଳ ସେମାନେ ପ୍ରସ୍ତୁତ ହୋଇଗଲେ । ଆମୀ ପିନ୍ଧିଲେ ଜେନେଟ୍‌ର ପୋଷାକ । ସଙ୍ଗରେ ଅଳଙ୍କାର ବାକ୍ସ– ଦରକାରକୁ ଆସିପାରେ ।

ଆକାଶରେ ଚନ୍ଦ୍ର ବେଶ୍ ଉପରକୁ ଉଠିଆସିଥାଏ । ସାରା କୋଠାଟା ନୀରବ, ନିଥର । କେହି ଦେଖିନି । ଦିହେଁ କୋଠାରୁ ଖସିଗଲେ । ''ଆପଣଙ୍କ ବାପାଙ୍କ ପାଖକୁ ଯିବେ କି ? ନିରାପଦ ରହନ୍ତେ !''

''ନା ଜେନେଟ୍, ସେ ସୁଖ ମୋର ଯାଇଛି । ମୁଁ ଯିବି କେନିଲ୍‌ୱର୍ଥ । ଦେଶସାରା ଯୋଉ ହୁରିପଡ଼ିଛି, ତାକୁ ସତ୍ୟରେ ପରିଣତ କରିବି । ମୋ' ସ୍ୱାମୀଙ୍କ ଦୁର୍ଗରେ ଅତିଥି ରାଣୀ । କାଉଣ୍ଟେସ୍ ଲେସେଷ୍ଟର୍ ଭାବେ ମୁଁ ତାଙ୍କର ସେବା କରିବି । ଚର୍ଚ୍ଚା କରିବି ।''

''ପ୍ରାର୍ଥନା କରୁଚି, ଆପଣଙ୍କ ଯାତ୍ରା ସଫଳ ହେଉ । ହେଲେ, ଆର୍ଲଙ୍କ ଆଦେଶ– ଆପଣଙ୍କ ବିବାହ ପୂରା ଗୋପନୀୟ ରହିବ ।''

''ଭାବୁଚୁ ତାଙ୍କର ଅପମାନ କରିବି ? ଅସମ୍ଭବ । ମୁଁ ଜାଣିବାକୁ ଚାହେଁ, ମୋ' କପାଳରେ କ'ଣ ଅଛି– ସେଇ ସ୍ୱାମୀଙ୍କ ମୁହଁରୁ । ପହିଲେ ତାଙ୍କୁ କେନିଲ୍‌ୱର୍ଥରେ ଖୋଜି ନେବି । ଚୁପ୍‌ଚାପ୍ ତାଙ୍କୁ ଭେଟିବି । ତାଙ୍କର ଆଦେଶ ହେବ ମୋର ଜୀବନର ଗତିପଥ ।''

''ତେବେ ବିଦାୟ ନେଉଚି ମଣିମା । ମନେରହେ ଯେପରି ସେ ଭଦ୍ରଲୋକ ଆପଣଙ୍କ ବାହାଘର କଥା ଜାଣିନପାରନ୍ତି । ଈଶ୍ୱର ଆପଣଙ୍କ ପଛେ ପଛେ ନିଶ୍ଚୟ ରହିବେ ।'' ଜେନେଟ୍ ଆଖିରୁ ଲୁହ ଝରିଲା ।

''କାନ୍ଦନି ଜେନେଟ୍ । ଶୀଘ୍ର ଆମର ଭେଟହେଉଚି । ଆଉ ସେତେବେଳେ ହୁଏତ ମୁଁ ଲେସେଷ୍ଟର୍‌ଙ୍କ ସ୍ତ୍ରୀ ଭାବେ ସ୍ଥାନ ନେଇସାରିଥିବି ।''

ସେମାନେ ଦେଖିଲେ ଲୋକଟିଏ ଘୋଡ଼ା ଧରି ଠିଆହୋଇଚି ।

''ସବୁ ନିରାପଦ ନା ?'' ୱେଲାଣ୍ଡକୁ ଜେନେଟ୍ ପଚାରିଲା ।

''ସବୁ ଠିକ୍ ଅଛି । ତେବେ ଆଉ ଗୋଟିଏ ଘୋଡ଼ା ଯୋଗାଡ଼ ହୋଇପାରିଲାନାଇଁ । ଏ ଘୋଡ଼ାରେ ସେ ଚଢ଼ିକରିଯିବେ, ପରେ ନୂଆ ଘୋଡ଼ା ହେଲେ ମୁଁ ଚଢ଼ିକରିଯିବି । ଆଉ ଜେନେଟ୍, ଯେପରି କହିଥିଲି ସେପରି କରିବି । ଦେଖିବ ଯେପରି ଆମର ଅନୁସରଣ କେହି ନକରେ ।''

''ନିଶ୍ଚୟ ! ବାର୍ଣିକି କହିବି ମଣିମା ମୋର ଖୁବ୍ ବେମାର !''

''ହଁ, ଆଉ କହିବ, ତାଙ୍କ ମୁଣ୍ଡ ଭାରୀହୋଇଚି । ବିନ୍ଧୁଚି । ଛାତିରେ ପୀଡ଼ା । ଭୟ କରନି । ଏ ସବୁ ରୋଗର ଉପସର୍ଗ । ସେମାନେ ଏ କଥା ଭଲ କରି ଜାଣନ୍ତି ।'' ୱେଲାଣ୍ଡ ବତାଇଲା ।

''ମାତ୍ର ମୁଁ ଯେ ନାହିଁ ଏକଥା ଶୀଘ୍ର ଜଣାପଡ଼ିବ । ସେମାନେ ଜେନେଟ୍‌କୁ ମାରିପକାଇବେ ।''

''ଭୟ କରନ୍ତୁନି ମଣିମା ! ମୋ' ବାପା ଅଛନ୍ତି । ସେ ମୋ' ଉପରେ ନିଶ୍ଚୟ ରାଗିବେ । ହେଲେ, ପିଶାଚମାନେ ମୋର କିଛି କରିପାରିବେନି ।''

ଆମୀ ୱେଲାଣ୍ଡ୍‌ର ଘୋଡ଼ାରେ ଚଢ଼ିଲେ ।

''ବିଦାୟ ମଣିମା ! ଆପଣଙ୍କ ସଙ୍ଗରେ ଈଶ୍ୱରଙ୍କ ଆଶୀର୍ବାଦ ସବୁବେଳେ ଥାଉ ।'' ଜେନେଟ୍ ଆମୀଙ୍କ ହାତ ଚୁମିଲା । ''ଆଉ ତୁମକୁ ଈଶ୍ୱର ସାହା ହୁଅନ୍ତୁ'' ସେ କହିଲା ୱେଲାଣ୍ଡ୍ ସ୍ମିଥ୍‌କୁ । ''ମୋ ମା'ଙ୍କୁ ସବୁମତେ ବିଶ୍ୱାସର ସହି ସେବା କରିବ । ବିଦାୟ !'' ଜେନେଟ୍ ଧୀରେ ପ୍ରବେଶକଲା ବଗିଚାରେ । ତାଲା ଦେଲା ।

ୱେଲାଣ୍ଡ୍ ଘୋଡ଼ାର ଲଗାମ ଧଇଲା । ଉପରେ ମୌନଚନ୍ଦ୍ର । ସେ ଚାଲିଲା ଆଗେ ଆଗେ, ପଛରେ ଘୋଡ଼ା ଉପରେ ଆମୀ । ସେ ଦେଖିଲା ତରୁଣୀଟିର ମୁହଁ ଶୁଖିଯାଇଚି । ତାଙ୍କୁ ଖୁସିକରିବାକୁ ଗୀତଗାଇଲା । ଶୁଷୁରି ମାଇଲା । ଘୋଡ଼ାକୁ ଘୋଡ଼ାଶାଳାର ଭାଷାରେ କ'ଣ କ'ଣ କହି କୌତୁକ କରୁଥିଲା ।

ରାତି ପାହିଲାବେଳକୁ ସେମାନେ ଅନେକ ଦୂର ଚାଲିଆସିଥିଲେ । ଆମୀ ଟିକେ ବିଶ୍ରାମ ଚାହୁଁଥିଲେ । ୱେଲାଣ୍ଡ୍ କିଣିଆଣିଲା ଦୁଇଯୋଡ଼ା ନୂଆ ପୋଷାକ । ନୂଆ ଘୋଡ଼ା ପଟେ ବି ମିଳିଲା । ଠିକ୍‌କଲେ ସେମାନେ ପରିଚିତ ହେବେ ଭାଇଭଉଣୀ ଭାବେ । ଟ୍ରେସିଲିଆନ୍ ବହୁତ ଟଙ୍କା ଦେଇଥିଲେ । ତେଣୁ ଜିନିଷପତ୍ର କିଣିବାରେ କିଛି ଅସୁବିଧା ହେଲାନି । ଖବରଟାଏ ପାଇଲେ, ଯାତ୍ରାଦଳଟାଏ ଘଣ୍ଟାକତଳେ ଯାଇଛନ୍ତି । ସେମାନେ କେନିଲ୍‌ୱର୍ଥ ଯାଉଛନ୍ତି । ୱେଲାଣ୍ଡ୍ କହିଲା, ''ଆମେ ଏ ଦଳରେ ମିଶିଗଲେ ଭଲହୁଅନ୍ତା । ଏକାକୀ ଗଲେ ଧରାପଡ଼ିଯିବାର ଭୟ ଅଛି । ସେମାନଙ୍କ ଦଳରେ ଗଲେ ରକ୍ଷା-ମିଳିପାରେ ।'' ଆମୀ ଏ ପ୍ରସ୍ତାବକୁ ଆଗ୍ରହରେ ସ୍ୱାଗତ କଲେ । ଘୋଡ଼ା ଛୁଟିଚ୍ଚାଲିଲେ ।

ଦୂରରୁ ୱେଲାଣ୍ଡ୍ ଦେଖିପାରିଲା ଗୋଟିଏ ଛୋଟ ପିଲାକୁ । ସେ ଅଜବ ବେଶ ହୋଇଥାଏ । ତା' ଗାଁର ପିଲାଟାଏ ତ । ତାକୁ ଡିକି କହନ୍ତି । ଥଟ୍ଟାରେ ଫ୍ଲିବର୍‌ଟିଗିବଟ୍ ବି କହନ୍ତି । ଡିକି ଚିହ୍ନିଲା ୱେଲାଣ୍ଡ୍‌କୁ । ''ଜାଣ, ଘରେ ବଡ଼ ଅସୁଖରେ ଥିଲି । ଯାତ୍ରା ଦଳରେ ମିଶିଲି । ଯାଉଚି ରାଣୀଙ୍କ ପାଖକୁ । ଖେଳ ଦେଖାଇବି । ହେଲେ, ତମେ କୁଆଡ଼େ ? ଆଉ ଏ କିଏ ?''

''ମୁଁ ଯାଉଚି ସେଇଠିକି । ତମ ଖେଳ ଦେଖିବାକୁ ବଡ଼ ଲୋଭ !''

''ସତେ ? ସତେ ତମେ ଆମ ଖେଳ ଦେଖିବ ? ନା ମ, ମିଛ !''

''ଆଚ୍ଛା, ମୁଁ ହେବି ଯାଦୁକର... ! ତମେ ମୋ' ହାତ କୌଶଳ କଥା ଜାଣ !''

''କିନ୍ତୁ ୱେଲାଣ୍ଡ୍, ଆଉ ସେ ? ତାଙ୍କୁ ନେଇ ତମେ ବଡ଼ ହୈରାଣରେ ପଡ଼ିଚ । ହଁ

Digitalization by :-
Deb's Library Corner...

ତ, ତମ ମୁହଁ କହୁଚି ।'' ଆମୀ ଘୋଡ଼ା ନେଇ ଗୋଟାଏ ଗଛ ଛାଇରେ ବିଶ୍ରାମ କରୁଥିଲେ ।

''ସେ— ସେ ମୋର ଜଣେ ଭଉଣୀ । ବଢ଼ିଆ ଗାଏ, ଆଉ ବଂଶୀ ବଜାଏ । ତା' ଗୀତ ଶୁଣିଲେ ନଈରୁ ମାଛ ଉଠିଆସିବେରେ ।''

''ସତେ ? ତେବେ ଗୀତ ଶୁଣିବି— !'' ଡିକି ନାଚିଉଠିଲା ।

''ଆରେ, ଆରେ ! ଏଲାଗେ ନୁହେଁ । ଦେଖୁନୁ ସେ କିପରି ଥକ୍‌କା ହୋଇପଡ଼ିଚି । ପଛକୁ ଦେଖିବା । ଆଚ୍ଛା, ଚାଲନା ତମ ମାଲିକ ପାଖକୁ ।'' ୱେଲାଣ୍ଡ୍ ପ୍ରସ୍ତାବ କଲା ।

ୱେଲାଣ୍ଡ୍ ବଢ଼ିଆ ହାତସଫେଇ ଦେଖାଇଲା । ତା' ଯାଦୁଖେଳ ଦେଖି ମାଲିକ ଏକବାର ଖୁସି । ସେମାନେ ଏ ଦୁଇଜଣକୁ ନିଜ ଦଳରେ ମିଶାଇ ଦେଲେ ।

ଡିକିଟା ବଡ଼ ଏକଜିଦିଆ । ସବୁ କଥାରେ ଖାଲି ପଚାରେ । ତେଣୁ ଆମୀ ଆଉ ୱେଲାଣ୍ଡ୍ ଟିକେ ପଛରେ ରହିଗଲେ । ସକାଳ ହେଲା । ଆମୀ ମୁହଁ ଶୁଖି ଚୋପା । କଥା କଣକି, ସେ ରାତିସାରା ଶୋଇନଥିଲେ । ଭାବୁଥିଲେ କେନିଲ୍‌ୱର୍ଥ କଥା । ଦୁନିଆର ଆଉ କୌଣସି କଥା ତାଙ୍କ ମୁଣ୍ଡକୁ ଛୁଉଁ ନଥିଲା । କିପରି ଭେଟିବେ ତାଙ୍କ ସ୍ୱାମୀକି !

''କିନ୍ତୁ ମହାଶୟା, କେନିଲ୍‌ୱର୍ଥକୁ ଆମେ ଯାଇପାରିବା ତ ? ବାଟସାରା ଲୋକ ଭେଳା ଭେଳା । ବେଳେବେଳେ ଚାଲିକରି ଯିବାକୁ ପଡ଼ିବ । ଏ ଯାତ୍ରାଦଳ ସଙ୍ଗେ ଯିବା କି ନାଇଁ ?''

ଆମୀ ମୁଣ୍ଡ ହଲାଇଲେ— ନା ।

''ତେବେ ଟ୍ରେସିଲିଆନ୍‌ଙ୍କୁ ଖବର ଦିଏ । ସେ କେତେକ ସୈନ୍ୟ ନେଇ ପହଞ୍ଚିବେ । ଆପଣ ସହଜରେ ଯାଇପାରିବେ ।''

ଆମୀ କହିପକାଇଲେ, ''ନା, ନା, ସେ ଲେସେଷ୍ଟରଙ୍କ ଶତ୍ରୁ !'' କଥାରେ ତାଙ୍କର ଅନେକ ଉଦ୍‌ବେଗ । ୱେଲାଣ୍ଡ ହଁ କରି ଅନାଇରହିଲା । ଆମୀ ବି ବୁଝିପାରିଲେ । ଗଲା... ଗଲା, ବିଲାଇଟାକୁ ତ ଥଳୀରୁ ଛାଡ଼ିଦେଲେ । ସଙ୍ଗେ ସଙ୍ଗେ ବୁଝାଇବସିଲେ । ଟ୍ରେସିଲିଆନ୍‌ଙ୍କୁ ହୈରାଣ କରିବାନି । ୱେଲାଣ୍ଡ୍ ନିଜେ ଯାଇ ଲେସେଷ୍ଟରଙ୍କ ପାଖରେ ଛାଡ଼ିଦେବ ।

''ହଉ, ଆପଣ ଯଦି କହୁଛନ୍ତି ସେୟା କରିବା''— ୱେଲାଣ୍ଡ୍ କହିଲା । ଆମୀ କିଛି ଖାଇଲେ । ଚଢ଼ିଲେ ଘୋଡ଼ା । ମଫସଲ । ଖୋଲା ପବନ ବାଜିଲା ଦିହରେ । ଆସିଲା ନୂଆ ବଳ ।

କେତେ ଲୋକ ବାଟ ସାରା ! ଦଳ ଦଳ ମେଣ୍ଢା ଯାଉଛନ୍ତି । ବହୁତ ଜିନିଷ ଭେଟି ଯାଉଚି । ଯାତ୍ରାବାଲାଏ । ଦେଖଣାହାରି । ଭାଟ ବି ଅଛନ୍ତି । ଗୀତ ଛୁଟୁଚି । ଗହ ଗହ ଶୁଭୁଚି । ତା' ଭିତରେ ଚାଲିଛନ୍ତି କାଉଣ୍ଟେସ୍ । ସ୍ୱପ୍ନ ବି ଦେଖୁଛନ୍ତି । ୱେଲାଣ୍ଡ୍ ବାଟ କଢ଼ାଉଚି ।

କେନିଲ୍‌ୱର୍ଥ ଦୁର୍ଗରେ

ଏଇ ଆଗରେ କେନିଲ୍‌ୱର୍ଥ । ଏତେ ଲୋକ ତାଙ୍କ ସ୍ୱାମୀଙ୍କ ଜାଣନ୍ତି ! ଲେସେଷ୍ଟର୍ ଏତେ ବଡ଼ ! ଆମୀଙ୍କ ଛାତିରେ ଆନନ୍ଦ ଓ ଅଭିମାନ ବନ୍ଧ ଭାଙ୍ଗୁଥିଲା । କହନ୍ତି ଲେସେଷ୍ଟର୍ ଖାଲି ଦୁର୍ଗ ସଜ୍ଜାରେ କାଳେ ପଚାଶ ହଜାର ପାଉଣ୍ଡ ଖର୍ଚ୍ଚକରିଥିଲେ । ଦୁର୍ଗ ସାଙ୍ଗକୁ ଆହୁରି ଅନେକ କୋଠା । ପ୍ରାୟ ସାତ ଏକର ଜାଗା । ଖାଲି କୋଠା—କୋଠା !!

ପାଚେରି ବାହାରପାଖ । ଘୋଡ଼ାଶାଳ, ବାହାରିଆ ଘର । ହଲ୍ । ଦୁର୍ଗରେ ଅନେକ ଗମ୍ବୁଜ ଥିଲା କୋଠା । ଇତିହାସର ବିଭିନ୍ନ ସମୟରେ ତିଆରି । ବଡ଼ ଦୁର୍ଗର ଦକ୍ଷିଣ ଓ ପଶ୍ଚିମରେ ହ୍ରଦ । ଲେସେଷ୍ଟର୍ ଏବେ ସେ ସବୁ ଉପରେ ପୋଲ ତିଆରିଛନ୍ତି । ରାଣୀ ସେ ପୋଲ ବାଟେ ପ୍ରବେଶ କରିବେ ଦୁର୍ଗରେ । ପୋଲ ସଜାରେ ଖର୍ଚ୍ଚର ସୀମା ନାହିଁ । ହ୍ରଦ ପାରିହେଲେ ପାର୍କ । ହରିଣ, ଶିକାର ପଶୁ ପୂରିଛନ୍ତି । ପକ୍ଷୀ ବହୁତ । ବହୁତ ଗଛ ।

ତୋଫାନ ଆକ୍ରମଣ ! ଅବରୋଧ ! ଇତିହାସର କଥା ଏ । କେତେ ଲୋକରେ ଏ ଗଡ଼ ଫାଟିପଡୁଥିଲା । ମଣିଷ ଜୀବନର କେତେ କାହାଣୀ ! ଅଭିନୟ ପରେ ଅଭିନୟ ! ସେ ଲୋକ ଗଲେ । କେନିଲ୍‌ୱର୍ଥର ସୌଖୀନ ଦିନଗୁଡ଼ିକ ଗଲା । ମଣିଷର ରାଗ ଅଭିମାନ ଏଇପରି କ୍ଷଣିକ ସିନା ! କେନିଲ୍‌ୱର୍ଥ ଶୂନ୍ୟ ହେଲା ।

ଏବେ ପୁଣି ସେ ନୀରବ ଗଡ଼ରେ ଚହଳ ଲାଗିଚି । ସବୁ ଦରଜା ଖୋଲା । ଲୋକ ଯାଉଛନ୍ତି ଆସୁଛନ୍ତି । ବଡ଼ ବଡ଼ ଘର ସବୁ ଅତିଥିଭରା । ସତେ ଯେପରି ଏ ଗଡ଼ ହାତ ପ୍ରସାରି ସମସ୍ତଙ୍କୁ ଡାକୁଚି...ଆସ ଆସ !!

ସେଇ ଗଡ଼ର ପ୍ରଭୁପତ୍ନୀ କାଉଣ୍ଟେସ୍ ଆମୀ । ଚାଲିଥିଲେ ସମସ୍ତଙ୍କ ଅଜାଣତରେ । ପାଖରେ ଅଜଣା ଲୋକଟିଏ । ଯାଦୁକର । ଯାତ୍ରାଦଳରେ ଆସିନଥିଲେ ସେ ତ ଏସବୁ ଦେଖିନଥାନ୍ତେ ! ଭିତରକୁ ଯିବା କଥା କିଏ ପଚାରେ ? ଅଟକିଲେ ସେମାନେ ଫାଟକ ପାଖେ । ଗଡ଼ର ଗୋଟାଏ ଲୋକ ସଙ୍ଗେ ୱେଲାଣ୍ଡ ଫୁସ୍‌ଫୁସ୍ କଥା ହେଉଛି । ତାକୁ ଦେଲା କିଛି ଟଙ୍କା । କୋଉଠି ସେ ରଖିବ ଘୋଡ଼ାକୁ ?

ଠିକ୍ ହୋଇଗଲା ସବୁ କଥା । ଆମୀ ରହିବେ ମେରିଭିନ୍ ଦୁର୍ଗରେ । ଏ ଦୁର୍ଗର ଉପର ଅଂଶ । ସେଠିକି ବଙ୍କେଇ ବଙ୍କେଇ ଯାଇଚି ଶିଡ଼ି । ଆଠ କୋଣିଆ ଘରଟିଏ । ଆଉ ସବୁ ଘର ଦିଆସରିଚି । ସେ ଘରଟି ବି ସଜା ସରିଚି । ସେଇ ଘରେ ରହିବେ ଆମୀ । ସେ ଘର ଝରକା ତଳେ ସେପାଖେ ସୁନ୍ଦର ପଡ଼ିଆଟିଏ । ଘର ଭିତରେ ଶେଯ, ଆଉ ଆଉ ଜିନିଷପାତି ।

ୱେଲାଣ୍ଡ୍ ଗଲା କିଛି ଖାଦ୍ୟ ଆଣିବାକୁ । ଆମୀ ଲେଖିବସିଲେ ଚିଠି । ଚିଠିରେ ନିଜ ମୁଣ୍ଡ କେଶରୁ କେରିଏ ଥାଏ । ସେଇ ତାଙ୍କ ସନ୍ତକ । ୱେଲାଣ୍ଡ୍ ପହଞ୍ଚିବା ସଙ୍ଗେ ସଙ୍ଗେ ଅନୁରୋଧ କଲେ ସେ ଚିଠିଟି ନିଜେ ଲେସେଷ୍ଟର୍‌ଙ୍କୁ ଦେବାପାଇଁ ।

ଚିଠି ନେଲା ୱେଲାଣ୍ଡ୍ । କହିଗଲା– ଭିତର ପାଖୁ କବାଟ ବନ୍ଦକରିବାକୁ । ଭାବୁଥିଲା ସେ, ଟ୍ରେସିଲିଆନ୍‌ଙ୍କୁ କହିବ ଭଦ୍ରମହିଳା ଆସିଗଲେ ।

ବଡ଼ ଫାଟକ ପାଖେ ଚାହିଁରହିଥାଏ– ଟ୍ରେସିଲିଆନ୍‌ଙ୍କୁ ଦେଖନ୍ତା କି ! ହଠାତ୍ କିଏ ଜଣେ ତା' ପୋଷାକ ଭିଡ଼ିଦେଲା । ୱେଲାଣ୍ଡ୍ ଦେଖିଲା ସେ ଡିକି ।

''ଜାଣିଲି...ଡିକି ! ଡିକି !!''

''ମୁଁ କହିଲି ବୋଲି ଫାଟକରେ ଆସିପାରିଲ । ଏବେ କୁହ... କିଏ ସେ ? ନିଶ୍ଚୟ ତୁମର ଭଉଣୀ ନୁହେଁ ।''

''କହିବି ବାବୁ, କହିବି । ସେ ଦିନ ଆସୁ... ।''

''ମୁଁ ଜାଣେ ସେଦିନ ଆସିବ । ଏଭଳି କୃତଘ୍ନ ବନ୍ଧୁ ପାଖେ ରହିବା ଭଲ ନୁହେଁ ।'' ଡିକି ଡିଆଁ ଚିରା ମାରିଲା । ମିଶିଗଲା ଲୋକ ଗହଳରେ ।

ୱେଲାଣ୍ଡ ବ୍ୟସ୍ତ ହେଲା । ଏ ବଦମାସ ଲାଗିଚି । ଗେଲରୁ ତେଲ ବାହାରେ । କେତେବେଳେ କ'ଣ ହେବ କିଏ କହିବ ? ଟ୍ରେସିଲିଆନ୍‌ଙ୍କୁ ଦେଖନ୍ତା କି !

ସେ ପାଖେ ଚାହିଁଚି ୱେଲାଣ୍ଡ । ଆରପାଖେ ଦୁର୍ଗ ଭିତରେ ପ୍ରବେଶ କଲେ ଟ୍ରେସିଲିଆନ୍ । ମନ ତାଙ୍କର ବଡ଼ ଉଚ୍ଚାଟ । ୱେଲାଣ୍ଡଠୁ କିଛି ସନ୍ଦେଶ ପାଇଲେନି । ଟ୍ରେସିଲିଆନ୍ ଓହ୍ଲାଇଆସିଲେ ମେରିଭିନ ଦୁର୍ଗର ଅଙ୍କାବଙ୍କା ପାହାଚ ଦେଇ । ଦେଖିଲେ ତାଙ୍କ କୋଠରି ବନ୍ଦ । ତାଙ୍କ ପାଖେ ଥାଏ ଚାବି । ଖୋଲିଦେଲେ । ଡେଇଁପଡ଼ିଲେ ଆମୀ ରୋବସାର୍ଟ !

''କାହିଁକି ତମେ ଆସିଚ ଟ୍ରେସିଲିଆନ୍ ?''

''ନା, ତମେ କହ । କାହିଁକି ଆସିଚ ଆମୀ ? ମୋର ସାହାଯ୍ୟ...''

''ନା, ଟ୍ରେସିଲିଆନ୍ ନା ! ମୋ' ସ୍ୱାମୀଙ୍କ ଛଡ଼ା କାହାରି ସାହାଯ୍ୟ ମୁଁ ଲୋଡ଼େନି ।''

''ବାର୍ଣିର ସ୍ତ୍ରୀ ତ !''

''ବାର୍ଣିର ସ୍ତ୍ରୀ !'' ଆମୀଙ୍କ ଗଳାରେ ଘୃଣା ରଣଝଣେଇ ଉଠିଲା । ''ମୋତେ ଅପମାନ କରୁଚ... ?'' କିନ୍ତୁ ହଠାତ୍ କ'ଣ ଭାବି ବନ୍ଦହୋଇଗଲେ । ତାଙ୍କ ବିବାହ କଥା ସେ ଲୁଚାଇ ରଖିବେ ।

ଏଡ୍‌ମଣ୍ଡ୍ ଟ୍ରେସିଲିଆନ୍ ଆମୀଙ୍କ ଆଡ଼କୁ ଅନାଇଁରହିଲେ । ଦୟାର ସେ ଦୃଷ୍ଟି ! ''ଆମୀ, ତମର ଆଖି କହୁଚି, ତମେ ସେ ସୈତାନ ଦ୍ୱାରା ଉପେକ୍ଷିତା !''

''ସୈତାନ୍ ?'' ଆମୀଙ୍କ ଆଖିରେ ଲୁହ । ରାଗ ଝଲସୁଥାଏ ।

''ହଁ ! ତା' ନହେଲେ ତମକୁ ସେ କାହିଁକି ସ୍ୱାଗତ ଜଣାଉନି ? କାହିଁକି ତମେ ଆଜି ମୋ' କୋଠରିରେ ଆଶ୍ରୟ ନେଇଛ ?''

''ତମ କୋଠରି ? ଏ ତମ କୋଠରି ? ତେବେ ମୁଁ ତ ରହିପାରେନି । ଯାଉଚି ଏଲାଗେ ।'' ସେ ଦୌଡ଼ିଗଲେ କବାଟ ପାଖକୁ । ହଠାତ୍ ବୋଧହୁଏ ବୁଝିପାରିଲେ କୁଆଡ଼େ ଯିବି ? ସେ ଗଳା ଭାଙ୍ଗିଯାଉଥିଲା । ହତାଶା, ଅନାଥା ଅବସ୍ଥା ।

ଟ୍ରେସିଲିଆନ୍ ଛିଡ଼ାହେଲେ ତରୁଣୀଟି ପାଖରେ । ''ତମେ ମୋର ପିଲାଦିନର ବନ୍ଧୁ । ମୁଁ ତମ ବାପାଙ୍କ ପ୍ରତିନିଧି । ତମକୁ ସାହାଯ୍ୟ କରିବାକୁ ମୁଁ ତିଆର । ରାଣୀଙ୍କି କହିବି ତମ କଥା !''

''ନା ନା, ଟ୍ରେସିଲିଆନ୍, ମୁଁ ଏସବୁ ଚାହେଁନି । ଯଦି ସତରେ ତମେ ମୋତେ ସାହାଯ୍ୟ କରିବାକୁ ଚାହଁ, ତେବେ ଚବିଶ ଘଣ୍ଟା ଲାଗି ମୋତେ ଏକା ଛାଡ଼ିଦିଅ ।''

''ରାଣ ଦେଇ କହୁଚି— ମୁଁ ଏକଥା ରଖିବି । କିନ୍ତୁ ତମେ ଅନେକ କଥା ଲୁଚାଉଚ ! ଆଉ କିଛି ସାହାଯ୍ୟ ?''

''ଦରକାର ନାଇଁ । ଖାଲି ତମେ ମୋତେ ଛାଡ଼ିଯାଅ...''

ଟ୍ରେସିଲିଆନ୍ ରାଜିହେଲେ । ''ହେଲେ...''

ଯୁକ୍ତିର ପ୍ରୟୋଜନ ନାଇଁ । ଏଡ୍‌ମଣ୍ଡ ଦୟାକର... !'' ଟ୍ରେସିଲିଆନ୍ ସଙ୍ଗେ ସଙ୍ଗେ ସେ କୋଠରି ଛାଡ଼ି ବାହାରିଗଲେ । ବାଟରେ ଲାଂବୋର୍ଣ ଦେଖାହେଲା । ସେ ଆଡ଼କୁ ଚାହିଁଲେନି । ମନଆକାଶରେ ଜଣକର ଛବି ! ସେ ଆମୀ ! ଆମୀ ବୋଧହୁଏ ବାର୍ଣିର ଅପେକ୍ଷାରେ... ! ଯା' ହେଉ କ୍ୟୁନର୍ କୋଠିରୁ ସେ ଉଦ୍ଧାରପାଇଛନ୍ତି ।

ଭାବନାରେ ବାଧା ପହଞ୍ଚାଇ ୱେଲାଣ୍ଡର ସ୍ୱର ଭାସିଆସିଲା, ''ଭଗବାନ୍, ଏତେ ପରେ ଆପଣଙ୍କ ଦେଖା ମିଳୁଚି !'' କ୍ୟୁନର୍ କୋଠିରୁ କିପରି ସେ ମହିଳାଙ୍କ ସହ ଏଯାଏ ଆସିଲା ସବୁ କାହାଣୀ ସେ କହିଗଲା ।

''ଆଉ ସେ ଏବେ ଦୁର୍ଗରେ । ମୋ' କୋଠରିରେ ! କ'ଣ ନିଜେ ଜାଣି ଜାଣି ବାଛିଲେ ?''

''ନା-ନା ! ଆଦୌ ନୁହେଁ । ଗୋଟାଏ ଯୋଗ ! ଜଣେ ଚାକର ଆମକୁ ସାହାଯ୍ୟ କଲା । ସେ ଆର୍ଲ ଲେସେଷ୍ଟର୍... ।''

''ଅସମ୍ଭବ । ଆର୍ଲ ଲେସେଷ୍ଟର ବାର୍ଣିକି କିଛି କହିପାରନ୍ତି ।''

''ସେ ବିଷୟରେ ପ୍ରକୃତରେ କିଛି ଜାଣିନି । ହେଲେ ଲେସେଷ୍ଟର୍ ବା ବାର୍ଣି ହାତରେ ତାଙ୍କୁ ଦେଲେ, ଆମର ଛୁଟି । ଗୋଟାଏ ଚିଠି ସେ ଲେସେଷ୍ଟର୍‌ଙ୍କ ପାଖକୁ ଲେଖିଛନ୍ତି । ସେ ଚିଠି ମୁଁ ତାଙ୍କୁ ଦେଇଦେଲେ ମୋ' କାମ ଫତେ !''

''ଚିଠି ହଜାଇଦେଇନ ତ ? ସେଥିରେ ନିଶ୍ଚୟ ଅନେକ ରହସ୍ୟ ଥିବ ।''

''ଏଇ ମୁଁ ଆଣୁଚି । ଯତ୍ନରେ ତାକୁ ସାଇତି ରଖିଚି ।''

''ଯାଅ ଶୀଘ୍ର ! ମନେରଖ ତମେ ପୂରା ବିଶ୍ୱାସରେ କାମ କରୁଚ ।''

ୱେଲାଣ୍ଡ ଯାଉଥିଲା । ଭାବୁଥିଲା ସେ । କିନ୍ତୁ ଟ୍ରେସିଲିଆନ୍‌ଙ୍କ କଥାଗୁଡ଼ା ଟାଇଁ ଟାଇଁ ବାଜୁଥିଲା– ମୋର କ'ଣ ଯାଉଚି ? ଗୋଟାଏ ପାଗଳ ପ୍ରେମିକ ! ଆଉ ସେପାଖେ ବିଷାଦଗ୍ରସ୍ତ ତରୁଣୀଟିଏ । ବାର୍ଣ୍ଣି ଲେସେଷ୍ଟର୍‌ଙ୍କ ଚକ୍ରାନ୍ତ ଆଲାସ୍କୋର ତୀକ୍ଷ୍ଣ ବୁଦ୍ଧି । ଏ ସବୁ ଭିତରେ ମୁଁ ପଶୁଚି । କାହିଁକି ? ମୋ' କଥା କିଏ ବୁଝିବ ?

ହଠାତ୍ ଭାସିଆସେ ଗୋଟାଏ ମଦୁଆ ସ୍ୱର । ଲାମ୍ବୋର୍ଣ୍ଣ, ''ଆଉଦିନେ ତୋତେ ଏଠି ଦେଖିଲେ ଖତମ୍ କରିଦେବି ।'' ବିନା ପ୍ରତିରୋଧରେ ପଳାଇଗଲା ୱେଲାଣ୍ଡ । ସେଇ ପାଖଆଖରେ ସେ ଖୋଜିବ ଆଶ୍ରୟ । ଏ ବଡ଼ ଲୋକଙ୍କର ମତ, ଅଳପ ଲୋକେ ବିପରୀତ । ସେ ଦୁଃଖିତ, ସେ ଚିଠି କୋଉଠି ହଜିଗଲା । ଆଉ ଦୁଃଖିତ ସେ ସେଇ ତରୁଣୀଟିକି ସାହାଯ୍ୟ କରିପାରିଲାନି । ବୋଧହୁଏ ସେ ବିପନ୍ନ !

କେନିଲ୍‌ୱର୍ଥକୁ ରାଣୀ ଆସିଲେ

ଟ୍ରେସିଲିଆନ୍ ଠିକ୍ କଲେ ସେ ସବୁରି ସାଥିରେ ମିଶିଯିବେ, ଲୁଚାଇ ରଖିବେ ତାଙ୍କ ମନର ସମସ୍ତ ଉଦ୍‌ବେଗ, ଦୁର୍ଭାବନା । ଶୀଘ୍ର ସେ ଭେଟିଲେ ରାଲେ ଓ ବ୍ଲାଉଣ୍ଟଙ୍କୁ । ରାଣୀଙ୍କୁ ସମ୍ବର୍ଦ୍ଧନା ଦେବାକୁ ସେମାନେ ବ୍ୟଗ୍ରହୋଇ ଉଠିଥିଲେ ।

''ଏ ଘୋଡ଼ାଚଢ଼ା ପୋଷାକ ସବୁ କାଢ଼ିଦେବାକୁ ହେବ । ଟ୍ରେସିଲିଆନ୍, ଆପଣ ବି ପ୍ରସ୍ତୁତ ହୁଅନ୍ତୁ...'' ବ୍ଲାଉଣ୍ଟ କହିଲେ ।

''ଛୋଟ ଭୁଲଟିଏ ଯୋଗୁଁ ମୋ' କୋଠରି ବ୍ୟବହାର କରିପାରୁନି । ଲୁଗାପଟା ବଦଳାଇପାରୁନି । ପଚାରୁଥିଲି, ଆପଣମାନଙ୍କ ମଧ୍ୟରୁ କେହି ଆଜି ରାତିକ ମୋତେ ଜାଗା ଦେବେ ତ ?''

''ମୋ ଘରେ ରହନ୍ତୁ'' ରାଲେ କହିଲେ । ''ଭଲ କୋଠରିଟାଏ । ଆର୍ଲଙ୍କ ବନ୍ଦୋବସ୍ତ ଖୁବ୍ ଚମତ୍କାର ।''

ବେଳ ଆଉ ନଥିଲା । ରାଣୀଙ୍କ ଆସିବା ସମୟ ପାଖେଇଆସୁଥିଲା । ତିନି ସାଥୀ ଆଗେଇଲେ । ଫାଟକ ଉଭୟ ପାଖେ ଛିଡ଼ାହେଲେ ଚାଳିଶ ଜଣ ନାଇଟ୍ । ଦୁଇ ଧାଡ଼ି । ଲେସେଷ୍ଟର୍‌ଙ୍କ ଅନୁଚରମାନେ ବି ଧାଡ଼ିବାନ୍ଧିଥିଲେ । ରାଣୀଙ୍କି ସ୍ୱାଗତ ଦେବାକୁ ସମସ୍ତେ କେତେ ତତ୍ପର । କେତେ ଚମତ୍କାର ପୋଷାକପତ୍ର ! ଝଟକୁଚି ସୁନା, ହୀରା । ଲହରାଇଉଠୁଚି ପତାକା ଆଜ । ରତ୍ନ ଅଳଙ୍କାର ! ସୁନାର ହାର !

ବାରିହୋଇପଡୁଥିଲେ ଟ୍ରେସିଲିଆନ୍ । ଘୋଡ଼ା ଚଢ଼ାଳିର ବେଶ ।

ଲାଜେଇଯାଉଥିଲେ । ବନ୍ଧୁମାନେ ଅବସୋସ କରୁଥିଲେ । ଲେସେଷ୍ଟର୍‌ଙ୍କ ଅନୁଚରମାନେ ଟେରେଇ ଟେରେଇ ଦେଖୁଥିଲେ । ଘୃଣା !

ଟ୍ରେସିଲିଆନ୍ କିନ୍ତୁ କ'ଣ କରିପାରିଥାନ୍ତେ ? ...ଘଣ୍ଟି ବାଜିଉଠିଲା । ରାଣୀ ଆସୁଛନ୍ତି । କେନିଲ୍‌ୱର୍ଥ, ତା' ଆଖପାଖ, ପାଖର ଗାଁ ଗଣ୍ଡା, ସବୁଆଡ଼େ ଶୁଭିଗଲା ସେ ଘଣ୍ଟିର ଅନୁରଣନ । ପ୍ରଥମ ଥର ପାଇଁ ଇଂଲଣ୍ଡର ରାଣୀ ଆସୁଥିଲେ ସେ ଦୁର୍ଗକୁ । ୯ ଜୁଲାଇ ୧୫୭୫ !

ଘଣ୍ଟି ଶବ୍ଦରେ ସମସ୍ତେ ନୀରବ ହେଲେ । ତା'ପରେ ଗୁଣୁଗୁଣୁ ଗୁଞ୍ଜନ । ହଜାର ହଜାର ଲୋକ ! ରାଣୀଙ୍କି ଚାହିଁରହିଛନ୍ତି ।

''ସେ ଆସୁଛନ୍ତି'', ରାଲେ କହିଲେ । ସେଇ ଆସିବାର ଶବ୍ଦ ! ଜୁଆର ପିଟିହେଉଚି ଦୂର ବେଳାଭୂମିରେ । ଦୀର୍ଘ ଜଳଯାତ୍ରା ଶେଷକରି ନାବିକ ଶୁଣୁଚି ସେଇ ଜୁଆର ଭାଙ୍ଗିଯାଉଚି... ଗୁରୁଗୁରୁ ଗର୍ଜନ କରି ।''

ତାଙ୍କ କାବ୍ୟିକ ଭାଷଣରେ ବାଧା ଆସିଲା । ଅଦୂରରେ ଶୁଣାଗଲା ସ୍ୱାଗତ ବାଣୀ । ବନ ନିଆଁ ପରି ସେ ଶବ୍ଦ ସଞ୍ଚରିଗଲା । ବାଜା ବାଜିଉଠୁଥାଏ । ତୋପ ଗର୍ଜିଲା । ସହସ୍ର କଣ୍ଠରେ ଶୁଭିଲା ସ୍ୱାଗତ ରାଣୀ । ଉତ୍ସାହର । ଆନନ୍ଦର । ପାଗଳାମିର ବି ।

ସମୟ ଅପରାର୍ଦ୍ଧ ଗୋଧୂଳି । ଜଳୁଚି ଦୁଇଶ ମଶାଲ । ତା' ମଝିରେ ଝଟକୁଥିଲେ ରାଣୀ । ବିସ୍ମୟର ଛବିଟିଏ ! ଆଡ଼ମ୍ବରଭରା ବେଶର ତୁଳନା ନାଇଁ । ଜଳୁଥିଲେ ରତ୍ନ ସାଜରେ । ଦୁଧ ଧଳା ଘୋଡ଼ାରେ ଚଢ଼ିଥିଲେ । ସେ ଠାଣି, ସେ ଲାବଣ୍ୟ, ସତରେ ତାଙ୍କୁ ଶତ ରାଜାର କନ୍ୟାର ଗୌରବ ଦେଉଥିଲା ।

ଦରବାରର ଅନ୍ୟ ନାରୀଏ ଆସୁଥିଲେ ପଛେ ପଛେ । ରୂପ ଆଲୋକର ସୁଅ ଛୁଟିଥାଏ । ପାରିଷଦମାନଙ୍କ ଆଡ଼ମ୍ବର ବାରିହୋଇ ପଡୁଥାଏ । ଏ ଗୋଟାଏ ଅପୂର୍ବ ଦୃଶ୍ୟ !

ଆର୍ଲ ଅଫ୍ ଲେସେଷ୍ଟର୍ ଯାଉଥିଲେ ରାଣୀଙ୍କ ଡାହାଣ ପାଖେ । ସେ ସୁନାର ପୁରୁଷ ପରି ଦିଶୁଥିଲେ । ତାଙ୍କ ପୋଷାକ ସୁନା ଓ ରତ୍ନରେ ଛାଇହୋଇଯାଇଥାଏ । ତାଙ୍କର କଳା ଘୋଡ଼ା । ସେ ଘୋଡ଼ାର ଗୋଟାଏ ବି ଧଳା ବାଳ ନଥାଏ । ସୁନ୍ଦର ଘୋଡ଼ାଟିଏ ! ବେକ ବଙ୍କେଇ ସେ ଚାଲିଥାଏ । ରାଜକୀୟ ଠାଣି । ଅନେକ ଅର୍ଥ ଦେଇ ସେ ଘୋଡ଼ାଟିକି କିଣିଥିଲେ ।

ସୁସଜ୍ଜିତ ପୋଲ । ସେଇଠି ପହଞ୍ଚିଲେ ରାଣୀ ଏଲିଜାବେଥ୍ । ସଙ୍ଗୀତ ମର୍ମରିଉଠିଲା । ଜଳରେ ଭାସିଉଠିଲା ଅପୂର୍ବ ଦୃଶ୍ୟାବଳି ! ଏଇ ଭାସୁଥିବା ଦ୍ୱୀପଟିଏ । ବସିଛନ୍ତି ଜଳପରୀ ଓ ଜଳଦେବତାମାନେ । ମଝିରେ ଜଳ ଦେଶର ରାଣୀ । ଏଲିଜାବେଥ୍ ଆସିବା ସଙ୍ଗେ ସଙ୍ଗେ ଏଇ ଜଳରାଣୀ ତାଙ୍କୁ ସ୍ୱାଗତ ଜଣାଇଲେ ।

ରାଣୀ ଏଇ କେନିଲ୍‌ୱର୍ଥର ମୁଖ୍ୟ ଦୁର୍ଗରେ ପ୍ରବେଶ କରିବେ— ହଠାତ୍ ନାନାପ୍ରକାର ବାଣର ଅପୂର୍ବ ଖେଳରେ ଝଲସିଉଠିଲା ଜଳ ସ୍ଥଳ । ଉଜ୍ଜ୍ୱଳ ଆଲୁଅ ଶିଖା ଦିଗ୍‌ବିଦିଗକୁ ଆଲୋକିତ କରିଦେଲା । ଅସଂଖ୍ୟ ନିଆଁକଣା ଝରିଲା । ତାରା ଫୁଟିଲା । ବିଜୁଳି ଝଲମଲ କଲା । ବଜ୍ରର କୁହାଟ ଶୁଭିଲା । ହାବେଳି ଆକାଶରେ ସନ୍ତରଣ କଲା । ହଠାତ୍ ଏତେଗୁଡ଼ାଏ ଆଲୁଅ ଓ ଶବ୍ଦ ଏକାବେଳକେ ମିଶି ଏପରି ଗୋଟାଏ ଅବସ୍ଥା ସୃଷ୍ଟି କଲା, ସେଥିରେ ଆକାଶ ଧ୍ୱନି ତୋଳିଲା, ଜଳର ବୁକୁ ଫୁଲିଉଠିଲା, ଆଉ ପୃଥିବୀ ଥରିଗଲା ।

ରାଣୀ ମୋର୍ଟିମର କୋଠିକି ଗଲେ । ଦୁଇ ପାଖେ ଦେବତା ଓ ପ୍ରାଚୀନ ବୀରଭାବେ ବେଶହୋଇଥିବା ଧାଡ଼ି ଧାଡ଼ି ତରୁଣ । ଆଣ୍ଠୁମାଡ଼ି ସେମାନେ ରାଣୀଙ୍କି ଉପହାର ଦେଲେ । ଜଣାଇଲେ ସମ୍ବର୍ଦ୍ଧନା !

ରାଣୀଙ୍କ କୋଠରିର ଆଡ଼ମ୍ବର ବର୍ଣ୍ଣନାତୀତ । ଲମ୍ବା ଉଚ୍ଚା । ସବୁଠୁଁ ମୂଲ୍ୟବାନ୍ ଶିଲ୍‌କର ପର୍ଦ୍ଦା ଝୁଲୁଚି । ପବନ ସୁରଭି ଭରା । କୋମଳ ମଧୁର ସଙ୍ଗୀତର ଲହର ଥରିଉଠୁଚି । ଓକ୍‌ର ତଳ ଛାତ । କାଚରୁ ଝରିପଡୁଚି ଆଲୁଅ । ଉଡ଼ିଲା ଇଗଲ ପକ୍ଷୀ ପରି ସେ ଆଲୋକର ବତିଗୁଡ଼ିକ । ଲମ୍ବି ଯାଇଚି ଦୁଇଡେଣା । ପ୍ରତି ଡେଣାରେ ଛ'ଟି ଲେଖାଏଁ ପରୀ । ପ୍ରତ୍ୟେକେ ଧରିଛନ୍ତି ଦୁଇ ଦୁଇଟି ବତି । ଉପର ପାଖେ ରାଜକୀୟ ଚାନ୍ଦୁଆ । ତଳେ ତା'ର ଏକ ଚମତ୍କାର ସିଂହାସନ । ପାଖ କୋଠରିଗୁଡ଼ିକ ରାଣୀ ଏବଂ ତାଙ୍କ ସହଚରୀମାନଙ୍କ ପାଇଁ ସଜ୍ଜିତ । ବର୍ଣ୍ଣିଳ ଏ ପଟୁଆର ନେଇ ରାଣୀ ପହଞ୍ଚିଲେ ସେଇ ହଲ୍‌ରେ । ଆର୍ଲ ଲେସେଷ୍ଟର୍ ଏଲିଜାବେଥ୍‌ଙ୍କୁ କଢ଼େଇନେଲେ ସିଂହାସନ ଯାଏ । ରାଣୀଙ୍କି ସେ ନମ୍ର କୃତଜ୍ଞତା ଜଣାଇଲେ । ଦେଶର ସର୍ବମୟକର୍ତ୍ତ୍ରୀ ! ତାଙ୍କର ଅତିଥି ! ଏ ଗୌରବ କେତେ ଜଣଙ୍କ ଭାଗ୍ୟରେ ଘଟେ ?

''କିନ୍ତୁ ସଞ୍ଜର ସବୁ କାମ ଆରମ୍ଭ ହେବା ଆଗରୁ ମୁଁ ଗୋଟାଏ କଥା ତୁଟାଇ ଦେବାକୁ ଚାହେଁ । ମୁଁ ଜଣେ ନାରୀ । ସେ ଘଟଣା ଉଠିଚି ଜଣେ ନାରୀକି ନେଇ । ବାର୍ଣ୍ଣି, ଟ୍ରେସିଲିଆନ୍ ଆଉ ସେଇ ନାରୀଟି ଅଛନ୍ତି ତ ?'' ଲେସେଷ୍ଟର୍‌ଙ୍କୁ ପଚାରିଲେ ରାଣୀ ।

ଏ ପ୍ରଶ୍ନ ପାଇଁ ଲେସେଷ୍ଟର୍ ପ୍ରସ୍ତୁତ ଥିଲେ । ହେଲେ, କିପରି କଥାଟିକୁ ଆରମ୍ଭ କରିବେ ଜାଣିପାରିଲେ ନାଇଁ । କହିଲେ, ''ସାମ୍ରାଜ୍ଞୀ, ସେ କଥା ଏଇ ଭଦ୍ରଲୋକଙ୍କ ମୁହଁରୁ ଶୁଣନ୍ତୁ ।'' ସେ ବାର୍ଣ୍ଣିକି ନିର୍ଦ୍ଦେଶ ଦେଲେ ।

ରିଚାର୍ଡ ବାର୍ଣ୍ଣି କହିଲା, ''ସେ ମହିଳା କେନିଲ୍‌ୱର୍ଥକୁ ଆସିବାକୁ ପୂରାପୂରି ଅସମର୍ଥ । ଏ ହେଉଛି ଡାକ୍ତରି ଚିଠା । ସେ ବର୍ତ୍ତମାନ ଖୁବ୍ ଅସୁସ୍ଥ ! ଚିକିତ୍ସାରେ ଅଛନ୍ତି ।''

ରାଣୀ ଡାକ୍ତରଙ୍କ ସାର୍ଟିଫିକେଟ୍ ଦେଖିଲେ । ତେବେ ଘଟଣାଟା ଭିନ୍ନ ଆକାର ନେଲା । ''ଏବେ ଟ୍ରେସିଲିଆନ୍ କହନ୍ତୁ ।''

ଟ୍ରେସିଲିଆନ୍ ଭୁଲିଗଲେ ଅନେକ କଥା । ଆମୀଙ୍କ ସହ ତାଙ୍କର କଥା ସେ ଭୁଲିଗଲେ । ତରତର ହୋଇ ସେ କହିଲେ, ''ମିଛ ମଣିମା, ଏ କାଗଜ ସବୁ ମିଛ ।''

''ଟ୍ରେସିଲିଆନ୍, ଦେଖ ! ଦେଖ, ସେ ସାର୍ଟିଫିକେଟ ସବୁ । ଆମ ଲର୍ଡ ଲେସେଷ୍ଟର୍‌ଙ୍କ କଥା ମିଛ ହେବ ?''

ଏ ଭିତରେ ଆମୀ ରୋବସାର୍ଟଙ୍କ କଥା ତାଙ୍କ ମନରେ ପଡ଼ିଲା । ଟ୍ରେସିଲିଆନ୍ ସ୍ଥିର କରୁଥିଲେ ନୀରବ ରହିବେ । ସେ ସାର୍ଟିଫିକେଟ୍‌ଗୁଡ଼ିକ ଓଲଟପାଲଟ କରୁଥିଲେ ।

ରାଣୀ ଅଧୀର ହେଲେ । ''ଶୁଣିଚି ତମେ ଜଣେ ବିଦ୍ୱାନ୍ ଲୋକ । ପଢ଼ିବାରେ କିଛି ଅସୁବିଧା ହେଉଚି କି ?''

''ମଣିମା, ଯୋଉମାନେ ଏ ସାର୍ଟିଫିକେଟ୍ ଆଣିଛନ୍ତି ସେମାନେ ଏହାର ସତ୍ୟତା ପ୍ରମାଣ କରନ୍ତୁ ।''

''କାହିଁକି, ଟ୍ରେସିଲିଆନ୍ ?'' ରାଣୀ ଏତେବେଳକୁ ରାଗିଉଠିଲେଣି । ''ବାର୍ଣ୍ଣି ଆଉ ଲେସେଷ୍ଟର୍... ।''

ବାର୍ଣ୍ଣି ସଙ୍ଗେ ସଙ୍ଗେ ଜବାବ୍ ଦେଲା, ''ଅକ୍‌ସଫୋର୍ଡ଼ର ଆର୍ଲ ତ ଅଛନ୍ତି । ସେ ଡାକ୍ତରଙ୍କ ହାତଲେଖା ସହ ପରିଚିତ ଥିବେ ।'' ଆର୍ଲ ଅକ୍‌ସଫୋର୍ଡ଼ ସ୍ୱୀକାର କଲେ ଯେ, ଅକ୍‌ସଫୋର୍ଡ଼ ଡାକ୍ତର ସେ ସାର୍ଟିଫିକେଟ୍ ଦେଇଛନ୍ତି । ରାଣୀଙ୍କ ଡାକ୍ତର ଆଗରୁ ରାଗିଥିଲେ । ସେ ସଙ୍ଗେ ସଙ୍ଗେ କହିଲେ ଯେ, ଆଲାସ୍କେ ଜଣେ ବଡ଼ ଡାକ୍ତର । ବେଳେବେଳେ ସେ ମଧ୍ୟ ତାଙ୍କର ପରାମର୍ଶ ନିଅନ୍ତି ।

''ଦେଖ ଟ୍ରେସିଲିଆନ୍ ! ମୁଁ ନାରୀ ଭାବେ ତୁମ ଦୁଃଖରେ ବହୁତ ଦୁଃଖିତ । ଏ ଅବସ୍ଥାରେ ଆଉ କ'ଣ କରାଯାଇପାରେ ?''

ଟ୍ରେସିଲିଆନ୍ ଧାଇଁଗଲେ ରାଣୀଙ୍କ ପାଖକୁ– ''ମହିମାମୟୀ ସାମ୍ରାଜ୍ଞୀ, ମୋତେ ଚବିଶ ଘଣ୍ଟା ସମୟ ଦିଅନ୍ତୁ । ମୁଁ ପ୍ରମାଣ କରିଦେବି ଯେ ଏସବୁ ମିଛ ।''

ଟ୍ରେସିଲିଆନ୍‌ଙ୍କ ଆଖିରେ ନିରାଶା । ରାଣୀଙ୍କର ଦୟା ହେଲା । ହେଲେ, ଟ୍ରେସିଲିଆନ୍‌ଙ୍କ ଏ ଆକସ୍ମିକ ବ୍ୟବହାର ତାଙ୍କୁ ବେଢ଼ଙ୍ଗ ଲାଗିଲା । ସେ ଆଚମ୍ବିତ ହେଲେ । ଚମକିଉଠିଲେ । ''ଆଉ ପ୍ରମାଣ କରିନପାରିଲେ...''

''ମୁଣ୍ଡ ମୋର ବାଜିରହିଲା, ମଣିମା !''

''ଗୋଟାଏ ସୁନ୍ଦରୀ ଏ ତରୁଣଟିକୁ ପାଗଳ କରିଦେଇଚି । ନେଇଯାଅ । ପାଗଳଗାରଦରେ ରହିବାର ଯୋଗ୍ୟ !''

ଧରିନେଲେ ରାଲେ ଓ ବ୍ଲାଉଣ୍ଟ ।

ନାଇଟ୍ ଓ ବଦ୍‌ମାସି

ବାର୍ଣ୍ଣିକୁ ତରନାଇଁ । ସବୁ କଥାରେ ଲସରପସର । ମାଲିକ ଯୁଆଡ଼େ ସିଆଡ଼େ ବାର୍ଣ୍ଣି । ସବୁ କାମରେ ହମହମ । ମାଲିକଙ୍କ ସବୁକାମ ସୁରୁଖୁରୁରେ ହେଉ । ଏଥର ଲେସେଷ୍ଟର୍ ଉଠୁଛନ୍ତି । ଆଉ ସେ ଉଠୁଚି । ମନରେ କେତେ ଆଶା !

ବାର୍ଣ୍ଣି ଭାବୁଥିଲା କାଉଣ୍ଟେସ୍ କ୍ୟୁନର କୋଠିରେ ବନ୍ଦୀ— ଏଠିକି ଆସିପାରିବେନି । ଆଉ ଆଖିଆଗରେ ଦେଖିଲା ଟ୍ରେସିଲିଆନ୍‌କୁ କିପରି ବୋହିନେଲେ ଜୋର୍‌ଜବରଦସ୍ତି କରି । ପାଗଳ !!

ଏଲିଜାବେଥ୍ କହିଲେ, ‘‘ଏପରି ସୁନ୍ଦର ବିଦ୍ୱାନ୍ ଲୋକଟିଏ— ଅଥଚ କ'ଣ ହେଲା ତାଙ୍କର ଅବସ୍ଥା । ଭାବିଲେ ଦୁଃଖ ଲାଗୁଚି । ଲେସେଷ୍ଟର୍, ଆପଣ ଓ ବାର୍ଣ୍ଣି ଏ ସିଂହାସନର ଚିର ବିଶ୍ୱସ୍ତ । ସାର୍ ରୋବସାର୍ଟଙ୍କ ମନରେ ଦୁଃଖ ହେଉଥିବ । କ୍ୱାଇଁ ତାଙ୍କର କୌଣସି ପଦବୀର ଲୋକ ନୁହେଁ । ଏ ବ୍ୟବଧାନ ମୁଁ ଦୂର କରିଦେବାକୁ ଚାହେଁ । ଦିଅନ୍ତୁ ଆପଣଙ୍କ ତରବାରି ।’’

ଲେସେଷ୍ଟର୍‌ଙ୍କଠାରୁ ତଲୁଆରଟି ଗ୍ରହଣକଲେ ଏଲିଜାବେଥ୍ । କହିଲେ, ‘‘ସେ ପୁରୁଷ ହୋଇଥାନ୍ତେକି— ସବୁବେଳେ ସେ ତଲୁଆରକୁ ପାଖରେ ରଖିଥାନ୍ତେ । ଆସ ବାର୍ଣ୍ଣି, ଆମେ ତମକୁ ନାଇଟ୍ ପଦବୀ ଦେଲୁ ।’’ ବାର୍ଣ୍ଣି ତାଙ୍କ ନିକଟରେ ଆଣ୍ଠେଇପଡ଼ିଲା । ରାଣୀ ତା' କାନ୍ଧ ଉପରେ ତଲୁଆର ଛୁଆଇଁଦେଲେ ।

କେନିଲ୍‌ୱର୍ଥରେ ସସେକ୍‌ସଙ୍କ କଥା ରାଣୀ ଏକପ୍ରକାର ଭୁଲିଯାଇଥିଲେ । ଏଥିରେ ସସେକ୍‌ସଙ୍କ ଆଖିରେ ଘେରିଆସୁଥାଏ କୁହୁଡ଼ି । ତାଙ୍କୁ ସନ୍ତୁଷ୍ଟ କରିବା ଦରକାର ବି । ତେଣୁ ରାଣୀ ତାଙ୍କ ଦଳର ଜଣକୁ ନାଇଟ୍ କରିବାକୁ ଚାହିଁଲେ ।

ସସେକ୍‌ସ କହିଲେ, ‘‘ଟ୍ରେସିଲିଆନ୍...’’

‘‘ମୁଣ୍ଡବିକାର ହୋଇଥିବା ଜଣେ ଲୋକଙ୍କୁ ଅନୁଗ୍ରହ ଦେବାର ଏ ବେଳ ନୁହେଁ ।’’ କଥା ଭାଙ୍ଗି ରାଣୀ କହିଲେ ।

‘‘ନିକୋଲାସ ବ୍ଲାଉଣ୍ଟ୍ !’’

ରାଣୀଙ୍କ ମୁହଁରେ ଟିକେ କୁଞ୍ଚୁକୁଞ୍ଚୁ ଭାବ ।

ରଟ୍‌ଲାଣ୍ଡର ଡଚେସ କଥାଟା ସଙ୍ଗେ ସଙ୍ଗେ ବୁଝିଗଲେ । କହିଲେ, ‘‘ନାରୀମାନଙ୍କ ପକ୍ଷରୁ ତାଙ୍କୁ ଅନୁମତି ଦେଲେ ସେ କହନ୍ତେ ୱାଲଟର୍ ରାଲେ... ସେ ଯେପରି ବୀର ସେପରି କବି ।’’

ଏଲିଜାବେଥ୍‌ଙ୍କ ଓଠରେ ଫୁଟିଲା ହସ । ସେ ସ୍ୱାଗତ ଜଣାଇଲେ ଏ ପ୍ରସ୍ତାବକୁ ।

ଉଭୟେ ବ୍ଲାଉଣ୍ଟ ଓ ରାଲେ ନାଇଟ୍ ଉପାଧି ପାଇଲେ । ରାଣୀ କହିଲେ, ''ନାରୀର ବୁଦ୍ଧି ସାମନ୍ତ ଏବଂ ସୈନିକ ବୁଦ୍ଧିଠାରୁ ଅଧିକ ତୀକ୍ଷ୍ଣ । ଦେଖୁନ ସସେକ୍‌ସ, ପ୍ରଥମେ ଜଣେ ପାଗଳର ନାଁ କହିଲେ । ପରେ ଯା ନାଁ କହିଲେ ସେ କୋଉ ଯୋଗ୍ୟ ? ଭଲ ଯୋଦ୍ଧା–ଏହାର ଅର୍ଥ ନୁହେଁ ଯେ ଭଲ ପାରିଷଦ ହୋଇପାରିବ । ବ୍ଲାଉଣ୍ଟ ଗୋଟିଏ ବୁଦ୍ଧୁ । ଆଉ ଡଚେସ୍, ତୁମେ ବାଛିଲ ସୁନା ଖଣ୍ଡେ ।''

''ଲେସେଷ୍ଟର୍‌ଙ୍କ ବିଶ୍ୱାସୀ ବାର୍ଣି ?'' ଡଚେସ୍ ପ୍ରଶ୍ନ କଲେ ।

''ଧୂର୍ତ୍ତ ! ଧୂର୍ତ୍ତଟାଏ ସେ ! ଖୋସାମତିରେ ସମସ୍ତଙ୍କୁ ବଳିଚି । ସେ ଗୋଟାଏ ସୈତାନ୍ !!''

ସଞ୍ଜ ହେଲା । ଭୋଜିର ଆସର ଜମିଲା । କିଛି ପରେ ଲେସେଷ୍ଟର୍ ତାଙ୍କ ଶୋଇବା ଘରକୁ ଆସିଲେ । ମନ ପୂରିଉଠୁଚି । ହୃଦୟର ଗୋପନ କୋଣରେ କାମନା ହସୁଚି । ସେ ଉଠିବେ, ପହଞ୍ଚିଲା ବାର୍ଣି ।

''ସାର୍ ବାର୍ଣି, ଏ ପୋଷାକ ସାଜୁନି ଏବେ !'' ଲେସେଷ୍ଟର କହିଲେ ।

''ନା ମହାଶୟ, ମୋର କୌଣସି ପଦବୀ, ପୋଷାକ ଲୋଡ଼ାନାଇଁ । କେବଳ ଇଚ୍ଛାକରେ ଆପଣଙ୍କ ସେବାକରିବି । ଆସନ୍ତୁ, ଆପଣଙ୍କ ପୋଷାକ ଖୋଲିଦିଏ !'' ବାର୍ଣି ନମ୍ର ।

''ନା ବାର୍ଣି !'' କହି ଆର୍ଲ ତାଙ୍କ ପୋଷାକ ଖୋଲିଲେ । ''ଆଣି ଦିଅ ଲୋମ କୋଟ୍‌ଟା । ଟିକେ ବାହାରେ ରହି ରାତିଟାକୁ ଉପଭୋଗ କଲେ ।'' ସେ ନିକଟର ବାଲକନୀକି ଗଲେ ।

ଦୂର ଆକାଶରେ ଚନ୍ଦ୍ର ! ଅଦୂରରେ ହ୍ରଦର ଜଳ ଛଳଛଳ । ସବୁ ନୀରବ । ବେଳେ ବେଳେ ପହରାବାଲାର ଡାକ ଶୁଭୁଚି । ଦୂରରେ କୁକୁର ଡାକ ଶୁଭୁଛି । କାଲିକି ହରିଣ ଶିକାର ।

ବାର୍ଣି ଲକ୍ଷ୍ୟ କରୁଥାଏ ତା' ପ୍ରଭୁଙ୍କୁ । ଲେସେଷ୍ଟର୍‌ଙ୍କ ବଡ଼ ହେବାର ନିଶା ତାରାଲୋକ ଛୁଉଁଚି । ସେ ମନେମନେ କଥାହେଉଥିଲେ ତାରାମାନଙ୍କ ସହ । ଉଲ୍ଲାସଭରା ଚିତ୍ତରେ ସେ ଫେରିଲେ କୋଠରିକି । ବାର୍ଣି ଜିନିଷପତ୍ର ସଜାଡୁଥାଏ ।

''ଆଲାସ୍କୋ ମୋ' ଜାତକ ଉପରେ ଆଉ କ'ଣ କହୁଥିଲା, ବାର୍ଣି ?''

''ସେ ଯାହା କହିଛନ୍ତି ସତ ସତ ହେଉଚି ତ । ରାଶି ନକ୍ଷତ୍ର ଖୁବ୍ ଟାଣ । ଶତ୍ରୁ ସବୁ ଦୁର୍ବଳ ।''

ଲେଁସେଷ୍ଟର୍ ଖୁସିହୋଇଉଠିଲେ । ''ମନେହେଉଚି ସବୁ ମନ୍ଦଫଳ କଟିଯିବ । ଭଲଯାକ ଏକାବେଳେ ଆସି ପହଞ୍ଚିବ । ଆଜିର ଏ ସ୍ମରଣୀୟ ଦିନଟା ମୋ' ରକ୍ତରେ ମଦିରା ଢାଳିଚି ବାର୍ଣି । ତମେ ଟିକେ ପାଖରେ ରହିବ । ନହେଲେ ଶୋଇପାରିବିନି ।''

Digitalization by :-
Deb's Library Corner...

ବାର୍ଣି ଲେସେଷ୍ଟରଙ୍କ ଶେଯ ପକାଇଦେଲା । ଲେସେଷ୍ଟର୍ କହୁଥିଲେ, ‘‘ବାର୍ଣି, ରାଣୀଙ୍କ ଯୋଉ ଅନୁଗ୍ରହ ! ଇଚ୍ଛାକଲେ ତାଙ୍କୁ ସହଜରେ ବିବାହ କରିପାରିବି ।’’

‘‘ଏ ଦେଶରେ ଶହକେ ଉନଶତ ଲୋକ ତାହାଇ ଭାବୁଛନ୍ତି ପ୍ରଭୁ !’’

‘‘ହେଲେ, ବାଧା ଅଛି । ତମେ ତ ଜାଣ ବାର୍ଣି !’’

‘‘ନା ପ୍ରଭୁ, ଏ ବାଧା କିଛି ନୁହେଁ । ଗ୍ରହଗୁଡ଼ିକ...’’

‘‘ଗ୍ରହ ନକ୍ଷତ୍ର କଥା କହୁଛ ? ତମେ ତ ସେଥିରେ ବିଶ୍ୱାସ କରନି ।’’

‘‘ନା ଆଜ୍ଞା, ଆପଣ ତ ମୋତେ ଏଇପରି ଭୁଲ ବୁଝନ୍ତି । ମୁଁ ପ୍ରକୃତିଦର୍ଶନର ଲୋକ । ଭଲ ବର୍ଷାହେଲେ ଫସଲ ନିଶ୍ଚୟ ହେବ । ଭଲ ଖରା ହେଲେ ଫସଲ ଭଲ ବଢ଼ିବ । ପାଚିବ । ଏସବୁ ତ ବିଶ୍ୱାସ କରେ । ମୁଁ ଯାହା ଦେଖେ, ଗ୍ରହ ନକ୍ଷତ୍ର ବି ତାହା ଦେଖନ୍ତି । ମୁଁ ଯାହା ଆକାଶରେ ଘଟିବ ବୋଲି, ଜ୍ୟୋତିଷୀମାନେ ସେଇଆ କହନ୍ତି ।’’

‘‘ଠିକ୍ କହିଚ ବାର୍ଣି । ଜାତକ ଉପରେ ମୁଁ ଜର୍ମାନୀ ଓ ଅନ୍ୟ ଦେଶର ଜ୍ୟୋତିଷୀମାନଙ୍କୁ ପଚାରିଥିଲି । ସେ ସବୁ ଦେଶର ଗଣନା ଯେ ଆମର ଏ ବିବାହ ଇଉରୋପରେ ଶାନ୍ତି ଆଣିବ । ଫ୍ରାନ୍‌ସ ରାଜି । ସ୍କଟ୍‌ଲାଣ୍ଡ୍ ସ୍ୱାଗତ କରୁଚି । ତଥାପି ତମେ ସନ୍ଦେହ କରୁଚ...’’

‘‘ମୁଁ ତା’ କହୁନି ପ୍ରଭୁ ! କାଉଣ୍ଟେସ୍ ପୀଡ଼ିତା ।’’

‘‘ସୈତାନ । କଥାରେ ବାଡ଼ବତା ରହୁନି । କ’ଣ ଖୁନ୍ କରିବ ?’’

କିଛି ନଜାଣିଲା ପରି ବାର୍ଣି କହିଲା, ‘‘ତା’ କେତେବେଳେ କହିଲି ? ମୁଁ କହିଲି କାଉଣ୍ଟେସ୍ ପୀଡ଼ିତା । ସେ ତ ମଣିଷ । ଆଜି, କାଲି, କେବେହେଲେ ମରିବେ । ତା’ପରେ ଆପଣଙ୍କ ବିବାହରେ କୌଣସି ବାଧ୍ୟା ରହିବନି...’’

‘‘ଥାଉ... ! ସେ କଥା ଥାଉ ସେତିକିରେ...’’

‘‘ଦେଖନ୍ତୁ ପ୍ରଭୁ, ଆପଣଙ୍କ ପ୍ରେମ ଓ ମୋର ଶୁଭେଚ୍ଛା । କାଉଣ୍ଟେସ୍ ମରିବାର ଥିଲେ କେହି ରଖିପାରିବେନି । ମୁଁ ଚାହେଁ ସେ ଦୀର୍ଘ ଜୀବନ ପାଆନ୍ତୁ । ଆପଣ ଦି’ଜଣଙ୍କ ଜୀବନ ସୁଖମୟ ହେଉ । ହେଲେହେଁ, ଆପଣ୍ ହୁଅନ୍ତୁ ଇଂଲଣ୍ଡର ରାଜା... !’’

‘‘କ’ଣ ପାଗଳପରି କହୁଚ ବାର୍ଣି ?’’

‘‘ନା ଆଜ୍ଞା ! ଅନ୍ୟ ଦେଶରେ ଦ୍ୱିତୀୟ ବିବାହ ଅଛି ।’’

‘‘ଶୁଣିଚି ଜର୍ମାନୀରେ ଅଛି...’’

‘‘ତେବେ କ୍ଷତି କ’ଣ ? ପ୍ରଥମ ପ୍ରେମିକାକୁ ଲୁଚେଇ ରଖାଯିବ । ଟଙ୍କା ପଇସାର ଅଭାବ ତ ନାହିଁ । ଏଲିଜାବେଥ୍‌ଙ୍କୁ ଏ ପ୍ରେମର ଦଶଗୁଣା ଦେଇ ଖୁସିକରି ରଖିବେ... ମୁଣ୍ଡର ବୁଦ୍ଧି ଆଉ ଜିଭର କଥାରେ ତାଙ୍କୁ କିଣିନେବେ । ପ୍ରେମିକା ଆଉ ରାଣୀଙ୍କୁ ବେଶ୍ ଦୂରରେ ରଖିନେବେ ।’’

ଲେସେଷ୍ଟର୍ ଦଣ୍ଡେ ନୀରବ ରହିଲେ । ବାହାରିଆସିଲା ଗୋଟାଏ ଦୀର୍ଘ ନିଶ୍ୱାସ– ''ଅସମ୍ଭବ... ! ହଁ, ବାର୍ଣି, ତମେ ଯାଇପାର- ! ଆଚ୍ଛା ଟିକେ ରହ । କହିପାରିବ ଆଜି ଟ୍ରେସିଲିଆନ୍ ରାଣୀଙ୍କ ପାଖରେ ଏ ପ୍ରକାର ବ୍ୟବହାର କଲେ କାହିଁକି ? ନିରାଶ ପ୍ରେମିକ ଭାବେ ସେ ସମସ୍ତଙ୍କଠାରୁ ଅନେକ ସହାନୁଭୂତି ପାଇଚନ୍ତି ।''

ବାର୍ଣି ଉଚ୍ଛୁଳା ହସକୁ ଚାପିପକାଇଲା । କହିଲା, ''ପ୍ରଭୁ, ନିରାଶର ପରିତୃପ୍ତି ପାଇଁ ସେ ଆଉ ଗୋଟିଏ ସ୍ତ୍ରୀକୁ ଆଦରିଲାଣି । ଗୋଟାଏ ଯାତ୍ରାବାଲାର ଭଉଣୀ ଏବେ ତା' କୋଠରିରେ ରହୁଚି ।''

''ଆଚ୍ଛା ମଜାର କଥା ! ଆଖି ରଖିଥିବ ।''

''ଧର୍ମାବତାର !''

''ମାନେ ?''

''ପାଟିରୁ ଖସିଗଲା ପ୍ରଭୁ . ଆପଣ ଯେ ଇଂଲଣ୍ଡର ଭାବୀ ସମ୍ରାଟ !''

''ଆଜି ନାଇଟ୍ ହେଲାପରେ ମୁଣ୍ଡ ଗୋଳମାଳ ହୋଇଯାଇଚି ନା ? ବୋଧେ ପଦବୀ ଲାଲ ମଦପରି !!''

ରାଣୀଙ୍କ ଆବିଷ୍କାର

ଚାରିଆଡ଼ ଆନନ୍ଦ ମଉଛବରେ ଫାଟିଯାଉଚି । ବାର୍ଣି । ଆଲୁଅ । ଗୀତ । ନାଚ !! କିନ୍ତୁ ଆମୀ ? ପ୍ରାଣ ତାଙ୍କର ତହଲବିକଳ । କାହାନ୍ତି ପ୍ରିୟତମ ? ଚିଠିର ଉତ୍ତର କାହିଁ ?

ରାଣୀ ଅଛନ୍ତି । ତାଙ୍କ ସେବାରେ ଲାଗିଥିବେ । ବେଳ ନଥିବ ତାଙ୍କୁ । ରାତିରେ ଆସିବେ ଅବା । ସମୟ ବଢ଼ୁଚି । ଧୈର୍ଯ୍ୟ ଛିଣ୍ଡୁଚି । ଛିଣ୍ଡିଲା ବି । ସେ ଅଧୀର ହେଲେ । ଆକାଶରେ ଚନ୍ଦ୍ରଟା ଉଠିଯାଉଚି ।

ଆମୀ ଝରକା ପାଖରୁ ଉଠି ପଲଙ୍କକୁ ଗଲେ । ବସିଲେ । କବାଟ ଭିତର ପଟୁ ବନ୍ଦ । ତଥାପି ଗୋଟାଏ ଢେରା ଦିଆଯାଇଚି– କାଳେ କିଏ ଆସିବ । ଭୟ, ସନ୍ଦେହ, ବିଷାଦ, ବିସ୍ମୟ ସବୁର ଟିକି ଟିକି ସରୁ ସରୁ ଅଡୁଆ ସୂତା । ଛନ୍ଦଣିମନ୍ଦଣି । ମନସାରା ଗୋଲକଧନ୍ଦା ! କେତେବେଳେ ଆଖି ଲାଗିଗଲା । ସ୍ୱପ୍ନହେଲା । କ୍ୟୁନର୍ କୋଠି । ଲେସେଷ୍ଟର୍‌ଙ୍କ ସିଟି । ସେ ଧଡ଼ପଡ଼ହୋଇ ଉଠିପଡ଼ିଲେ ।

ବାଜା ! ବାଜାର ଅସରନ୍ତି ଧନ୍ଦୋଳ । କେନିଲ୍‌ୱର୍ଥରେ ଜମାହୋଇଥିବା ସାମନ୍ତମାନେ ସକାଳୁ ଯିବେ ହରିଣ ଶିକାରରେ । ତିଆରି ଚାଲିଚି । ସକାଳ ରବିର ସରୁ କିରଣ ଧାରେ ଲୁଚିକରି ପଶିଯାଇଚି ତାଙ୍କ କୋଠରିକି । ଏବେ ମନେହେଲା ସେ ସେଇ ଅଦ୍ଭୁତ ଘରେ ବନ୍ଦୀହେଇଛନ୍ତି ।

ହଠାତ୍ ବାହାରପଟୁ କିଏ ଠେଲିଲା । ଉତ୍କଣ୍ଠା ତାଙ୍କର ବୁଦ୍ଧି ଖାଇଥିଲା । ଧଡ଼୍‌କରି ଖୋଲିବାକୁ ଧାଇଁଗଲେ । 'ପ୍ରିୟ ମୋର...'

"ହଁ, କାଉଣ୍ଟେସ୍ !"

"ଲେସେଷ୍ଟର୍ ? ଡଡ଼ଲି ?" ପାଗଳିନୀ । ଲୋକ ଜଣେ ଘର ଭିତରକୁ ପଶିଆସିଲା । ଆମୀ ତାକୁ କୁଣ୍ଠାଇନେଲେ ।

"ନୁହେଁ ଲେସେଷ୍ଟର୍ !" ମାଇକେଲ ଲାଂବୋର୍ଣର ମଦୁଆ ଗଳା ! "ହେଲେ, ଲେସେଷ୍ଟର୍ ପରି ଭଲ ଲୋକ ଜଣେ... ।"

"ଯା...ଯା । ଘୁଞ୍ଚିଯା । ବଢ଼ନି ଆଗକୁ ।" ଆମୀ ଛାଟିପିଟି ହେଲେ । ପାଟିକଲେ ।

ଲାଂବୋର୍ଣ ଧରିପକାଇଲେ ତାଙ୍କ ହାତ । ଚିତ୍କାରକଲେ ଆମୀ । ପ୍ରହରୀ ଧାଇଁଆସିଲା । ଲାଂବୋର୍ଣକୁ ଧଇଲା ପ୍ରହରୀ । ଲାଂବୋର୍ଣ ଧଇଲା ତାକୁ । ଛାଡ଼ିଦେଲା ଆମୀଙ୍କୁ । ଖସିଗଲେ କାଉଣ୍ଟେସ୍ । ପଛରେ ଖାଲି ଶୁଭୁଥିଲା ଦୁମ୍‌ଦାମ୍, ଭୁସ୍‌ଭାସ୍ ! ଦୁଇଟା ଲୋକର ପିଟାପିଟି ।

ଆଗରେ ଗୁଡ଼ାଏ ଫର୍ଣ ଗଛ । ବେଶ୍ ଆଢୁଆଳ ହେବ । ଲତାର ଫାଟକ ଅଛି । ଗଛ, ଲତା, ବେଞ୍ଚ !! ଚାହିଁଲେ ବେଶ୍ ଲୁଚିହେବ । ଏଇ ସେ ପାଖେ କେତୋଟି ଛୋଟ ଛୋଟ ଝରଣା । ଝରଣାରେ ମୁହଁଟାକୁ ଟିକେ ଦେଖିନେଲେ । ଇସ୍ ! କି ଅସନା ! ଟିକେ ସଜାଇନେଲେ ଅଲରା କେଶଗୁଡ଼ିକ । ବାଛିଲେ ଲୁଚିବା ଜାଗାଟିଏ । ଛପିଗଲେ । ବେଶ୍ ଦେଖିହେଉଚି ଅନ୍ୟମାନଙ୍କୁ– ତାଙ୍କୁ କିନ୍ତୁ କେହି ଦେଖିପାରୁନି ।

ସକାଳ ଉଠୁଚି । କେହି ଆସିବ । ଚିଠି ବାହକ ଆସିପାରେ । ଟ୍ରେସିଲିଆନ୍ ସେ ବାଟେ ଯାଇପାରନ୍ତି । ଦଳ ଦଳ ଲୋକ ଯାଉଛନ୍ତି, ହସୁଛନ୍ତି, ଗପ ମାରୁଛନ୍ତି । କି ଫୂର୍ତ୍ତି ସେମାନଙ୍କର !

ଏଇ ଆଗରେ ରାଣୀ । ତାଙ୍କ ପଛେ ଲେସେଷ୍ଟର୍ ! ରାଣୀଙ୍କୁ ବାଟ କଢ଼େଇ ନେଉଛନ୍ତି । ଆର୍ଲ ହାତ ବଢ଼ାନ୍ତି । ରାଣୀ ଧରନ୍ତି । ଉଭୟେ ପାହାଚ ଉଠନ୍ତି । ଖସନ୍ତି ତଳକୁ । ଲାଗି ଲାଗି ଯାଉଛନ୍ତି । ମିଶିଯାଉଛନ୍ତି । ଲେସେଷ୍ଟର କହୁଛନ୍ତି– ରାଣୀ ଶୁଣୁଛନ୍ତି । ସେ ସବୁ ଡଡ଼ଲୀଙ୍କ ସାହସର ଇତିହାସ । ବୀରତ୍ୱର ଗାଥା ।

ଏଇ ସେମାନେ ଏକେଲା ହେଲେ । ରାଣୀଙ୍କ ମୁହଁ କାହିଁକି ଶୁଖିଗଲା । ସେ କ'ଣ କହିବେ ! ପହିଲେ କହିପାରିଲେନି । ଓଠ ଥରିଲା । କହିଲେ, "ନା ଡଡ଼ଲୀ, ସାଧାରଣ ନାରୀ ଆଉ ଜଣେ ରାଣୀ ଏ ଦୁହେଁ ଏକା ନୁହନ୍ତି ।" ସମାଜରେ ନାରୀଟିଏ ମୁକ୍ତ । ସେ ପାଏ ସ୍ୱାମୀର ଆନନ୍ଦ । ମୁଁ ତା' ପାଇପାରିବିନି । ମୁଁ ହେବାକୁ ଚାହେଁ ମୋ' ଲୋକଙ୍କ ଜନନୀ । ମୋର କପାଳରେ ସେ ସୁଖନାଇଁ । ମୋତେ ଏକେଲା ଛାଡ଼ିଦିଅ ଡଡ଼ଲୀ ! ଛାଡ଼ିଦିଅ– ଛାଡ଼ିଦିଅ ।"

‘‘ରାଣୀ ମଣିମା, ଆପଣଙ୍କୁ ଛାଡ଼ିଦେବି ଏକାକୀ ? କହନ୍ତୁ, କିଏ ଆପଣଙ୍କୁ ଅବମାନନା କରିଚି ?’’

‘‘ନା ଲେସେଷ୍ଟର୍— ତା’ ନୁହେଁ ! ଏଇ ତ ପାଗଳାମି ! ମୁହଁ ଶୁଖିଗଲା ! ନା ଲେସେଷ୍ଟର୍, ଆଉ ଦୋହରାଅନି । ମୁଁ ଟିକେ ଏକା ରହିବି । ଯାଅ— ଦୟାକରି !’’

ଆର୍ଲ ନୁଆଁଇଲେ ଶିର । ଛାଡ଼ିଦେଇଗଲେ ସେ ସ୍ଥାନ । ଏଲିଜାବେଥ୍ ମନକୁମନ କହିଲେ, ‘‘ନା ନା, ମୁଁ ହେବି ମୋ’ ଦେଶବାସୀଙ୍କ ଜାୟା ଓ ମାଆ !’’ ଆଗେଇଲେ ସେଇ କୁଞ୍ଜଆଡ଼କୁ— ଯୋଉଠି ଲୁଚିରହିଥିଲେ ହତଭାଗିନୀ ଆମୀ ।

ଆମୀ ଚାହିଁଲେ ସାମ୍ନାକୁ । ସେ ଉଠିଆସିଲେ ନିଜ ଜାଗାରୁ । ମନରେ ଅନେକ ଭୟ । ଅନେକ ସନ୍ଦେହ...ରହସ୍ୟ ! ସେ କିଛି ଭାବିପାରିଲେନି । ଆଣ୍ଠେଇପଡ଼ିଲେ ରାଣୀଙ୍କ ପାଦପାଖେ । ଚାହିଁରହିଲେ ତାଙ୍କ ମୁହଁଆଡ଼କୁ । ସେ ଚାହାଣି, ସେ ଚାହାଣିର ଘୂମନ୍ତ ନୈରାଶ୍ୟ ରାଣୀଙ୍କୁ ଚମକାଇଦେଲା; ତାଙ୍କ ବୁକୁକୁ ଦୋହଲାଇଦେଲା— ‘‘କିଏ ତୁମେ ? କ’ଣ ଚାହଁ ?’’

‘‘ଆପଣଙ୍କ ଶରଣ ମହାଶୟା !’’

‘‘ଏ ଦେଶର ପ୍ରତି ଝିଅର ଅଛି ସେ ଅଧିକାର । ମନେହେଉଚି ତୁମର ଅନେକ ଦୁଃଖ ! କୁହ । ତୁମ ପାଇଁ କ’ଣ କରିପାରେ ?’’

ଭାବିଲେ ଟିକେ ଆମୀ । ରକ୍ଷା ସେ କରିବେ ତାଙ୍କ ସ୍ୱାମୀଙ୍କି । ତା’ପରେ କହିଲେ, ‘‘ଆପଣ ସାହାଯ୍ୟ କରନ୍ତୁ ମଣିମା ! ମୁଁ ଗୋଟାଏ ଲୋକଠୁ ରକ୍ଷା ଚାହେଁ । ସେ ବାର୍ଣି !!’’

‘‘ରିଚାର୍ଡ଼ ବାର୍ଣି ! ଲେସେଷ୍ଟର୍‌ଙ୍କ ପ୍ରିୟ ନାଇଟ୍ ! ତା’ ସହ ତୁମର କି ସମ୍ପର୍କ ?’’

‘‘ମୁଁ... ? ମୁଁ ତା’ର ବନ୍ଦିନୀ । ସେ ମୋତେ ମାରିଦେଇଥାନ୍ତା । ମୁଁ ପଳାଇଆସିଚି...’’

‘‘ମୋ ଶରଣ ଭିକ୍ଷା ମାଗିଚ— ତା’ ତୁମେ ଅଲବତ୍ ପାଇବ ।’’ ଆମୀଙ୍କି ନିଠେଇକରି ଦେଖୁଥିଲେ ରାଣୀ । ‘‘ତମେ ଆମୀ...ସାର୍ ରୋବସାର୍ଟଙ୍କ ଝିଅ ତ ?’’

‘‘କ୍ଷମାକରନ୍ତୁ ମଣିମା !’’

‘‘କ୍ଷମା ? କାରଣ ତୁମେ ରୋବସାର୍ଟଙ୍କ କନ୍ୟା ବୋଲି ? ମୁଣ୍ଡ ଖରାପ ହୋଇନି ତ ? ତମେ ନା ବାପାଙ୍କୁ ଠକିଲ ? ଟ୍ରେସିଲିଆନ୍ ବୁକୁରେ ଜଳାଇଲ ନିଆଁ ? ଆଉ ବାହାହେଲ ବାର୍ଣିଙ୍କି !’’

‘‘ନା ନା, ମହାଶୟା ! ମୁଁ ବାର୍ଣିର ସ୍ତ୍ରୀ ନୁହେଁ । ସେ ଗୋଟାଏ ସଇତାନ, ପାଜି ! ସେ ମୋର କିଛି ନୁହେଁ ।’’

ମୁହୂର୍ତ୍ତକ ପାଇଁ ରାଣୀ ନିର୍ବାକ୍ ହେଲେ । ‘‘ତେବେ କୁହ— କୁହ, କାହାର ତୁମେ ନାରୀ ? କାହାର ପ୍ରେମିକା ? ଖୋଲି କହ ସବୁ— ମୁଁ ଜାଣିବାକୁ ଚାହେଁ ।’’

''ଆର୍ଲ ଅଫ୍ ଲେସେଷ୍ଟର୍ ସବୁ ଜାଣନ୍ତି...''

ରାଣୀ ଆଶ୍ଚର୍ଯ୍ୟ ହେଲେ । ଚମକିଉଠିଲେ । ''ଲେସେଷ୍ଟର୍ ? ଏଥିରେ ସେ ଜଡ଼ିତ ? କିପରି ? ଇଂଲଣ୍ଡର ସବୁଠୁଁ ବଡ଼ ସାମନ୍ତ ସେ ! ଆସ ! ଆସ ଏ ଲାଗେ । ତାଙ୍କରି ଆଗରେ ତୁମର ବିଚାରହେବ ।''

କ'ଣ କହିଲେ ଆମୀ ? ଡରି ଏତେ ଟିକେ ହେଇଗଲେ ! ରାଣୀ ଏଣେ ତାଙ୍କ ବାହୁ ଧରିଲେ । ଟାଣିଲେ ।

ଦରବାରର ଅନେକ ସାମନ୍ତ ଘେରିଥାନ୍ତି ଲେସେଷ୍ଟର୍‌ଙ୍କୁ । ମହିଳାଏ ତାଙ୍କୁ ପଚାରୁଥାନ୍ତି । ଶିକାର କଥା ପଡ଼ିଚି । ହଠାତ୍ ସମସ୍ତଙ୍କ ଧ୍ୟାନ ଭାଙ୍ଗିଲା । ରାଣୀ ଆସୁଛନ୍ତି । ପ୍ରାୟ ଧାଉଁଛନ୍ତି । ଟାଣୁଛନ୍ତି ଗୋଟିଏ ସୁନ୍ଦରୀ ଝିଅକୁ ।

''କାହାନ୍ତି ? କାହାନ୍ତି ଆର୍ଲ ଅଫ୍ ଲେସେଷ୍ଟର ?'' ଗଳାରେ ରାଣୀଙ୍କ ଅଦିନ ମେଘର ଘଡ଼ଘଡ଼ି । ସମସ୍ତେ ଛାନିଆଁ । ଡର । ସାମନ୍ତମାନେ ଖସିଗଲେ ଚୁପ୍‌ଚାପ୍ ।

''ଜାଣନ୍ତି ଏ ନାରୀକି ?'' ରାଣୀଙ୍କ କ୍ରୋଧମିଶା ଆହତ ଗଳାର ପ୍ରଶ୍ନ ।

ଥରିଉଠିଲେ ଲେସେଷ୍ଟର୍ । ପାଦତଳେ ମାଟି ଫାଟୁଚି । ନିର୍ବାକ୍ ସେ । ସେ ଏଲିଜାବେଥ୍‌ଙ୍କ ପାଦତଳେ ମୁଣ୍ଡ ନୁଆଁଇଲେ ।

''ମନେରଖ ଲେସେଷ୍ଟର୍ ! ଯଦି ମୋତେ, ଏ ବିରାଟ ଦେଶର ମହାରାଣୀଙ୍କି ଠକିଥାଅ– ମନେରଖ ତୁମର ମୁଣ୍ଡ ରହୁନି ।''

ଚେତା ଆସିଲା ଆମୀଙ୍କର । ଲେସେଷ୍ଟର୍ ବିପଦରେ । ''ନା ନା, ମହାଶୟା ! ସେ ଦୋଷହୀନ । କେହି ତାଙ୍କୁ ଦୋଷୀପାରେନି ।''

''କିନ୍ତୁ ତୁମେ ଯେ କହିଲ ଲେସେଷ୍ଟର୍ ସବୁ ଜାଣନ୍ତି...''

''କହିଥିଲି ! ମୁଁ କ'ଣ କହିଥିଲି ଜାଣିନି ।''

ତରୁଣୀ– ମନେରଖ, ମୋ' ରାଗ କୌଣସି ରାଜାର ରାଗଠୁଁ କେବେ କମ୍ ନୁହେଁ । ମୋତେ ସବୁ ସତ କହ । ମୁଁ ଗୋଟାଏ ଜଳିଲା ନିଆଁ !''

ଉଠୁଥିଲେ ଲେସେଷ୍ଟର । ଉଠୁଥିଲା ତାଙ୍କ ପ୍ରେମିକ ଆତ୍ମା ! ଆତ୍ମାଟା– କହିଦେବାକୁ... ମାନିନେବାକୁ...ଆମୀ ତାଙ୍କର... !''

ହଠାତ୍ ସେଇ ବେଳରେ ଆସି ପହଞ୍ଚିଲା ବାର୍ଣି । ଢୋ'କରି ପଡ଼ିଗଲା ରାଣୀଙ୍କ ପାଦତଳେ– ''ସବୁ ଦୋଷ ମୋର ମଣିମା ! ରକ୍ଷାକରନ୍ତୁ ମୋ' ମାଲିକଙ୍କୁ । ଦଣ୍ଡନ୍ତୁ ମୋତେ ।''

ବାର୍ଣିକି ଦେଖି ଆମୀ ହତଭମ୍ବ ହୋଇଗଲେ । ''ମୋତେ ବନ୍ଦୀକରନ୍ତୁ ମଣିମା ! ହେଲେ ଏ ପାପୀର ଅଧୀନରେ ମୁଁ ରହିବିନି ।''

''କିନ୍ତୁ କାହିଁକି ? କ'ଣ ହୋଇଚି ?''

''ସେ ଦୁଃଖରୁ ବଳି ଦୁଃଖ ନାହିଁ । ସେ ଆଘାତରୁ ବଳି ଆଘାତ ନାହିଁ । ମୋର ସବୁ ସୁଖକୁ ସେ ଚୂର୍‌ମାର କରିଦେଇଚି । ତା'ପାଖେ ରହିଲେ ମୁଁ ପାଗଳ ହୋଇଯିବି ।''

''ତୁମ୍ଭର ମନ ବିକୃତ ହୋଇଯାଇଚି । ଲର୍ଡ ହନ୍‌ସଡ଼ନ ! ନେଇଗଲେ ଏ ବିଚାରୀକି– ଯେତେବେଳେ ଚାହିଁବି ପେଶ୍ କରିବେ ।''

ବୁଢ଼ା ଲର୍ଡ ହନ୍‌ସଡ଼ନ୍‌ଙ୍କ ବଳୁଆ ହାତ ଦି'ଟା ମେଲାହୋଇଗଲା । ''ମଣିମା, ଏ ଛୁଆଟା ପାଇଁ ମୁଁ ବେଶ୍ ଧାଇ ପରି କାମ କରିପାରିବି । ସେ ମୋ' ଝିଅ ହୋଇରହିବ ।'' ସରୁଆ ପତଳା ହାଲୁକା ଦେହଟାକୁ ହନ୍‌ସଡ଼ନ ସହଜରେ ବୋହିନେଇ ଚାଲିଗଲେ । ତାଙ୍କର ସୁନା ରଙ୍ଗର କେଶଗୁଡ଼ିକ ଝୁଲିପଡ଼ି ଝଲମଲ କରୁଥାଏ ।

ରାଣୀ ଘଡ଼ିଏ ଚାହିଁରହିଲେ ସେଇଆଡ଼େ । ତା'ପରେ ସେ ଚାହିଁଲେ ଲର୍ଡ ଲେସେଷ୍ଟର୍‌ଙ୍କୁ । ଲେସେଷ୍ଟର୍‌ଙ୍କ ମୁହଁରେ ଭାଷା ନାହିଁ । କଳାପଡ଼ିଯାଇଚି । ବାର୍ଣିକି ଅନାଇଲେ– ''କହ ବାର୍ଣି, କ'ଣ ହେଇଚି କହ ?''

ସିଆଣିଆ ବାର୍ଣିକି ମିଳିଲା ମୌକା । ''ଦେଖିଲେ ତ ସେ କେତେ ଅସୁସ୍ଥ । ଡାକ୍ତରଙ୍କ ସାର୍ଟିଫିକେଟ୍‌ରେ ଏ କଥା ଲେଖାଇପାରିନି ।''

''ସେ କ'ଣ ମୁଣ୍ଡ-ବିକାର ଭୋଗୁଛନ୍ତି ? ତାଙ୍କ ଆଦବକାଇଦାରୁ ସେପରି ମନେହେଉଚି । ଏଇ ତ ଗୋଟାଏ କୁଞ୍ଜତଳେ ଗୁରୁଣ୍ଡୁଥିଲେ । ଅଦ୍‌ଭୁତ ପ୍ରତିଟି କଥା । ତେବେ, ଏଠାକୁ ଆସିଲେ କିପରି ?''

''ମଣିମା, ଆଣ୍ଟୋନୀ ଫଷ୍ଟର୍ ଜିମାରେ ଛାଡ଼ିଆସିଥିଲି । ସେ ଏଇ ପହଞ୍ଚିଚି । ତା'ଠୁ ଜାଣିଲି ଆମୀ ପଳାଇଆସିଲେ । ତାକୁ ଡାକିବି ?''

''ନା ବାର୍ଣି, ଏଲାଗେ ନୁହେଁ । କିନ୍ତୁ ବାର୍ଣି, ସେ ତୁମ ବିରୁଦ୍ଧରେ ଶତଜିହ୍ୱ ।''

''ତାଙ୍କ ରୋଗର ଫଳ । ଏ ରୋଗରେ ଯିଏ ପଡ଼େ ପ୍ରିୟ ପରିଜନ ବିପକ୍ଷରେ ସବୁବେଳେ କହେ । ମଣିମା ଆଜ୍ଞା ହେଲେ ସେ ହୀନକପାଳୀକି କ୍ୟୁନର୍ କୋଠିକି ନେଇଯାଆନ୍ତି ।''

''ତରତର କାହିଁକି ?''

ବାର୍ଣି ପ୍ରଣାମ ଜଣାଇ ବିଦାୟନେଲା ।

''ଲର୍ଡ ଲେସେଷ୍ଟର୍, ଆପଣଙ୍କୁ ଅପମାନିତ କରିଚି । ମୁଁ ଲଜ୍ଜିତ ।''

''ନା ମଣିମା ! ଆପଣ ମୋତେ ଏପରି କିଛି କହିନାହାନ୍ତି ।''

''ଶିକାର ଚାଲୁ... !'' ରାଣୀ ଆଦେଶଦେଲେ ।

ବାଜିଲା ଶିଙ୍ଗା । ଉତ୍ତେଜିତ କୁକୁରଙ୍କ ଡାକ ଶୁଭିଲା ।

ସ୍ୱାମୀ-ସ୍ତ୍ରୀ

ସକାଳର ଶିକାର ମଜା ସରିଲା । ଭୋଜିଭାତ ସଇଲା । ରାଣୀ ଫେରିଆସିଲେ ତାଙ୍କ କୋଠରିକି । ବିଶ୍ରାମ କେବେ । ଲେସେଷ୍ଟର୍ ପଚାରିଲେ ବାର୍ଣ୍ଣିକି । ବାର୍ଣ୍ଣି ବନେଇ-ଚୁନେଇ କଥା ବଖାଣିଲା । ଆଲାସ୍କୋ, ବାର୍ଣ୍ଣି ଆଉ ଫଷ୍ଟର୍ର ଅତ୍ୟାଚାର କି ଔଷଧ ବିଷୟରେ ଆର୍ଲ କିଛି ଜାଣିପାରିଲେନି । ତମତମ ହେଲେ ଆମୀଙ୍କ ଉପରେ । କେଡ଼େ ବୋକୀ ! ସବୁ କଥାରେ ଅଧୀର । ସ୍ୱାମୀଙ୍କ ସବୁ ଗର୍ବ ତ ସାରିଥିଲେ ସଙ୍ଗେ ସଙ୍ଗେ ନିଜର ବି ।

''ଆପଣଙ୍କ କଥାମାନି ଏଠି ଗୋପନରେ ରହିପାରିଲେ ଭଲହୁଅନ୍ତା ।'' ବାର୍ଣ୍ଣି କହିଲା ।

''ଅନ୍ୟ ବାଟନାଇଁ । ତମ ସ୍ତ୍ରୀଭାବେ ସମସ୍ତେ ଜାଣିଲେଣି ।''

''ରାଣୀ ଏଲିଜାବେଥ୍ ବଞ୍ଚିଥିବା ଭିତରେ ସେ ଆପଣଙ୍କ ନାଁ ନେଇପାରିବେନି । ଆପଣ ତ ସବୁ ଜାଣନ୍ତି । ରାଣୀଙ୍କ ସହ କି କଥାଭାଷା ହେଲାକି ?''

ଲେସେଷ୍ଟର୍ଙ୍କ ବୁକୁଫଟାଇ ଦୀର୍ଘଶ୍ୱାସଟାଏ ବାହାରିଆସିଲା । କିଛି ସମୟ ସେ ନୀରବ ରହିଲେ । ତା'ପରେ କହିଲେ, ''ତାଙ୍କ ସଙ୍ଗେ ଯୋଉ କଥାଭାଷା ହୋଇଚି, ସେଥିରେ ଫେରିବାର ଆଉ ଉପାୟ ନାଇଁ । ଏପଟ ସେପଟ ହେଲେ ତାଙ୍କ ନାରୀ-ହୃଦୟ କ୍ଷମା ଦେବନି ।

''ଆମକୁ କିଛି ଗୋଟାଏ କରିବାକୁ ହେବ ମାଲିକ ଏବଂ ଖୁବ୍ ଶୀଘ୍ର କରିବାକୁ ପଡ଼ିବ ।''

''ଭାବିଚି, ଆମୀଙ୍କି ନିଜେ କିଛି କହିବି ।''

''ଆପଣ ? ନା ନା, ମାଲିକ !'' ବାର୍ଣ୍ଣି ଡରିଗଲା । ତା' ଗୁମର କାଳେ ପଦାରେ ପଡ଼ିଯିବ ।

''ନା, ମୁଁ ଠିକ୍କରିସାରିଚି । ତମେ ଯିବ ! ତମ ସାଙ୍ଗେ ଚାକର ବେଶରେ ମୁଁ ଯିବି ।''

ବାର୍ଣ୍ଣି ପ୍ରତିବାଦ କରୁଥିଲା । ହେଲେ, ମାଲିକଙ୍କୁ ଖୁସିକରିବାକୁ ସେ ଆଣିଦେଲା ଚାକରର ପୋଷାକ । ସୁଡ଼ଙ୍ଗ ବାଟରେ ସେମାନେ ପହଞ୍ଚିଗଲେ ହନ୍ସଡ଼ନଙ୍କ ଜାଗାରେ ।

କାଉଣ୍ଟେସ୍ ବସିଥିଲେ ଏକାକୀ । ତାଙ୍କ ମୁଣ୍ଡ କେଶ ଓ ପୋଷାକରେ କୌଣସି ଶୃଙ୍ଖଳା ନଥିଲା । ଗଭୀର ଦୁଃଖ ଓ ନିରାଶାରେ ସେ ଭାଙ୍ଗିପଡ଼ିଥିଲେ । କବାଟ ଖୋଲା ଅବାଜ୍ରେ ସେ ଚମକିଉଠିଲେ । ବାର୍ଣ୍ଣିକ ଦେଖିଲେ । ଚିହିଁକି ଉଠିଲେ– ''ସଇତାନ ! ଏଠି ?''

ଲେସେଷ୍ଟର୍ ଫିଙ୍ଗିଦେଲେ ଚାକରର ପୋଷାକ । ଆଗେଇଆସିଲେ– ''ରିଚାର୍ଡ ବାର୍ଣ୍ଣି ନୁହେଁ, ମୋ ସହିତ ତୁମର ମୁକାବିଲା ହେବ ।''

କୁହୁକ ଛୁଇଁଗଲା ଆମୀଙ୍କ ଦେହସାରା । ତାଙ୍କ ମୁହଁର ରାଗ ବଦଳିଗଲା । ''ଡଡ଼ଲୀ, ତମେ ଶେଷରେ ଆସିଲ ଡଡ଼ଲୀ ?'' ସେ ସ୍ୱାମୀଙ୍କ ବୁକୁ ଉପରେ ଢଳିପଡ଼ଲେ । ଭୁଲିଗଲେ ବାର୍ଣି ଅଛି । ଆର୍ଲ ତାଙ୍କ ରାଗ ଭୁଲି ସ୍ନେହ ଦେଲେ । ସେ ଦେଖିଲେ ତାଙ୍କ ସରଳା ସ୍ତ୍ରୀଟଏ କ୍ଳାନ୍ତି-କଷ୍ଟ ଭିତରେ ବି କେଡ଼େ ସୁନ୍ଦର !

''ଅସୁସ୍ଥ ଅଛ କି ?'' ଆମୀ ପଚାରିଲେ ।

''ଶାରୀରିକ ଅସୁସ୍ଥ ନୁହେଁ... ।''

''ଆଉ ମୁଁ ଯେତେ କଷ୍ଟ, ରୋଗ, ଭୟ ଭିତର ଦେଇ ଆସିଚିନା– ତମକୁ ଦେଖି ମୁଁ ସବୁ ଭୁଲିଯାଇଚି । ତମେ ପାଖରେ ଅଛ, ମୋର ଆଉ କୌଣସି ଡରଭୟ ନାଇଁ !''

''କିନ୍ତୁ ତମ ଯୋଗୁଁ ମୁଁ ଆଜି ବିପଦରେ ! ମୋ' ଇଚ୍ଛାବିରୁଦ୍ଧରେ ତମେ ଏଠିକି ଆସିଲ କାହିଁକି ?''

''ମୋ ଯୋଗୁଁ ତମେ ବିପଦରେ ? ମୋ ପ୍ରାଣର ପ୍ରାଣ ତମେ । ତମ ପାଇଁ ସବୁ ତ୍ୟାଗ କରିବାକୁ ମୁଁ ତିଆର । ଯଦି ଜାଣନ୍ତି କାହିଁକି କ୍ୟୁନର୍ ଛାଡ଼ିଲି... !! ନା ନା, ମୋ ବିଷୟରେ କିଛି କହିବିନି । ତମର ମଙ୍ଗଳ ପାଇଁ ଯାହା କହିବ କରିବି; କିନ୍ତୁ କ୍ୟୁନର୍ କୋଠିକି ଯିବିନି ।''

''ତମେ ଉତ୍ତର ଦିଗର ଗୋଟାଏ ଦୁର୍ଗକୁ ଯିବ । ଆଉ କିଛି ଦିନ ସେଠି ବାର୍ଣିର ସ୍ତ୍ରୀଭାବେ ପରିଚୟ ଦେବ ।''

ଚାବୁକ ଖାଇଲା ପରି ଛଟପଟ ହୋଇଗଲେ । ''ତେବେ ପ୍ରଭୁ, ଆପଣ ଚାହାନ୍ତି ଏ ସଇତାନର ସ୍ତ୍ରୀ ଭାବେ... !''

''ଦେଖ ଆମୀ, ସେ ମୋର ବଡ଼ ବିଶ୍ୱାସୀ । ତମେ ତାଙ୍କୁ ଏପରି ଭାବେ ଅପମାନିତ କରିପାରିବନି । ମୋତେ ରକ୍ଷା କରିବାପାଇଁ ଆଉ ତମର ମଙ୍ଗଳ ପାଇଁ ଏ ଅଳ୍ପ ଟିକକ ମିଛର ଆଶ୍ରୟ ନେବାକୁ ହେବ ।'' ଲେସେଷ୍ଟର୍ ରାଗିଉଠିଲେ ।

ବାର୍ଣି ବାଧାଦେଲା । ''ଏହାଙ୍କର ମୋ ଉପରେ ବଡ଼ ଘୃଣା । ଟ୍ରେସିଲିଆନ୍‌ଙ୍କ ସାଥିରେ ଏହାଙ୍କୁ ଲିଡ୍‌କୋଟ ହଲ୍‌କୁ ପଠାଇଦେଲେ ଏ ସୁଖୀ ହେବେ ।''

ଲେସେଷ୍ଟର୍‌ଙ୍କ ମନରେ ସନ୍ଦେହ-କୁହୁଡ଼ି ଘେରିଲା । ବାର୍ଣି ଖୁସିହେଲା । ବାଣ ଠିକ୍ ବାଜିଛି ।

''ସେ ସୁଖ, ସେ ବାପଘର ସୁଖ ମୋର ଯାଇଚି । ତା' ସଙ୍ଗେ ମୋ ମନର ସମସ୍ତ ଶାନ୍ତି ଆଜି ପୋଡ଼ି ଶେଷହୋଇଯାଇଚି ।''

''କାଉଣ୍ଟେସ୍, ତେବେ ଆପଣଙ୍କ ବାପା ଆଉ ଟ୍ରେସିଲିଆନ୍ ଆପଣଙ୍କୁ ଶାନ୍ତି ଦେଇଥାଆନ୍ତେ ! ସେଇମାନେ ହିଁ କେବଳ ଭଲଲୋକ ?''

ଲେସେଷ୍ଟର୍ ପାଟିକଲେ, ''ଚୁପ୍ ରହ ବାର୍ଣି !''

''ବାର୍ଣି ମୁହଁରେ ଏପରି କଥା ସାଜେ ! ଡଡଲୀ, ତମରି ପାଇଁ ମୁଁ ଟ୍ରେସିଲିଆନ୍‌ଙ୍କୁ ନିରାଶ କରିଚି । ତେବେ ସେଇ ଶାନ୍ତ ସରଳ ଲୋକର ଚରିତ୍ର ଉପରେ ବାର୍ଣି ପରି ଅଯୋଗ୍ୟ ଲୋକର କଟାକ୍ଷ ! ଏ କଥା ମୁଁ ସହିପାରିବିନି । ଟ୍ରେସିଲିଆନ୍ ନିର୍ଦୋଷ । ନିରୀହ ସେ । ତାଙ୍କର ବଦ୍‌ନାମ ଅନୁଚିତ ।''

ଲେସେଷ୍ଟର୍ ଭୀଷଣ ଅସନ୍ତୁଷ୍ଟ ହେଲେ । ଟ୍ରେସିଲିଆନ୍‌ଙ୍କ ପ୍ରଶଂସା ! ତାଙ୍କର ଈର୍ଷା ଆସିଲା । ସେ ନୀରବତାରେ ବୁଡ଼ିଗଲେ ।

କାଉଣ୍ଟେସ୍ ଘଟଣାକୁ ବାଗେଇବା ପାଇଁ ଚେଷ୍ଟାକଲେ । ଆଗେଇଗଲେ ସେ ସ୍ୱାମୀଙ୍କ ପାଖକୁ । ''ଆମେ ଅନେକ କଥା ଆଲୋଚନା କଲେଣି । ସତ କହିଲେ, ତୁମ ତୁଳନାରେ ମୁଁ କିଛି ଜାଣେନି । ହେଲେ ବି ତମର ସ୍ତ୍ରୀ ! ପଦେ କହୁଚି । ତମେ ଏ ଯେତେ ମିଥ୍ୟାଚାର ଆଉ ଛଳନାକୁ ଫିଙ୍ଗିଦେଇ ପାରିବନି ? ସତକୁ ବାହାର କରିଦିଅ । ସତ୍ୟରକ୍ଷା ପାଇଁ ତ ତମେ ନିଜକୁ ଆର୍ଲ କୁହ ବା ନାଇଟ୍ କୁହ । ହାତ ମୋର ଧରି ନେଇଯାଅ ଏଲିଜାବେଥ୍‌ଙ୍କ ସିଂହାସନ ତଳକୁ । କୁହ, ଗୋଟାଏ ଦୁର୍ବଳ ମୁହୂର୍ତ୍ତରେ ତମେ ମୋତେ ବାହାହୋଇଯାଇଚ । ତା'ପରେ ତମର ଯଦି ଅସୁବିଧା ହୁଏ, ମୋ ଭଙ୍ଗା ବୁକୁରେ ସମସ୍ତ ଅପଖ୍ୟାତି ଅମଙ୍ଗଳ ମୁଣ୍ଡାଇ ମୁଁ ବାହାରିଯିବି ମୋର ସେଇ ଅନ୍ଧାରିଆ ଜାଗାକୁ । ଲୁଚାଇବି ନିଜକୁ ଲୁହରେ । ତୁମର ଉନ୍ନତିରେ ଆମୀ ରୋବସାର୍ଟ ଠିଆହେବନି ପ୍ରଭୁ ! ସେ ବଳେ ବଳେ ଅପସରିଯିବ– ଲୁଚିଯିବ !!''

ଏ କଥାରେ ଥିଲା ଏକ ଅପୂର୍ବ ଆତ୍ମନିବେଦନ, ଉତ୍ତାପ ଆଉ ସମ୍ମାନ ! ଆର୍ଲ ଅଭିଭୂତ ହୋଇଗଲେ । ଦୟା ଓ ଉଦାରତା ତାଙ୍କର ଜାଗିଉଠିଲା । ସେ ଲାଜେଇଗଲେ । କେତେ ମିଛର ସାହାରା ସେ ନେଇନାହାନ୍ତି ! କାହିଁକି ? ଟିକିଏ ସ୍ୱାର୍ଥ ପାଇଁ ତ ! କେତେ ସେ ସନ୍ତୁଳିନାହାନ୍ତି ତାଙ୍କ ପ୍ରିୟତମାର କୋମଳ ପ୍ରାଣକୁ !

''ଆମୀ, ତୁମର ଉପଯୁକ୍ତ ମୁଁ ହୋଇପାରିନି । ହେଲେ, ଏ କଥା କହିଲେ ମୋ ମୁଣ୍ଡ ବି ରହିନପାରେ ।''

''ଆଶ୍ଚର୍ଯ୍ୟ ! ତମେ ସ୍ୱାଧୀନଭାବେ ତମର ସ୍ତ୍ରୀ ବାଛିଲ ବୋଲି ତୁମର ମୁଣ୍ଡ କାଟହେବ ?''

''ସତଠାରୁ ବଡ଼ ବନ୍ଧୁ କେହି ନାହାନ୍ତି ପ୍ରଭୁ !'' ଆମୀ ସଙ୍ଗେ ସଙ୍ଗେ କହିଲେ । ''ସତ ହିଁ ଆମକୁ ସବୁଠି ରକ୍ଷାକରିବ । ସତ୍ୟ ଯେ ଅବ୍ୟର୍ଥ ଅସ୍ତ୍ର !'' ''କିନ୍ତୁ ବୁଦ୍ଧିକି ଛାଡ଼ି ନୁହେଁ– ହେଉ, ଯାହେବ ଦେଖାଯିବ । ତମେ ଯେ ମୋର ସ୍ତ୍ରୀ, ଏହା ଶୀଘ୍ର ଘୋଷିତ ହେବ ।'' ଲେସେଷ୍ଟର୍ ଆମୀଙ୍କୁ କୋଳକୁ ନେଲେ ।

ବିଶ୍ୱାସ ଓ ବିଷ

ଆର୍ଲଙ୍କ କୋଠରି । ବାର୍ଣ୍ଣି ଓ ଲେସେଷ୍ଟର୍ କଳନାକରୁଥିଲେ କୋଉଠୁ କେତେ ସାହାଯ୍ୟ ମିଳିବ । ବାର୍ଣ୍ଣି ମୁହଁ ଶୁଖାଇଚି । ''ପ୍ରଭୁ, ଆପଣଙ୍କ କହିବା କଥା ହୋଇପାରେ । ଆଉ ଏହା ବି ହେଇପାରେ– କେହି ଜଣେ ବି ଆପଣଙ୍କୁ ସମର୍ଥନ କରିନପାରେ । ରାଣୀଙ୍କୁ ପ୍ରଜାଏ ଖୁବ୍ ସମ୍ମାନ କରନ୍ତି । ତାଙ୍କ ପାଇଁ ଇଂଲଣ୍ଡ ପାଗଳ !''

''ଯାହା ହେଉନା କିଆଁ, ମୁଁ ପ୍ରସ୍ତୁତ ଅଛି । ମୋର ପଛପାଖେ ଅଛି ମିଥ୍ୟାଚାର ଓ ଘୃଣା, ଆଗରେ ଅଛି ଧ୍ୱଂସ । ଆଦେଶ ଦିଅ ମୋ ସେନାବାହିନୀକି । ସମସ୍ତେ ପ୍ରସ୍ତୁତ ହୋଇଯାଆନ୍ତୁ । ଆମୀ ପାଇଁ ମୁଁ ଆଜି ଦେବି ମୋର ଶେଷ ପରୀକ୍ଷା ।''

''କିନ୍ତୁ ଶୁଣନ୍ତୁ ମାଲିକ ! ମାନନ୍ତୁ ମୋ ସାନକୁହା । ଆପଣ ବିଶ୍ୱାସ କଲେ ସିନା କହିବି– ଆପଣ ତ ଅଧୀର ହେଉଛନ୍ତ ।''

''କହ ବାର୍ଣ୍ଣି ! କହ ଶୀଘ୍ର । ବେଳ ଆଉ ଆସୁନି– ବେଳଯାଉଚି ।''

''କାଉଣ୍ଟେସ୍ ଟ୍ରେସିଲିଆନ୍‌କୁ ଆଗରୁ ଭଲପାଉଥିଲେ । ଆଉ ଏବେ ବି...''

''ମନେରଖ ବାର୍ଣ୍ଣି ! ସେ ମୋର...''

''ଅଧୈର୍ଯ୍ୟ ହେଲେ ତ ମାଲିକ ! ଶୁଣନ୍ତୁ ପ୍ରମାଣ ଅଛି । ଆପଣ ଜାଣନ୍ତିନି, ଟ୍ରେସିଲିଆନ୍ ଚୁପ୍ ଚୁପ୍ କ୍ୱୀନର୍ କୋଠିକି ଯାଏ । ଥରେ ସେ ଧରାପଡ଼ିଥିଲା ।''

''ଜଣାଇଲନି ?''

''ଜଣାଇଥାନ୍ତି । ହେଲେ କାଉଣ୍ଟେସ୍‌ଙ୍କର ଏ ମରମ କଥା । ଭାବିଲି, ସେ ବା ଆପଣଙ୍କୁ କହିଥିବେ । ସେ ଆସିଥିଲା ଲାଂବୋର୍ଣ୍ଣ ସଙ୍ଗେ । ଲାଂବୋର୍ଣ୍ଣ ଯେପରି ଏ କଥା ଫୁଟିଆରା ନକରେ, ସେଥିପାଇଁ ତାକୁ ଚାକିରିଦେଲି । ଆପଣଙ୍କ ଘରର ମହତ । ଗୁମର କଥା ! ଭାବିଲି ଏଲାଗେ ଚପାଇଦିଏ । ପରେ ହୁଏତ କାଉଣ୍ଟେସ୍‌ଙ୍କ ମନ ବଦଳିବ– ସେ ଚୋରା ପୀରତି ଛାଡ଼ିବେ ।''

''ହୁଁ... ! ଆଉ କ'ଣ ଅଛି ?''

''ଟ୍ରେସିଲିଆନ୍ ପଠାଇଲା ଗୋଟାଏ ବୁଲାବିକାଳି । ଆମୀ ଆସିଲେ ତା'ରି ସାହାଯ୍ୟରେ । ଆଉ ଶୁଣିବେ– ଶୁଣିବେ ଏଠି ସେ ରହିଲେ କେଉଁଠି ? ଟ୍ରେସିଲିଆନ୍‌ର ଖାସ୍ କୋଠରିରେ ! ଲାଂବୋର୍ଣ୍ଣ ନିଜେ ଦେଖିଚି !''

''ସେଠି ଟ୍ରେସିଲିଆନ୍ ଥିଲା ?''

''ଜାଣନ୍ତି ତା' ପାଗଳାମି ଯୋଗୁଁ କିପରି ତଡ଼ାଖାଇଲା ।''

''ନା ନା, ଏସବୁ ଅସମ୍ଭବ । ସବୁ ଅସମ୍ଭବ– ମନଗଢ଼ା କଥା ! ଏସବୁ ହୋଇପାରେନା । ଆମୀ...''

Digitalization by :-
Deb's Library Corner...

"ପ୍ରଭୁ, ରାଗ ହୁଅନ୍ତୁନି ।" ପକେଟରୁ ସେ କାଢ଼ିଲା ପଟେ ଗ୍ଲୋଭ । "ଚିହ୍ନନ୍ତୁ ଏ ଗ୍ଲୋଭ୍ କାହାର ? ଟ୍ରେସିଲିଆନ୍ କୋଠରିରୁ ଏ ଗ୍ଲୋଭ୍ ମିଳିଚି ।"

ଚମକିଉଠିଲେ ଆର୍ଲ ! ହଁ, ଏଇ ଗ୍ଲୋଭ୍ ତ ସେ ଉପହାର ଦେଇଥିଲେ ତାଙ୍କର ଆମୀଙ୍କି !

"ପଚାରୁନାହାନ୍ତି– କାଉଣ୍ଟେସ୍‌ଙ୍କୁ ପଚାରନ୍ତୁ !"

"କାହିଁକି ? କ'ଣ ଲାଭ ସେଥିରେ ? ସେ ...ଗୋଟାଏ ଚରିତ୍ରହୀନା ! ସେ ବିଶ୍ୱାସଘାତିନୀ । ତା'ପରି ଗୋଟାଏ ଅସତୀ ପାଇଁ ମୁଁ କ'ଣ କରିବାକୁ ଯାଉଥିଲି ! ମୁଁ ସରିଥାନ୍ତି । ସରିଥାନ୍ତେ ମୋ ବନ୍ଧୁମାନେ ! ନା, ଏପରି ଅବିଶ୍ୱାସୀର କ୍ଷମା ନାଇଁ ! ଆଉ ତୁ ସଇତାନ୍, ଏତେ କଥା ଲୁଚାଇ ରଖିଥିଲୁ ?" ଆର୍ଲ ପ୍ରଥମେ ଭାଙ୍ଗିପଡ଼ିଲେ; ପରେ ଉତ୍ତେଜନାରେ ଥରିଲେ ।

"ପ୍ରଭୁ, ସେତେବେଳେ କାଉଣ୍ଟେସ୍‌ଙ୍କ ଟିକିଏ ଲୁହରେ ଆମର ସବୁ ପ୍ରମାଣ ଭାସିଯାଇଥାନ୍ତା । ଆପଣ ସବୁ ଭୁଲିଥାନ୍ତେ । ତା'ଛଡ଼ା, ଫଷ୍ଟର୍ ତ ଏଇ ଆଜି ସକାଳେ ପହଞ୍ଚିଲା । ତା'ଠୁ ଅନେକ ଖବର ମିଳିଲା ।"

"ଏତେ ସୁନ୍ଦରପଣ ! ଏତେ ସରଳ ଛନଛନ ! ତା' ଭିତରେ ଏତେ ଗରଳ !! ଜାଣିଲି କାହିଁକି ସେ ତମକୁ ଏତେ ଘୃଣାକରୁଚି ! ତମେ ତା'ର ଗୁମର ଜାଣ । ତୁମେ ତା'ର ଗୁପ୍ତ ମିଳନରେ ବାଧା ! ସେଥିପାଇଁ ରାଗ..."

"ହଁ ପ୍ରଭୁ, ସେଇ କଥାରୁ ଜାଣନ୍ତୁ ।"

"କିନ୍ତୁ ବାର୍ଣି, ସେ ଅନୁନୟ କରୁଥିଲା ସତ୍ୟର ପ୍ରକାଶ ପାଇଁ । ଶୁଣିଚି ମୁଁ ସେଇ କଣ୍ଠସ୍ୱର ! ସେଥିରେ ଯୋଉ ଶକ୍ତି– ସେ କ'ଣ ଦୋଷୀ ପକ୍ଷରେ ସମ୍ଭବ ? ତା' ଆଖିର ସେ ଜ୍ୟୋତି କ'ଣ କୌଣସି ଅବିଶ୍ୱାସୀ ନାରୀର ? ନା ନା, ବାର୍ଣି, ଏସବୁ କଞ୍ଚା ମିଛ । ସେ ବିଶ୍ୱାସଘାତିନୀ ! ନୁହେଁ– ନୁହେଁ ! ସେ ହୋଇପାରେନା ! ମୁଁ ତମକୁ ପଚାରୁଚି ବାର୍ଣି ! କହ, ଏ ମିଥ୍ୟା ଆରୋପ ନୁହେଁ ତ ?"

ଲେସେଷ୍ଟର୍‌ଙ୍କ କରୁଣ ଅବସ୍ଥା ଅଳ୍ପ କ୍ଷଣ ପାଇଁ ବାର୍ଣିକି ଚଞ୍ଚଳ କଲା । ହେଲେ ତା' ଚକ୍ରାନ୍ତରେ ସେ ଅଟଳ ରହିଲା ।

"ଏଠାକୁ ଆସିବାର କ'ଣ ଥିଲା ? କହୁନାହାନ୍ତି ? ବାପଘରକୁ ଯାଇପାରିଥାନ୍ତେ !"

ହଠାତ୍ ଲେସେଷ୍ଟର୍‌ଙ୍କ ଭାବାନ୍ତର ଆସିଲା । "ଠିକ୍ କହିଚ ବାର୍ଣି ! ତାକୁ ମନାକରିଥିଲି । ସେ ଚାହେଁ ମୋତେ ଧରାପକାଇବ । ମୋର ମରଣ ହେବ । ତା'ପରେ ସେ ହେବ ମୋ ସମ୍ପଦର ଅଧିକାରିଣୀ ! ଭିକାରି ଟ୍ରେସିଲିଆନ୍ ହାତରେ ଟେକିଦେଇଥାନ୍ତା ମୋ ବିଭବ । ନା ନା, ଫିଙ୍ଗାଚୀର ରକ୍ଷା ନାଇଁ । ପ୍ରତିହିଂସା ! ପ୍ରତିଶୋଧ ! ମୁଁ ଚାହେଁ ପ୍ରତିଶୋଧ !"

ବାର୍ଣି ଆନନ୍ଦରେ କୁରୁଳିଲା । ପରଶ୍ରୀକାତରତା, ଈର୍ଷା ଆର୍ଲଙ୍କୁ ଗୁଡ଼େଇତୁଡ଼େଇ ଘାରୁଥିଲା । ତା' ଔଷଧ କାମ୍ପୁକରୁଛି । ଏଥର ଫଳିବ । ''କ'ଣ ଗୁଡ଼ାଏ କହୁଛନ୍ତି ପ୍ରଭୁ ?''

''ସତ କଥା ବାର୍ଣି ! ମୁଁ ଥିଲି ଅନ୍ଧ ! ତା' ସୁନ୍ଦର ମୁହଁଖଣ୍ଡି ମୋତେ ଅନ୍ଧ କରିଥିଲା । ନା, ତା'ର କ୍ଷମାନାଇଁ । ଭଲପାଇବାର ଦାମ୍ ସେ କଡ଼ାଏ ବି ଦେଇନି । ତା' ପ୍ରେମ ଖୁବ୍ ଶୀଘ୍ର ବଦଳିଯାଇପାରେ ।''

ଘଣ୍ଟାଏ କାଳ ଏଇପରି ଆଲୋଚନା ହେଲା । ଛଳେ ବଳେ କଉଶଳେ ଲାଗିଥାଏ ବାର୍ଣି ! ଲେସେଷ୍ଟର୍ ଈର୍ଷାରେ ଅନ୍ଧ । କାଉଣ୍ଟେସଙ୍କ ଧ୍ୱଂସର ଜାତକ ନିଜ ହାତରେ ସେ ତିଆରି କରିପକାଇଲେ । ବାର୍ଣି ଭାବୁଥିଲା, ମାଲିକ ତା'ର ବଡ଼ ଅସ୍ଥିରଚିତ୍ତ । ଘଡ଼ିକି ଘଡ଼ି ତାଙ୍କର ମତ ପରିବର୍ତ୍ତନ ଚାଲିଚି । କେତେ ସ୍ନେହର ପ୍ରିୟାକୁ ସେ ଆଜି ଫିଙ୍ଗିଦେଲେଣି । ଶିଶୁ ଏଇପରି ଖେଳନାକୁ ଫିଙ୍ଗେ... ପୁଣି ଗୋଟାଇ ଆଣେ । ଆଉ ଏ ରାଜା ହେଲେ ଏସବୁ ସମ୍ପୂର୍ଣ୍ଣ ଭୁଲିଯିବେ । ସେଇ ନାଉରୀ ଏ...ଯେ କୂଳରେ ପହଞ୍ଚି ଭୁଲିଯାଏ ସାଗରର ତୋଫାନକୁ ।

ସେ ସଞ୍ଜରେ ବାର୍ଣିର ଖୁସି କିଏ କହିବ ? ଯୁବକ ଲର୍ଡ ଓ ତରୁଣୀ ମହିଳାମାନଙ୍କ ସହ ବଡ଼ ଫୂର୍ତ୍ତି ! ବଡ଼ ମିଳାମିଶା ! ସତେ ଯେପରି ତା' ବୁଦ୍ଧି ଗଜୁରିଉଠୁଥିଲା । ତା' ହସରେ ଥିଲା ନୂଆ ଇଙ୍ଗିତ !

କିନ୍ତୁ ଲେସେଷ୍ଟର୍ ? ସ୍ୱଭାବସିଦ୍ଧ ଆନନ୍ଦ ତାଙ୍କର ନଥିଲା । ସତେ ଯେପରି ମୁହଁଟାରେ ଅନ୍ଧାର ବସାବାନ୍ଧିଚି ! ଦୃଷ୍ଟି ଥିଲା ଶୂନ୍ୟ ! ଅଥଚ ତାଙ୍କ ଚାରିପାଖେ ଆନନ୍ଦ ଉତ୍ସବ ଫାଟିପଡୁଥିଲା ।

ରିଚାର୍ଡ ମୌକା ଦେଖୁଥିଲା । କହିଲା, ''ତାଙ୍କୁ ଶୀଘ୍ର କେନିଲ୍‌ୱର୍ଥରୁ ଦୂରକୁ ନେଇଯିବାପରା ? ଆପଣ ଏହା ତ କହୁଥିଲେ ?''

''ଟ୍ରେସିଲିଆନ୍ ?''

''ସେ ଜାଣିପାରିବନି !''

''ଜାଣ, ଏଇ ଟ୍ରେସିଲିଆନ୍ ମୋ ଜୀବନକୁ ନଷ୍ଟ କରିଦେଲା । ତାକୁ ମୁଁ ନିଜେ ଦଣ୍ଡଦେବି । ପ୍ରତିଶୋଧ ! ପ୍ରତିଶୋଧ !'' ଆଖି ତାଙ୍କର ଜଳିଲା ।

''ପ୍ରଭୁ, ଆପଣଙ୍କ ଇଚ୍ଛା ହିଁ ପୂର୍ଣ୍ଣହେଉ । ଏଇ ଗୋଟାଏ ନାରୀ ଆପଣଙ୍କୁ କି ଦୁଃଖ ନଦେଲା ? ତା' ପାଇଁ ମୃତ୍ୟୁ କ୍ଷୁଦ୍ର ଦଣ୍ଡ ହେବ ।''

''ତା' ଇ ହେବ !'' ଲେସେଷ୍ଟରଙ୍କ ଗଳାରେ ପ୍ରତିଶୋଧର ଦୃଢ଼ତା ! କେଜାଣି କାହିଁକି ଆଖିରେ ତାଙ୍କର ଲୁହ ଟଳମଳ ହେଲା । ସେ ନିଜକୁ ସମ୍ଭାଳିନେଲେ । କହିଲେ, ''ଭୟ ନାଇଁ ! ମୁଁ ଠିକ୍‌କରିସାରିଚି । ରାଣୀଙ୍କ ପାଖକୁ ଯାଉଚି । ଆଉ କ'ଣ ?''

''ଆପଣଙ୍କ ସନ୍ତକ ମୁଦି...''

ଆର୍ଲ ବଢ଼ାଇଦେଲେ ମୁଦିଟା । ''ଯାହା କରିବ, ଶୀଘ୍ର !'' ତାଙ୍କ ଗଳା ନୈରାଶ୍ୟରେ ଭାଙ୍ଗିଯାଉଥିଲା ।

ଲେସେଷ୍ଟର୍ ଫେରିଗଲେ ରାଣୀଙ୍କ ପାଖକୁ । ଡାକ୍ତରମାନେ କହିଲେ, ''ଶ୍ରୀମତୀ ବାର୍ଣ୍ଣି ବଡ଼ ଅଭିମାନିନୀ । ଗର୍ବରେ ସେ ଫାଟିପଡୁଛନ୍ତି । ନିଜକୁ ଜଣେ ରାଜଜେମା କି କାଉଣ୍ଟେସ୍ ବୋଲି ଭାବନ୍ତି । ତାଙ୍କୁ ଶୀଘ୍ର ବିଦାୟ କରିବା ଉଚିତ ।''

ରାଣୀ ଆଦେଶଦେଲେ– ''ଶୀଘ୍ର ତାକୁ ବିଦାୟକର !''

ଏ ସମୟରେ ପହଞ୍ଚିଲେ ଯାତ୍ରାଦଳଟିଏ । ରାଣୀ ଓ ତାଙ୍କ ସଭାସଦ୍‌ମାନେ ଯାତ୍ରା-ନିଶାରେ ବୁଡ଼ିଗଲେ । ଯାତ୍ରାବାଲାଏ ବାଢ଼ିଦେଇଥିଲେ ଇଂରେଜ ଜାତିର ଇତିହାସ । ରାଣୀ କହିଲେ, ''ଓ ! ବ୍ରିଟେନର ଉଦାରତା ଓ ଆଜାଦି ମନୋଭାବ, ରୋମୀୟର ସାହସ, ସାହିତ୍ୟ, ସଭ୍ୟତା, ସାକ୍ସନ୍‌ର ଜ୍ଞାନ ଓ ସାମାଜିକତା, ଜର୍ମାନର ସମ୍ମାନବୋଧ ଓ ଭଦ୍ରତା, ଏସବୁ ମିଶି ଆଜିର ଇଂରେଜଜାତି ।''

ଲେସେଷ୍ଟର୍ ଲୋକଗହଳିରେ ମିଶିଗଲେ । କିପରି ସେ ଭୁଲିବେ ତାଙ୍କର ଦୁଃଖ !! ମନରେ ଖଜବଜ ହେଉଥିଲା ପ୍ରତିହିଂସା ।

ଦ୍ୱନ୍ଦ୍ୱଯୁଦ୍ଧ

ଦୁର୍ଗର ଘଣ୍ଟାରେ ଅଧରାତିର ଧ୍ୱନି । ସାମନ୍ତ ପାରିଷଦ ଏବେ ଫେରିଲେଣି ନିଜ ନିଜ କୋଠରିକି । ହେଲେ ଦୁର୍ଗର ମାଲିକଙ୍କ ମନରେ ବିଶ୍ରାମର ଚିନ୍ତା ନାହିଁ । ପ୍ରତିହିଂସା ସେଠି ସହସ୍ରଶିଖା ନେଇ ଜଳୁଚି । ସେ ଏଇ ଅଳସ ରାତିରେ ଗୋଟାଏ କଥାର କିନାରା କରିବେ । ଟ୍ରେସିଲିଆନ୍ ସହ ଲଢ଼ିବେ ଦ୍ୱନ୍ଦ୍ୱଯୁଦ୍ଧ !

ରିଚାର୍ଡ ବାର୍ଣ୍ଣିକି ଖୋଜିଲେ । ଶୁଣିଲେ ଘଣ୍ଟାଏ ଆଗରୁ ସେ ଚାଲିଗଲାଣି । ସଙ୍ଗରେ ତିନିଜଣ ଲୋକ ଆଉ ଜଣେ ନାରୀ !

''ଦୁର୍ଗ ବନ୍ଦ ଥିଲା ଯେ ! ମୁଁ ଭାବୁଥିଲି ସେ ସକାଳୁ ଯିବ !''

''ଆପଣଙ୍କ ମୁଦି ଥିଲା ମାଲିକ !'' ଅଙ୍ଗରକ୍ଷୀ ଜଣାଇଲା ।

''ଆଚ୍ଛା ! ତେବେ ଏତେ ତରତର ହେବା କ'ଣ ଦରକାର ଥିଲା ? ତା'ର ଅନୁଚର ଭିତରୁ କିଏ ଅଛି ?''

''ମାଇକେଲ୍ ଲାଂବୋର୍ଣ୍ଣ ହଜୁର ! ସାର୍ ରିଚାର୍ଡ ଗଲାବେଳେ ସେ ନଥିଲା । ହେଲେ ଏଇ ଅଳ୍ପ ସମୟ ଆଗେ ଦେଖିଥିଲି– ସେ ଘୋଡ଼ା ସଜାଡୁଥିଲା ।

''ଡାକ ତାକୁ...'' ଅନୁଚରଟି ଚାଲିଗଲା । ମନେ ମନେ ଭାବିଲା ଆର୍ଲ– ସେ ଅବଶ୍ୟ ମୋତେ ଭଲପାଏ । ହେଲେ ତା'ର ବଡ଼ ହେବା ଇଚ୍ଛା ପ୍ରବଳ । ମୋ ଉନ୍ନତିରେ ତା'ର ଉନ୍ନତି । ବୋଧହୁଏ ଏ ବିପଦରୁ ମୋତେ ରକ୍ଷା କରିବାକୁ ସେ ବ୍ୟଗ୍ର ହୋଇପଡ଼ିଲା । ତେବେ ବି ମୁଁ ଏ ଲଜ୍ଜାକର କାମ କରିବାକୁ ଯିବିନାହିଁ । ତା'ର ଦଣ୍ଡ ପରେ ହେବ । ପହିଲେ ଟ୍ରେସିଲିଆନ୍‌କୁ ଦଣ୍ଡ ଦିଏ । ତା'ପରେ...''

ଲେସେଷ୍ଟର୍ ଲେଖିଲେ :

ସାର୍ ରିଚାର୍ଡ ବାର୍ଣି, ତମକୁ ଯୋଉ କାମ ଦିଆଯାଇଥିଲା ସେ ବିଷୟରେ ମୋର ଅନ୍ୟ ପ୍ରସ୍ତାବ ଅଛି । ମୋ'ଠୁ ଚିଠି ନପାଇବାଯାଏଁ, କାଉଣ୍ଟେସ୍‌ଙ୍କ ବିଷୟରେ ତମେ ପାଦେ ବି ଆଗକୁ ଯିବନି । ସେଠି କାଉଣ୍ଟେସ୍‌ଙ୍କୁ ରଖି କେନିଲ୍‌ୱର୍ଥକୁ ଫେରିଆସ । ଡେରିହେଲେ ମୋ' ସଙ୍କେତ ମୁଦି ସଙ୍ଗେ ସଙ୍ଗେ ଲେଉଟାଇବ ।

ଆଶା, ମୋ ଆଦେଶର ଅବାଧ୍ୟ ହେବନି । ଈଶ୍ୱର ତୁମର କଲ୍ୟାଣ କରନ୍ତୁ ।

। ଇତି ।

ତୁମର ବନ୍ଧୁ ଓ ମାଲିକ

ରବର୍ଟ ଡଡ୍‌ଲୀ, ଆର୍ଲ ଅଫ୍ ଲେସେଷ୍ଟର୍

କେନିଲ୍‌ୱର୍ଥ ଦୁର୍ଗ, ଦଶଦିନ ଜୁଲାଇ, ପନ୍ଦରଶହ ପଞ୍ଚସ୍ତରି ।

ଆସିଲା ମାଇକେଲ୍ ଲାଂବୋର୍ଣ । ସେ ଗ୍ରହଣ କଲା ଜଉମୁଦା ଚିଠିଟି । କହିଲା ଯେ ଘୋଡ଼ା ଠିକ୍ ଥିଲେ ସେ ଘଣ୍ଟାଏ ମଧ୍ୟରେ ତା' ମାଲିକକୁ ଭେଟି ପାରିବ ।

''ଶୁଣିଚି, ତମେ ଖୁବ୍ ପିଅ । କଳିତକରାଳକୁ ହମହମ । ମନେରଖ, ଏ ଗୋଟାଏ ଜରୁରୀ ଚିଠି ।''

''ମାଲିକ, ଦିନେ ମୁଁ ଥିଲି ସୈନିକ, ପରେ ହେଲି ନାବିକ । ଭ୍ରମଣ କରିଚି ଅନେକ ଦେଶ । ବହୁ ଅଭିଯାନ କରିଛି । ଏ ଶ୍ରେଣୀର ଲୋକ ବର୍ତ୍ତମାନର ଲୋକ । ସେମାନେ ଭବିଷ୍ୟତ ଉପରେ ବିଶ୍ୱାସ କରନ୍ତିନି । ଯୋଉ ବେଳଟା ମୋତେ ଆରାମ ପାଇଁ ମିଳେ, ସେ ସମୟଟା ଖାଲି କଟାଏ ମଜାରେ । ହେଲେ, କାମରେ ଖିଲାପ୍ କରିନି ।''

''ଆଜି ତା'ର ପରୀକ୍ଷା ହେବ । ଏ ଚିଠି ରିଚାର୍ଡ଼ ବାର୍ଣିର ହାତରେ ଦେବ । ପୁରସ୍କାର ପାଇବ ।'' ଲାଂବୋର୍ଣ ଚିଠି ନେଲା । ଆଗେଇଗଲା ତା' ପଥରେ ।

କଳା ପୋଷାକଟାଏ ପିନ୍ଧିଲେ ଲେସେଷ୍ଟର୍ । ଗୁପ୍ତ ସୁଡ଼ଙ୍ଗ ବାଟେ ସେ ବାହାରିଗଲେ । ଆକାଶରେ ପୂର୍ଣ୍ଣଚନ୍ଦ୍ର । ବଗିଚାର ମାର୍ବଲମୂର୍ତ୍ତିଗୁଡ଼ିକ ଝଲମଲ କରୁଚି । ଝରଣାର ଜଳ ଫୁଲି ଫୁଲି ଉଠୁଚି । ଦିନବେଳା ଟିକେ ଗରମ ଥିଲା । ରାତିରେ ଥଣ୍ଡା ପବନ ପାହାଚ ଛୁଇଁ ଛୁଇଁ ଯାଉଚି । ଦଳ ଦଳ ନାଇଟିଂଗେଲ୍ ଗୀତର ପ୍ରତିଯୋଗିତା ଚଳାଇଛନ୍ତି । କା' ଗୀତ କରୁଣ– କା' ଗୀତ ଆନନ୍ଦପୂର୍ଣ୍ଣ– କାହାର ବା ମିଳନମୟ ।

ଜ୍ୟୋସ୍ନା, ଧୀରପବନ, ନାଇଟିଂଗେଲ୍‌ର ଗୀତ ଏସବୁ ଲେସେଷ୍ଟର୍‌ଙ୍କ ବୁକୁରେ ଏକ ରହସ୍ୟର ଝଙ୍କାର ଆଣିଦେଲା । ଝୁଲୁଚି ତାଙ୍କର ଖଣ୍ଡା । ସେ ବ୍ୟଗ୍ର ହେଉଥିଲେ । କାହାର ଅପେକ୍ଷାରେ ଥିଲେ । କିଛି ସମୟପରେ କେହି ଜଣେ ଗଛ ଆଢୁଆଳରୁ ତାଙ୍କ ଆଡ଼କୁ ଆଗେଇଆସିବା ଦେଖାଗଲା ।

''ଆପଣ ଚାହିଁଥିଲେ ମୋତେ ? ଏଇ ମୁଁ ଆସିଚି । ହେଲେ ଟିକେ ଧୀରସ୍ଥିର ହେବେ କି ? ମୋର ଅନେକ କିଛି କହିବାର ଅଛି । ମୋତେ ବୋଧହୁଏ ଶତ୍ରୁ ଭାବୁଛନ୍ତି ।''

''ଭାବିବାର କ'ଣ କୌଣସି କାରଣ ନାହିଁ ?'' ଲେସେଷ୍ଟର୍ କହିଲେ ।

''ବୋଧହୁଏ ନାଇଁ । ସତ ଯେ ସସେକ୍‌ସଙ୍କ ସହିତ ଆପଣଙ୍କର ଅପଡ଼ ଅଛି । କିନ୍ତୁ ମୁଁ ସେ ଦରବାରୀ ଚକ୍ରାନ୍ତରୁ ବହୁତ ଦୂରରେ ଅଛି ।''

''ଶ୍ରୀମାନ୍ ଟ୍ରେସିଲିଆନ୍, ଜଣେ ବିଦ୍ୱାନ ଲୋକ ପାଇଁ ଅନେକ ଆକର୍ଷଣ, ବଡ଼ ହେବାର ଇଚ୍ଛା ନଥାଇପାରେ । କିନ୍ତୁ ପ୍ରେମ... ?''

''ଲର୍ଡ ଲେସେଷ୍ଟର୍, ଆପଣ ଭଦ୍ରମହିଳାଙ୍କ ସହ ମୋତେ ଯୋଡୁଛନ୍ତି ବୋଧହୁଏ । ବହୁ ଆଗେ ତାଙ୍କ ସହ ମୋର ସଦ୍‌ଭାବ ଥିଲା; କିନ୍ତୁ ସେଥିରେ କୌଣସି ମଳିନତା ନଥିଲା । ସେ ଯାଇଚି । ତା'ର ପୁନରାବୃତ୍ତି କାହିଁକି ? କାହିଁକି ତା'ର ଅତିରଞ୍ଜନ ? ତାଙ୍କୁ ନ୍ୟାୟ ଦେବାକୁ ଚାହେଁ ଖାଲି ।''

''ଆପଣଙ୍କ ଚିନ୍ତା କଥା ତ କହିଲେ । ମୋ ବିଷୟରେ କ'ଣ କହିବାର ଅଛି କହନ୍ତୁ !''

''କହୁଚି । ମୁଁ ଅବଶ୍ୟ ଆପଣଙ୍କୁ ଅନୁରୋଧ କରୁଚି, ହତଭାଗିନୀ ଆମୀ ରୋବସାର୍ଟଙ୍କ ଜୀବନ ବିଷୟରେ ମୋତେ କିଛି କହନ୍ତୁ । ମୁଁ ଅବଶ୍ୟ ଆଗରୁ କହିଥିଲେ ଭଲହୋଇଥାନ୍ତା । ତା'ହେଲେ ସେ ସଇତାନ ଏବଂ ମୋ ଭିତରେ ଆପଣ ଠିକ୍ ତୁଳନା କରିପାରିଥାନ୍ତେ । ସେ ମୁକୁଳିଆସିଲେ ସେଇ ଜଘନ୍ୟ ବନ୍ଦିଶାଳାରୁ । କେତେ ଭାବୁଥିଲେ ତାଙ୍କ ଅଯୋଗ୍ୟ ସ୍ୱାମୀଙ୍କି ସେ ଜଣାଇବେ ତାଙ୍କ ଦୁଃଖକଥା । ମୋତେ ବରାବର ମନାକଲେ । ତେଣୁ ତାଙ୍କର କୌଣସି କାମରେ ମୁଁ ବାଧାଦେଲିନି । ସେ ଭାବୁଥିଲେ ନିଜେ ସବୁ ଠିକ୍ କରିବେ ।''

''କା' ସହ କଥାଭାଷା କରୁଛନ୍ତି ଜାଣନ୍ତି ?''

''ମୁଁ ତାଙ୍କର ଅଯୋଗ୍ୟ ସ୍ୱାମୀ ବିଷୟରେ କହୁଚି, ଆଜ୍ଞା ! ଏହାଠୁ ଭଲ ଭାଷା ମୁଁ ପାଉନି । ଆମୀ ରୋବସାର୍ଟଙ୍କୁ କୌଣସି ଏକ ଗୁପ୍ତ ଜାଗାରେ ଲୁଚାଇ ରଖାଯାଇଚି, ନତୁବା ତାଙ୍କୁ ହରଣଚାଳ କରାଯାଇଛି । ତାଙ୍କ ବାପାଙ୍କୁ ମୁଁ ଏସବୁ ଜଣାଇବି । ତାଙ୍କର ଏ ବିବାହ ରାଣୀଙ୍କ ଆଗରେ ସ୍ୱୀକାର ପାଉ । ଆମୀଙ୍କୁ ରକ୍ଷା କରିବାକୁ ହେବ ।

କହିବାକୁ ବାଧ୍ୟ ହେଉଚି, ଏଥିରେ ଆପଣଙ୍କ ମାନସମ୍ମାନ ବି ଜଡ଼ିତ ଅଛି । ଦୟାକରି କହନ୍ତୁ କ'ଣ କରାଯିବ ?''

ଆର୍ଲଙ୍କ ଆଶ୍ଚର୍ଯ୍ୟ ସୀମା ପାରିହେଲା । ଏ କ'ଣ ତାଙ୍କ ସ୍ତ୍ରୀର ପ୍ରେମିକ ? ସାହସ ତ କମ୍ ନୁହେଁ ! ସତେ ଯେପରି ସେ ସ୍ତ୍ରୀଟି ଦୋଷହୀନା । ସେ ରାଗରେ ପାଚିଗଲେ । ଲୋକଟା ଛଳନା କରୁଚି । ''ବୁଝିଲ ଟ୍ରେସିଲିଆନ୍ ! ତୁମେ କେତେ ବଡ଼ ହୀନ, ସଇତାନ୍, ତା'ଜାଣିନଥିଲି । ତୁମକୁ ଭଦ୍ରଲୋକ ହାତରେ ମାରିବା ଉଚିତ ନୁହେଁ; ଘାତକ ହାତରେ ମରାଇବା ବିଧେୟ । ଦୁଷ୍ଟ, ଖଣ୍ଡା କାଢ଼ । ମୋ ସଙ୍ଗେ ଲଢ଼ିବାକୁ ପ୍ରସ୍ତୁତ ହୁଅ ।'' ଲେସେଷ୍ଟର୍ ଖଣ୍ଡା କାଢ଼ି ଆକ୍ରମଣ କରିବାକୁ ଡେଇଁପଡ଼ିଲେ ।

ଟ୍ରେସିଲିଆନ୍ ଏ ପ୍ରକାର ବ୍ୟବହାରରେ ଆବାକାବା । ତାଙ୍କ ପ୍ରତି କି କଦର୍ଯ୍ୟ ବ୍ୟବହାର ଦେଖାଇଲେ ଆର୍ଲ ? ସେ ବୀର ! ପଛକୁ ଘୁଞ୍ଚିବେ କାହିଁକି ? ସେ ବି କାଢ଼ିଲେ ଖଣ୍ଡା ।

ଆକ୍ରମଣ ପ୍ରତି-ଆକ୍ରମଣ ଚାଲିଲା । ବହୁ ବେଳ ଧରି ଏ ଲଢ଼େଇ ଚାଲିଲା । ଶାନ୍ତ ପବନରେ ଖଣ୍ଡାର ଝଣ୍‌ଝଣ୍ ଶବ୍ଦ ନିଶୂନ ରାତିରେ ଝନ୍‌କି ଉଠୁଥାଏ ।

ଜାଣିଲେ ଦୁର୍ଗର ଜଗୁଆଳିମାନେ । ଆସିଲେ ସେ ଆଡ଼କୁ ।

ଲେସେଷ୍ଟର୍ କହିଲେ, ''ବାଧା ପହଞ୍ଚିଲା । ଆସ ମୋ ପଛେ ପଛେ !'' ସେମାନେ ଲୁଚିଗଲେ ଗୋଟାଏ ଗୁପ୍ତ ଜାଗାରେ । ରାଣୀଙ୍କ ଜଗୁଆଳ ସୈନ୍ୟ ଖେଦିଗଲେ ।

''ଆମେ ସେମାନଙ୍କୁ ଖୋଜି ପାଇବାନି । ମନୁଆଗୁଡ଼ା ହୋ ! କୋଉଠି ଲୁଚିଯାଇଥିବେ ।'' ଜଣେ ସିପାହୀ କହିଲା ।

''ପାଇଲେ ଶେଷ କରିଦିଅନ୍ତୁ ଯେ...'' ଶେଷ ଜଣକ କହୁଥାଏ ।

ଲେସେଷ୍ଟର କହିଲେ– ''ଟ୍ରେସିଲିଆନ୍, କାଲି ସକାଳେ । ଠିକ୍ ଜାଗାକୁ ନେଇଯିବି ।''

''ହେଲେ ମି.ଲର୍ଡ, ଏ ଅଦ୍ଭୁତ ଆକ୍ରମଣର କାରଣ କ'ଣ ? ଆପଣ ଲଢ଼େଇ ଆରମ୍ଭକରିଛନ୍ତି । ମୁଁ ଭାଙ୍ଗିବାକୁ ଚାହେଁନି । ମୁଁ ଭୀରୁ ନୁହେଁ । ଠିକ୍ ଅଛି । ପ୍ରସ୍ତୁତ ।'' ନୀରବରେ ସେ ଅପସରିଗଲେ ।

ଫେରିବା ବାଟରେ ଲେସେଷ୍ଟର୍ ହନ୍‌ସଡ଼ନ୍‌ଙ୍କୁ ଦେଖିଲେ । ସେ ଖଣ୍ଡା ଧରି ତିଆର ହୋଇସାରିଥିଲେ । ''ଖଣ୍ଡାର ଝନତ୍କାରରେ ଆପଣଙ୍କ ନିଦ ଭାଜିଗଲା କି ? ଏ ଦୁର୍ଗଟା ବହୁ ଅଦ୍ଭୁତ କ୍ରିୟାକଳାପରେ ପୂର୍ଣ୍ଣ । ଏଇ ଦୁଇ ଘଣ୍ଟା ତଳେ ଶ୍ରୀମତୀ ବାର୍ଣ୍ଣିଙ୍କ ବିକଳ କାନ୍ଦଣା ଶୁଣିଚି । ଓଃ ! କି କରୁଣ ସେ ଦୃଶ୍ୟ ! ଭାବୁଥିଲି, ବାର୍ଣ୍ଣିକୁ ମାରିଦେଇଥାନ୍ତି !''

ବୁଢ଼ାଙ୍କ କଥାଗୁଡ଼ା ଲେସେଷ୍ଟରଙ୍କ ଛାତିରେ ଛୁରି ଚଳାଇଲା ।

ଚିଠି

ପରଦିନ ଇଂଲଣ୍ଡ ଇତିହାସର ଅନ୍ୟ ଏକ ଅଧ୍ୟାୟ ଯାତ୍ରାରେ ଦେଖାଗଲା । ଇଂଲଣ୍ଡର ସ୍ତ୍ରୀମାନେ ଲଢ଼ିଥିଲେ ଡେନିସ୍‌ମାନଙ୍କ ବିରୁଦ୍ଧରେ ! ବଡ଼ ଉତ୍ତେଜନା ! ରାଣୀ, ଲର୍ଡ ସସେକ୍ସ, ହନ୍‌ସଡ଼ନ୍ ଆଦିଙ୍କ ମେଳରେ ମଜ୍ଜିଗଲେ । ଲର୍ଡ ଲେସେଷ୍ଟର୍ ଏହାର ସୁବିଧା ନେଲେ । ଟ୍ରେସିଲିଆନ୍ ବି ଖସିଗଲେ ।

ଦୁର୍ଗଠୁ ପ୍ରାୟ ମାଇଲିଏ ବାଟ ସେମାନେ ଗଲେ । ବେଶ୍ ଗୋଟାଏ ଖୋଲା ଜାଗା ! ଓକ୍ ଗଛ ଚାରିପାଖେ ଘେରିଚି ।

''ଏଇଠି ଲଢ଼ିବା ଆମେ...'' ଲେସେଷ୍ଟର୍ କହିଲେ ।

ଦୁଇ ବୀର କାଢ଼ିଲେ ଖଣ୍ଡା । ଟ୍ରେସିଲିଆନ୍ ଲଢ଼େଇ ଆଗରୁ ପଚାରିଲେ, ''ଦେଖନ୍ତୁ ଲର୍ଡ, ଲଢ଼େଇକି ମୋର ଡରନାଇଁ । ମରଣକୁ ଡରନାଇଁ ମୋର । କିନ୍ତୁ କହନ୍ତୁ ମୋ ସଙ୍ଗେ ଲଢ଼ିବାକୁ ଏତେ ଜିଦ୍ କାହିଁକି ?''

''ଖଣ୍ଡା ଧର । ଜାଣିନ ତ ଜାଣିନ । ଆଗେ ନିଜକୁ ରକ୍ଷାକର ।''

''ତେବେ ଭଗବାନ୍ ଏହାର ବିଚାର କରିବେ ।'' ଟ୍ରେସିଲିଆନ୍ ଖଣ୍ଡା ଟେକିଲେ । ଖଣ୍ଡା ଖେଳରେ ଲେସେଷ୍ଟର୍ ପାରଙ୍ଗମ । ଟ୍ରେସିଲିଆନ୍‌ଙ୍କ କୌଶଳ ସେ ଦେଖିସାରିଥିଲେ, ପରଖିସାରିଥିଲେ । ସେ ଜାଣିଥିଲେ ଏ ତରୁଣକୁ ଜିଣିବା ଏତେ ସହଜ ନୁହେଁ । ସେ ଅଧିକ କୌଶଳ ଲଗାଇ ଲଢ଼ିଲେ । ହଠାତ୍ ଟ୍ରେସିଲିଆନ୍‌ଙ୍କ ଖଣ୍ଡା ଛିଟିକିପଡ଼ିଲା । ସେ ପଡ଼ିଗଲେ । କ୍ରୂର ହସଟାଏ ହସିଲେ ଲେସେଷ୍ଟର୍ । ଟ୍ରେସିଲିଆନ୍‌ଙ୍କ ଗଳାର ଦୁଇ ଇଞ୍ଚ ଉପରେ ଝୁଲିଲା ଲେସେଷ୍ଟର୍‌ଙ୍କ ଖଣ୍ଡାର ଅଗ । ଠିକ୍ ଏଇ ସମୟରେ ପଛପାଖୁ କିଏ ଜଣେ ଟାଣିଧରିଲା । ରାଗରେ ଗରଗର ହୋଇ ଲେସେଷ୍ଟର୍ ପଛକୁ ଫେରିଲେ । ଦେଖିଲେ ଅଜଣା ବାଳକଟାଏ । ଅଦ୍‌ଭୁତ ତା'ର ବଳ । ଏଇ ଅବସର ! ଟ୍ରେସିଲିଆନ୍ ଧଡ଼ପଡ଼ ହୋଇ ଉଠିଲେ ।

ଉଭୟେ ପୁଣି ଲଢ଼ିଲେ । ପିଲାଟି ଧରିପକାଇଲା ଲେସେଷ୍ଟର୍‌ଙ୍କ ପାଦ । ''ଛାଡ଼ି ଦେ...ଛାଡ଼ି ଦେ ମୋତେ । ଆଜି ଜୀବନର ଗୋଟାଏ ଋଣ ଶୁଝିବି ।''

''କ'ଣ ଅଛି ତୋ'ର ?''

''ଅନେକ କିଛି ପ୍ରଭୁ ! ଅନେକ କିଛି । ଏ କଳିର କାରଣ ମୁଁ । ଓଃ, ମୋ କଥା ଟିକେ ଶୁଣନ୍ତୁ ନା ! ମୋ ସାନକୁହା ଶୁଣନ୍ତୁ । ନହେଲେ ପରେ ପସ୍ତାଇବେ । ପଢ଼ନ୍ତୁ ଏ ଚିଠିଟା । ସବୁ ଜାଣିପାରିବେ ଆଜ୍ଞା, ସବୁ ଜାଣିପାରିବେ ।'' ପାଦଟାକୁ ସେ ଧରିଥାଏ । କାଢ଼ିଲା ଚିଠି ଖଣ୍ଡେ । ସେଥିରେ ବନ୍ଧାଥାଏ କେରିଏ କେଶ । ଜଣେ ସ୍ତ୍ରୀର ।

ଭୟଙ୍କର ରାଗିଯାଇଥିଲେ ଲେସେଷ୍ଟର୍; କିନ୍ତୁ ବାଧ୍ୟହେଇ ଶୁଣିଲେ । ଆଉ

ଦେଖିଲେ ସେ ଚିଠି । ଦେଖୁ ଦେଖୁ ତାଙ୍କ ମୁହଁର ରଙ୍ଗ ବଦଳିଗଲା । ସେ ଶିହରିଉଠିଲେ । ସେ ପଛାଉଥିଲେ । ଆଶ୍ଚର୍ଯ୍ୟ ଭାବରେ ଟଳିଟଳିକା ଫେରିଯାଉଥିଲେ ପଛୁଆ ଭାବେ । ଗଛଟାଏ ନଥିଲେ ସେ ତଳେ ପଡ଼ିଯାଇଥାନ୍ତେ । ଆଶ୍ଚର୍ଯ୍ୟରେ ଚାହିଁରହିଥିଲେ ହତବାକ୍ ଟ୍ରେସିଲିଆନ । ଆଶ୍ଚର୍ଯ୍ୟ ସେ ଚିଠି ! ଆଶ୍ଚର୍ଯ୍ୟ ତା'ର ପ୍ରଭାବ । ସତେକି କୁହୁକ ! କେନିଲ୍‌ୱର୍ଥରେ ପହଞ୍ଚିବା ଦିନ ଆମୀ ଲେଖିଥିଲେ ଏ ଚିଠି । ସେଥିରେ କ୍ୟୁନର୍ କୋଠିରୁ ଆସିବାଠାରୁ ଅନେକ କଥା ଲେଖାଥିଲା । ସେ ପ୍ରାର୍ଥନା କରିଥିଲେ ତାଙ୍କ ପାଇଁ ଭଲ କୋଠରିଟିଏ ଯୋଗାଡ଼ କରିଦେବାକୁ । କିପରି ସେ ଟ୍ରେସିଲିଆନ୍‌ଙ୍କ କୋଠରିରେ ରହିଲେ ଆଦି ଅନେକ କଥା !

ଲେସେଷ୍ଟର୍‌ଙ୍କ ହାତରୁ ଖସିପଡ଼ିଲା ଚିଠିଟି । ସେ ଆଗେଇଲେ ଟ୍ରେସିଲିଆନ୍‌ଙ୍କ ଆଡ଼କୁ । ଫିଙ୍ଗିଦେଲେ ଖଣ୍ଡା । ''ନିଅ ଏ ଖଣ୍ଡା– ଫାଡ଼ିଦିଅ ମୋର ଛାତି ।''

''ମି.ଲର୍ଡ, ଆପଣ ମୋ ପ୍ରତି ଖୁବ୍ ଅନ୍ୟାୟ କରିଛନ୍ତି । କିନ୍ତୁ ଭୁଲରେ ନିଶ୍ଚୟ... ।''

''ନିଶ୍ଚୟ ଟ୍ରେସିଲିଆନ୍ !'' ସେ ଚିଠିଟାକୁ ପୁଣି ଗୋଟାଇଲେ । ''ମୁଁ ତମକୁ ଧରିନେଇଥିଲି ଗୋଟାଏ ସଇତାନ ବୋଲି । ଆଉ ସନ୍ଦେହ କରିଥିଲି ମୋ ସତୀ ନାରୀକି । ହେ ପିଲା, ଏ ଚିଠି କୋଉଠୁ ପାଇଲୁ ?''

''ହେଇ ଏ ଚିଠିର ଦୂତ ଆଙ୍କା !''

ୱେଲାଣ୍ଡ ଦଉଡ଼ିଆସିଲା । ଗୋଟି ଗୋଟି କରି ସବୁ କଥା କହିଲା । ଆଉ କେନିଲୱାର୍ଥ ଆସିବା ଆଗରୁ ଯେଉଁ ବିଷ ଦିଆଯାଇଥିଲା ଆମୀଙ୍କୁ– ସେ କଥା ବି କହିଲା ।

''ଓଃ ! ସଇତାନ ବାର୍ଣି ! ଏବେ ବି ତା' ଅଧୀନରେ ଅଛନ୍ତି ଆମୀ !'' ଆର୍ଲ ଚିତ୍କାରକଲେ ।

''ବୋଧହୁଏ କୌଣସି ଭୟର ଆଶଙ୍କା ନାଇଁ !'' ବ୍ୟଗ୍ର ଟ୍ରେସିଲିଆନ୍ ।

''ନା-ନା-ନା । ରାଗ ମୋତେ ପାଗଳକରିଦେଲା । ମୁଁ କ'ଣ ବୋଇଲେ କ'ଣ କହିଦେଇଚି । ସଙ୍ଗେ ସଙ୍ଗେ ସଂଶୋଧନ କରିବାକୁ ଚେଷ୍ଟାକରିଚି । ତାଙ୍କୁ ରକ୍ଷା କରିବାକୁ ହେବ ।''

''ନିଶ୍ଚୟ ! ଆପଣଙ୍କ ସହ ମୋ ଝଗଡ଼ା ଏତିକିରେ ଶେଷ । ହେଲେ ଏବେ କହନ୍ତୁ ଏଠି କାହାକୁ ଦେଖାକରିବାକୁ ସେ ଆସିଥିଲେ ?''

''ତାଙ୍କ ସ୍ୱାମୀଙ୍କି...'' ତାଙ୍କ ଗଳାରେ ଗମ୍ଭୀରତା । ''ତାଙ୍କର ଅନ୍ଧ, ବିପଥଗାମୀ, ବୋକା, ଅଯୋଗ୍ୟ ସ୍ୱାମୀ ! ସେ ମୋ ସ୍ତ୍ରୀ ! ସେ କାଉଣ୍ଟେସ୍ ଲେସେଷ୍ଟର୍ !''

ଟ୍ରେସିଲିଆନ୍ ଚମକିଉଠିଲେ । ସେ ବୁଝିପାରିଲେ ଆମୀ କାହିଁକି ଏତେ ସବୁ ଲୁଚାଛପା କରୁଥିଲେ । ସଙ୍ଗେ ସଙ୍ଗେ ସେ କହିଲେ, ''ଦେଖନ୍ତୁ, କଥାଟା ରାଣୀଙ୍କ

କାନକୁ ଯିବାକୁ ବାଧ୍ୟ ! ତା' ନହେଲେ ବାର୍ଣି ହାତରୁ ଆମେ ତାଙ୍କୁ ରକ୍ଷାକରିପାରିବାନି ।''

ଆର୍ଲ ଗର୍ବରେ ଫୁଲିଉଠିଲେ । ''ମୋରି ଭାଷାରେ ମୁଁ ସ୍ୱୀକାର କରିବି ସବୁ । ଏଲିଜାବେଥ୍‌ଙ୍କୁ ମୁଁ ସବୁ କହିବି । ତା'ପରେ ମୃତ୍ୟୁର ଗତିନେଇ ଧାଇଁଯିବି କ୍ୟୁନର୍ କୋଠିକି ।''

ଲେସେଷ୍ଟର୍ ଘୋଡ଼ା ଚଢ଼ିଲେ । ଝପଟାଇଲେ ଦୁର୍ଗଆଡ଼କୁ । ଡିକିକୁ ଉଠାଇଲେ ଟ୍ରେସିଲିଆନ୍ । ୱେଲାଣ୍ଡ ଆସିଲା ପାଦରେ । ଡିକି କହୁଥିଲା, ସେ ସ୍ତ୍ରୀଲୋକଟି କିଏ ଜାଣିବାକୁ ତା'ର ଆଗ୍ରହ ହେଲା । ସେଇଥିପାଇଁ ସେ ଚିଠିଟି ନେଲା । ଶୀଘ୍ର ଫେରାଇଦେଇଥାନ୍ତା– ମାତ୍ର ୱେଲାଣ୍ଡକୁ ଦେଖିଲାନାହିଁ ।

ଗୁପ୍ତକଥା ଖୋଲିଲା

ଟ୍ରେସିଲିଆନ୍ ଘୋଡ଼ା ଚଢ଼ି ଦୁର୍ଗଆଡ଼କୁ ଆସିଲେ । ଆଗେ ଯାତ୍ରାର ଯୋଉ ମିଛଯୁଦ୍ଧ ହେଉଥିଲା ସରିଯାଇଚି । ହେଲେ ଯୋଉମାନେ ତହିଁରେ ଭାଗ ନେଇଥିଲେ ସେମାନେ ସେଇପରି ପୋଷାକ ପିନ୍ଧିଥିଲେ । ଠିଆହୋଇ ରହିଥିଲେ– ସତେ ଯେପରି ଗୋଟାଏ ଅଘଟଣ ଘଟିଚି । ତେଣୁ ଅଧାରୁ ଖେଳ ଭାଙ୍ଗିଯାଇଚି । ଟ୍ରେସିଲିଆନ୍ ସନ୍ଦେହକଲେ । ସମସ୍ତେ ବଡ଼ ହଲ୍‌ର ଝର୍କା ଆଡ଼କୁ ଚାହିଁରହିଥିଲେ ।

''ଟ୍ରେସିଲିଆନ୍ ! ସେମାନେ ତମକୁ ଡାକି ଡାକି ହାଲିଆ ହେଲେଣି ! ଗୋଟାଏ ଛୁଆକୁ ବସାଇ ଏଯାଏ କୋଉଠିଥିଲ ?'' ନିକୋଲାସର ବ୍ୟଗ୍ରତା !

''କାହିଁକି ? କ'ଣ ହେଲା କି ?'' ପିଲାଟିକି ସେ ଓହ୍ଲାଇଦେଲେ ।

''ଜାଣିନି– କିନ୍ତୁ ତମକୁ ଡକରାପଡ଼ିଚି । ଲର୍ଡ ଲେସେଷ୍ଟର୍ ଘୋଡ଼ା ଛୁଟାଇ ଏକରକମ ଘର ଭିତରକୁ ପଶିଗଲେ । ରାଣୀଙ୍କ ଦେଖାକରିବାକୁ ଏକବାର ପାଗଳ । ଦେଶଦ୍ରୋହ ମାମଲା ହୋଇପାରେ...କିଛି ଗୋଟେ ଷଡ଼ଯନ୍ତ୍ର !''

''ସତକଥା ଟ୍ରେସିଲିଆନ୍ ।'' ରାଲେ କହିଲେ– ''ତୁମକୁ ସଙ୍ଗେ ସଙ୍ଗେ ରାଣୀଙ୍କ ପାଖକୁ ଯିବାକୁ ହେବ ।''

ଟ୍ରେସିଲିଆନ୍ ବ୍ଲାଉଣ୍ଟଙ୍କ ଜିମାରେ ଛାଡ଼ିଦେଲେ ପିଲାଟିକି । ରାଲେଙ୍କ ସଙ୍ଗେ ସେ ଆଗକୁ ବଢ଼ିଲେ । ବ୍ଲାଉଣ୍ଟ୍ ମୁହଁ ଆମ୍ବିଳାଇଲା । ମୋତେ କେହି ଡାକୁନି । ଇଏ ମୋତେ ଘୋଡ଼ା ରଖୁଆଳ ଆଉ ଛୁଆ ଖେଳାଇବା ନର୍ସ ପାଇଚି ! ହୁଁ !!''

ବଡ଼ ହଲ୍‌ରେ ପାରିଷଦମାନେ ଭରା । ବଡ଼ ରହସ୍ୟମୟଭାବେ ସମସ୍ତେ ଫୁସ୍‌ଫାସ ହେଉଥିଲେ । ଟ୍ରେସିଲିଆନ୍‌ଙ୍କୁ ସିଧା ରାଣୀଙ୍କ ପାଖକୁ ନିଆଗଲା । ରାଗରେ ରାଣୀ ଏପଟ ସେପଟ ବୁଲୁଥିଲେ । ଦୁଇଚାରିଜଣ ରାଜନୀତିଜ୍ଞ ଠିଆହୋଇଛନ୍ତି ଚୁପ୍‌ଚାପ୍ ।

ସିଂହାସନ ପାଖେ ଆଣ୍ଠେଇଥିଲେ ଲେସେଷ୍ଟର୍ । ମୁଣ୍ଡ ତାଙ୍କ ନଇଁଯାଇଥିଲା । ଚଟାଣରେ ପଡ଼ିଥିଲା ତାଙ୍କ ଖୋଲା ଖଣ୍ଡା ।

''ତା'ହେଲେ ମହାଶୟ ! କହି କହି ରାଣୀ ଟ୍ରେସିଲିଆନ୍‌ଙ୍କ ପାଖକୁ ଆସିଲେ । ''ଆପଣ ଏସବୁ ଜାଣିଥିଲେ ? ଆପଣ ଆମକୁ ଠକେଇବାରେ ଭାଗ ନେଲେ ?'' ଟ୍ରେସିଲିଆନ୍ ବି ନମ୍ରଭାବେ ସମ୍ମାନଦେଲେ । ସେ ଆଉ ପ୍ରତିବାଦ କରୁନଥିଲେ । ରାଣୀଙ୍କ ଏ ରାଗର ବେଳ । ''ଆପଣ ଜଣେ ଗୁଙ୍ଗା କି ? ଜାଣି ଜାଣି କହିଲେନି ?''

''ସେ ହତଭାଗିନୀ ଯେ କାଉଣ୍ଟେସ୍ ଲେସେଷ୍ଟର୍ ସେ ଧାରଣା ମୋର ନଥିଲା ମଣିମା !''

''କେହି ଜାଣିନଥିଲେ କାଉଣ୍ଟେସ୍ ଲେସେଷ୍ଟର୍ ନା ଶ୍ରୀମତୀ ଡଡ୍‌ଲୀ । ଏଥର ସେ ଲେଖିବେ ବିଶ୍ୱାସଘାତକ ଡଡ୍‌ଲୀର ବିଧବା ପତ୍ନୀ... ।''

''ମଣିମା, ଯା' କହିବେ କହନ୍ତୁ ମୋତେ । ଯା' କରିବାକୁ ଚାହାଁନ୍ତି କରନ୍ତୁ ମୋ ଉପରେ । ୟେ ବିଚରା ଭଦ୍ରଲୋକ । ବଡ଼ ନିରୀହ ସେ । ଏ ସଂପର୍କରେ କିଛି ଜାଣନ୍ତିନି ।'' ଆର୍ଲ ନମ୍ରଭାବେ ଜଣାଇଲେ ।

''ଆଉ ଆପଣ ? ଦୁଷ୍ଟ ! ସଇତାନ !! କହିଲେ ପରା ଏ ରକ୍ଷାପାଇଯିବେ ! ଆପଣଙ୍କ ଏ ଦୋମୁହାଁ ଠକପଣରେ ମୁଁ ଆଜି ଉପହସିତ ।''

ରାଜ୍ୟର ସବୁଠୁ ବୃଦ୍ଧ ସାମନ୍ତ ଜଣେ କହିଲେ, ''ମଣିମା, ମନେରଖନ୍ତୁ ଆପଣ ଏ ଦେଶର ରାଣୀ, ଏ ଦେଶର ମା' । ଏସବୁ ଘଟଣାରେ ଏତେଟା ରାଗନ୍ତୁନି ମଣିମା ।''

ଏଲିଜାବେଥ୍ ତାଙ୍କ ଆଡ଼କୁ କଟମଟ କରି ଅନାଇଲେ । ଥିଲା ରାଗ । ସେ ରାଗ ପୁଣି ଦୁଃଖମିଶା । ''ଆପଣ ଜଣେ ବୟୋଜ୍ୟେଷ୍ଠ ରାଜନୀତିଜ୍ଞ ନା ? ଆପଣ କିପରି ବୁଝିବେ ଏ ଲୋକ ମୋ ବୁକୁରେ କେତେ ଦୁଃଖ, କେତେ ବେଦନା ଦେଇଛନ୍ତି ।''

ବୁଢ଼ା ସାମନ୍ତ ଗଲେ ରାଣୀଙ୍କ ପାଖକୁ । କହିଲେ, ''ମଣିମା, ମୁଁ ରାଜନୀତିଜ୍ଞ, ପୁରୁଷ । ଆପଣଙ୍କ ସିଂହାସନ-ସେବାରେ ସାରାଜୀବନ ବିତିଚି । ଏବେ ବୁଢ଼ା ହୋଇଚି । ଆପଣଙ୍କ ସୁଖ ଗୌରବ ଛଡ଼ା ମୋର ଆଉ କିଛି କାମନା ନାଇଁ । ମୁଁ ଖାଲି ଆପଣଙ୍କଠି ଅଳି କରୁଛି– ଧୈର୍ଯ୍ୟଧରନ୍ତୁ ।''

''ଆପଣ ଜାଣନ୍ତିନାଇଁ...'' ରାଣୀଙ୍କ ଆଖିରୁ ଝରିଲା ଲୁହ ।

''ମହାରାଣୀ, ଜାଣେ ! ଜାଣେ ମୁଁ ! ହେଲେ ଆପଣ ସାବଧାନ ରହନ୍ତୁ । ଅନ୍ୟମାନେ ଏସବୁ ନଜାଣନ୍ତୁ ।''

''ହଁ-ହଁ, ଠିକ୍ କହିଛନ୍ତି । ଯା' କିଛି ଅସମ୍ମାନକର– ଅଶାନ୍ତିକର, ଦୁଃଖଦାୟକ– ଯାହା କିଛି ଦୁର୍ବଳତା...''

''ନିଜକୁ ନିଜେ ସମ୍ଭାଳନ୍ତୁ ମଣିମା ! ଦୁର୍ବଳତାକୁ ଫିଙ୍ଗିଦିଅନ୍ତୁ ।'' ଏଲିଜାବେଥ୍

Digitalization by :-
Deb's Library Corner...

ଅନ୍ୟ କୋଠରିକି ଗଲେ । ରାଣୀ ଆଦେଶ ଦେଲେ– ଲେସେଷ୍ଟର୍ ମୁକ୍ତହେଲେ । ଟ୍ରେସିଲିଆନ୍ କହିଲେ ତାଙ୍କ କାହାଣୀ । କିନ୍ତୁ ଲେସେଷ୍ଟର୍‌ଙ୍କ କ୍ଷତି ହେଲାଭଳି କିଛି କହିନଥିଲେ । ତାଙ୍କ ଦ୍ୱନ୍ଦ୍ୱଯୁଦ୍ଧ କଥା ବି ଛପାଇରଖିଲେ । ଏଥିରେ ଲେସେଷ୍ଟର୍‌ଙ୍କ ବହୁତ ଉପକାର ହେଲା । ତାଙ୍କ କହିବା ଶେଷହେଲା । ରାଣୀଙ୍କ ରାଗ ବି ଶେଷହେଲା ।

''ଆମେ ଓ୍ୱେଲାଣ୍ଡ୍‌କୁ ନିଜ ସେବାରେ ଲଗାଇବୁ । ଆଉ ସେ ପିଲାଟିକି ମଧ୍ୟ ବେବର୍ତ୍ତାଙ୍କ ପାଖରେ ରଖିବୁ । ଟ୍ରେସିଲିଆନ୍, ଆପଣଙ୍କ ବ୍ୟବହାର ପାଇଁ ମୋର ସମ୍ମାନ ଗ୍ରହଣ କରନ୍ତୁ । ସତକଥା ନକହି ଆପଣ ଗୋଟାଏ ବଡ଼ ଅପରାଧ କରିଥିଲେ । ହେଲେ ଗୋଟିଏ ନାରୀକୁ ଆପଣ କଥାଦେଇଥିଲେ, ସେଥିପାଇଁ ଆପଣଙ୍କୁ ମାଫ୍ କରାଗଲା । ଲେସେଷ୍ଟର୍ ଆପଣଙ୍କ କଥା କୁହନ୍ତୁ'' ରାଣୀ ଆର୍ଲଙ୍କ ଆଡ଼କୁ ଅନାଇଲେ ।

ଆମୀ ରୋବସାର୍ଟଙ୍କ ସହ ପରିଚୟ ଆଉ ତା'ପର ପର ସମସ୍ତ କାହାଣୀ ସେ କହିଗଲେ । ଲୁଚାଇ ରଖିଲେ ବାର୍ଣ୍ଣି ସଂପର୍କରେ । ସେ କହିଲେନି ଯେ ବାର୍ଣ୍ଣି ଆମୀଙ୍କ ଜୀବନ ସହ ଖେଳିବା କଥା ସେ ଜାଣିଥିଲେ । କିନ୍ତୁ ସେ ଦୋଷୀ ବୋଲି ନିଜକୁ ବାରମ୍ବାର କହୁଥାନ୍ତି; ଶୀଘ୍ର କିପରି କ୍ୟୁନର୍ ଯିବେ ଭାବୁଥାନ୍ତି ।

ଏଲିଜାବେଥ୍ ତାଙ୍କୁ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରୁଥିଲେ– ବୁଲେଇ ବଙ୍କେଇ, ଗୁଡ଼େଇତୁଡ଼େଇ । ଆର୍ଲ ନିଜ ମୁହଁରେ ଥରକୁ ଥର ସବୁ ମାନନ୍ତୁ, ଏଇପରି ସେ ତାଙ୍କ ପ୍ରେମର ପ୍ରତିଶୋଧ ନେଉଥିଲେ ।

ଶେଷକୁ ଲେସେଷ୍ଟର୍‌ଙ୍କ ଧୈର୍ଯ୍ୟ ଭାଙ୍ଗିଲା । ''ମହନୀୟା, ଏସବୁ ଦୋଷ ମୂଳରେ ମୁଁ । ଆପଣଙ୍କ ସବୁ ରାଗ ମୋ ମୁଣ୍ଡ ଉପରେ ପଡୁ । ଆଉ ମୁଁ ଯଦି ଲୁଚେଇ ରଖିଥିଲି, ରଖିଥିଲି କେବଳ ସୌନ୍ଦର୍ଯ୍ୟ ଓ ସମ୍ମାନବୋଧ ପାଖରେ ହାର୍‌ମାନି । ଆପଣ ସବୁ କ୍ଷମାଦେଇଛନ୍ତି । ଉଦାରଚରିତା, ଆପଣଙ୍କ ଶରଣ ଯାଉଚି ।''

ରାଣୀ ଶୁଣିଲେ ବେଶ୍ ଧୈର୍ଯ୍ୟର ସହ । ସେମାନଙ୍କୁ ନେଇ ସେ ପ୍ରବେଶ କଲେ ବଡ଼ ହଲ୍‌ରେ ! ''କେନିଲ୍‌ଓ୍ୱର୍ଥର ଆନନ୍ଦ ଉତ୍ସବ ଶେଷ ହେଇନି ସାମନ୍ତବର୍ଗ, ଆମେ ଏ ଦୁର୍ଗର ଅଧିପତିଙ୍କ ବିବାହ ଏଇଠି ପାଳିବା ।'' ସମସ୍ତେ ରାଣୀଙ୍କ ଏ ଘୋଷଣାରେ ଚମକିପଡ଼ିଲେ । ସମସ୍ତେ ଜାଣିଥିଲେ ଏଲିଜାବେଥ୍ ଓ ଲେସେଷ୍ଟର୍‌ଙ୍କ ସମ୍ପର୍କ । ''ଆପଣମାନେ ବୋହୂଟି ବିଷୟରେ ଜାଣିବାକୁ ଚାହୁଁଥିବେ । ସେ ଆମୀ ରୋବସାର୍ଟ ! ହଠାତ୍ ଆମ୍ଭମାନଙ୍କୁ ଜଣାଇ ମଜା ଦେଖିବାକୁ ଓ ଚମକାଇଦେବାକୁ ଆର୍ଲ ଏଯାଏଁ ଲୁଚାଇରଖିଥିଲେ ।''

ସାମନ୍ତମାନେ ନାନା ଆଲୋଚନାରେ ମାତିଗଲେ । ଲର୍ଡ ଲେସେଷ୍ଟର୍ ନମ୍ରତାସହ ରାଣୀଙ୍କି କହିଲେ, ''କ୍ଷମାକରନ୍ତୁ ମହାରାଣୀ, କ୍ୟୁନର୍ କୋଠିକି ଯିବାକୁ ଅନୁମତି ପାଇପାରିବି ?''

''ବୋହୂକୁ ଆଣିବାକୁ ତ ? କାହିଁକି, ସେ ତ ଖୁବ୍ ଭଲ କଥା । ଜାଣେ, ତାଙ୍କ ପ୍ରତି ଅବହେଳାର ସୀମା ନାଇଁ । ହେଲେ, ଆମ କଥା ବୁଝିବାକୁ କିଏ ରହିବ ? ଟ୍ରେସିଲିଆନ୍ ଯାଆନ୍ତୁ ନା ! ଈର୍ଷା ହେଉଚି କି ? ଆମେ ଆଉ ଜଣଙ୍କୁ ପଠାଇବୁ । କାହାକୁ ନେବେ ଟ୍ରେସିଲିଆନ୍ ?''

ରାଣୀଙ୍କ କଥା ଶେଷ ହେବା ସଙ୍ଗେ ସଙ୍ଗେ ଓ୍ୱାଲଟର୍ ରାଲେଙ୍କ ନାଁ କହିଲେ । ସେ ବି ସେଠି ଆସି ଠିଆହୋଇଗଲେ ।

''ହଁ, ଠିକ୍ ଲୋକକୁ ବାଛିଛନ୍ତି । ଜଣେ ଯୁବକ ନାଇଟ୍ ସେ । ଜଣେ ଭଦ୍ରମହିଳାଙ୍କୁ ଉଦ୍ଧାର କରିବା କାମ ତାଙ୍କୁ ବେଶ୍ ସାଜିବ ।'' ରାଲେ ନଇଁପଡ଼ି ସମ୍ମତିଦେଲେ । ରାଣୀ ପୁଣି କହିଲେ, ''ଆଦେଶନାମା ନେଇଯିବ । ରିଚାର୍ଡ ବାର୍ଣ୍ଣି ଆଉ ଆଲାସ୍କୋ, ମୃତ ବା ଜୀବିତ ଆଣିବ । ସୈନିକ ବି ନିଅ ।''

ଯନ୍ତାର ଦ୍ୱାର

ବାର୍ଣ୍ଣି ପାଇଥିଲା ରାଣୀଙ୍କ ଆଦେଶ । କାଉଣ୍ଟେସ୍ ଯେ ପାଗଳୀ ଏକଥା ପ୍ରମାଣିତ । ଶୀଘ୍ର ତାଙ୍କୁ କିପରି ନିଆଯାଉ । ତା' ହେଲେ କଣ୍ଟା ଯିବ । ତା'ର ଚକ୍ରାନ୍ତ କଷି ସେ କାଉଣ୍ଟେସ୍‌ଙ୍କୁ ରାତାରାତି ନେଇଗଲା ।

ଲାଂବୋର୍ଣ୍ଣକୁ ପାଇନଥିଲା । ତା' ଉପରେ ରାଗିଲା ବହୁତ । ତା' ପରେ ସଙ୍କେତ ମୁଦି ନେଇ ସେ ପଶିଲା ଆମୀଙ୍କ କୋଠରିରେ । ଆମୀ ଦରନିଦରୁ ଉଠି ବାର୍ଣ୍ଣିକି ଦେଖି ଭୂତ ଲାଗିଲା ପରି ହାଉଳି ଖାଇଲେ ।

''ମହାଶୟା, ମାଲିକ୍ କହିଛନ୍ତି ଆମ ସଙ୍ଗେ ଚାଲନ୍ତୁ । ଦେଖନ୍ତୁ, ଏ ତାଙ୍କର ଆଦେଶର ମୁଦି ।''

''ସବୁ ମିଛ । ତୁମେ ତାଙ୍କ ମୁଦି ଚୋରାଇ ଆଣିଚ । ତମଦ୍ୱାରା ସବୁ କାରସାଦି ସମ୍ଭବ ।'' ଆମୀ ପାଟିକରି ଉଠିଲେ ।

''ଏକଥା ନିହାତି ସତ ଆଜ୍ଞା ! ଏଥିରେ ଉଁ ଚୁଁ ହେବାର ଜୁ ନାହିଁ । ଆପଣ ଉଠିବା ଦରକାର ହେବନି– ଆମେ ବାଧ୍ୟ କରି ବୋହିନେଇଯିବୁ ।''

''ବାଧ୍ୟ !! ସୈତାନ୍ !! ସାହସ ତ କମ୍ ନୁହେଁ ?'' ଦୁଃଖିନୀ କପଡ଼ାକୁ ଜାବୁଡ଼ିଧରିଲେ ।

''ସେଇଟାର ପ୍ରମାଣ ହେଉଛି'' ବାର୍ଣ୍ଣିର ଡରାଣ ।

ଆମୀ ଡରି ଥରି ବିକଳଭାବେ କାନ୍ଦିଉଠିଲେ । ଆଗରୁ ପାଗଳୀ ବୋଲି ଜଣାପଡ଼ିଥିଲେ । ନହେଲେ, ଲର୍ଡ ହନ୍‌ସଡ଼ନ୍ ଆଉମାନଙ୍କ ସାହାଯ୍ୟ ପାଇପାରିଥାନ୍ତେ ।

ଆମୀଙ୍କର ସବୁ ପ୍ରାର୍ଥନା ବିଫଳ ହେଲା । ଫଷ୍ଟର୍‌କୁ କହିଲେ ଯେ, ଜେନେଟ୍ ଭଳି ଝିଅର ବାପା ସେ– ତାଙ୍କ ପ୍ରତି ଦୟାକରନ୍ତୁ । ଫଷ୍ଟର୍ କହିଲା, ‘‘ପୁରାଣ କହେ ସ୍ତ୍ରୀମାନେ ସ୍ୱାମୀ କଥା ମାନିବେ । ଆପଣ ମୋ କଥା ମାନନ୍ତୁ । ଲୁଗାପଟା ପିନ୍ଧି ବାହାରିଆସନ୍ତୁ । କଥା ଦେଉଚି, ହାତରେ ପିସ୍ତଲ ଥିବାଯାଏ କେହି ଆପଣଙ୍କୁ ଛୁଇଁପାରିବନି ।’’

ଥରି ଥରି, କାନ୍ଦି କାନ୍ଦି ଈଶ୍ୱରଙ୍କୁ ପ୍ରାର୍ଥନା କରି କରି କାଉଣ୍ଟେସ୍ ପୋଷାକ ପିନ୍ଧିଲେ । ବାର୍ଣି ଲଣ୍ଠନ ଦେଖାଇଲା । ଫଷ୍ଟର୍ ଉପରେ ଭରସା କରି ଅନିଶ୍ଚିତ ପଥରେ ଯିବାପାଇଁ ସେ ପ୍ରସ୍ତୁତହେଲେ ।

ଚାଲିଲା ଘୋଡ଼ାଗାଡ଼ି । ଫଷ୍ଟର୍ ପାଖେ ପାଖେ ଥାଏ । ବାର୍ଣିର ଦେଖା ନଥାଏ । କାଉଣ୍ଟେସ୍ ଟିକେ ଆଶ୍ୱସ୍ତ ଥାନ୍ତି । ବହୁ ସମୟ ଯାଏ ସେ ଚାହିଁରହିଥାନ୍ତି ସେ ରାଜକୀୟ ଦୁର୍ଗ କେନିଲ୍‌ୱାର୍ଥକୁ । ଆଖି ପାଇବା ଯାଏ ଲୁହ ଝରେଇ ସେ ଚାହିଁରହିଥାନ୍ତି ସେଇ ଦୂରରେ ପଡ଼ିଯାଉଥିବା ଦୁର୍ଗରେ ରହିଗଲେ ତାଙ୍କ ପ୍ରାଣର ଦେବତା । କାଉଣ୍ଟେସ୍ କିଛି ବୁଝିପାରୁନଥାନ୍ତି । କ’ଣ ହେଉଚି ? କ’ଣ ହେବ ? ଈଶ୍ୱର ସବୁ ଜାଣନ୍ତି । ତାଙ୍କ ଉପରେ ଭରସା କରି ସେ ଅଧା ଶୋଇରହିଲେ– ଅଧା ଚେଇଁଥାଆନ୍ତି ।

ବାର୍ଣି ପଛରେ ଥାଏ । ସେ ଭାବୁଥାଏ ଲାଂବୋର୍ଣ ଆସୁଥିବ । ସତକୁ ସତ ନିଶୂନ ରାତିରେ ପଛକୁ ଶୁଣାଗଲା ଧାଇଁଆସୁଥିବା ଘୋଡ଼ାଟାପୁର ଶବ୍ଦ ଆଉ ଲାଂବେର୍ଣ ତାକୁ ଟପିଯିବା ଆଗରୁ ଲଗାମଦେଲା ।

‘‘ମଦୁଆ କାହାଁକା ? ଏତେ ଡେରି କଲୁ କାଇଁକି ?’’ ବାର୍ଣି ରାଗରେ ପଚାରିଲା ।

‘‘କାହିଁକି ? ଲର୍ଡ ଲେସେଷ୍ଟର୍ ମୋତେ ଅଟକାଇନେଲେ । ତାଙ୍କର ଗୁପ୍ତ ପରାମର୍ଶ ଥିଲା ।’’ ପ୍ରଥମକରି ଆର୍ଲଙ୍କ ନିକଟ ସମ୍ପର୍କରେ ଆସିଥାଏ । ସେ ଫୁଲୁଥାଏ । ଆଉ ଆର୍ଲଙ୍କ ଚିଠିଟି ପଢ଼ିନେଇଥାଏ ଆଗରୁ ।

ଲାଂବୋର୍ଣର ଅବାଗିଆ ବ୍ୟବହାର– ଅମାନିଆ ତା’ର ଗଳା । ବାର୍ଣି ଆଦୌ ପସନ୍ଦ କରିପାରିଲାନି । ସେ କହିଲା, ‘‘ଆର୍ଲଙ୍କ ଉନ୍ନତିରେ କଣ୍ଟା କିଏ ଜାଣୁ ? ସେଇ ଆଗରେ ଯାଉଥିବା ସ୍ତ୍ରୀଲୋକଟି । ତାକୁ ଖତମକରିବାକୁ ହେବ ।’’

‘‘ଦେଖନ୍ତୁ ସାର୍ ରିଚାର୍ଡ !’’ ଲାଂବୋର୍ଣର ଗଳାରେ ଉଦ୍ଧତ ବେଖାତିର ଭାବ । ‘‘କେତେ ଲୋକ ଦୁଷ୍ଟ । ଆଉ କିଏ ବା ଶିଷ୍ଟ– ଜ୍ଞାନୀ । ଏ ଘଟଣାରେ ମାଲିକଙ୍କ ମନକଥା ମୁଁ ଠଉରାଇସାରିଚି । ସେ ମୋତେ କହିଲେ, ଦେଖ ଲାଂବୋର୍ଣ, ବାର୍ଣି ଯେପରି ମୋ’ କାଉଣ୍ଟେସ୍‌ଙ୍କ ଉପରେ କୌଣସି ଦୁର୍ବ୍ୟବହାର ନକରେ । ଆଉ ଆପଣଙ୍କଠାରୁ ଆର୍ଲଙ୍କ ସଙ୍କେତ ମୁଦି ଫେରାଇ ନେବାକୁ କହିଲେ । ମୁଁ ସଙ୍ଗେ ସଙ୍ଗେ ତାଙ୍କର ମୁଦି ଓ କାଉଣ୍ଟେସ୍‌ଙ୍କ ଖବରନେଇ ତାଙ୍କ ପାଖକୁ ଲେଉଟିବି ।’’

‘‘ଆଚ୍ଛା, ତେବେ ସେ ଏ କଥା କହିଲେ ? ତୁ ସବୁ ତା’ହେଲେ ଜାଣୁ ?’’

"ସବୁ... ପ୍ରକୃତରେ ।" ଲାଂବୋର୍ଣ ନିଜକୁ ବଡ଼ ବୋଲି ଅନୁଭବ କରୁଥିଲା ।

"ଆଉ ମାଲିକ ଯେତେବେଳେ ତତେ ଏସବୁ କଥା କହିଲେ, ସେଠି କେହି ନଥିଲେ ନା !"

"ଜଣେ ବି ନୁହେଁ । ଜାଣିପାରୁନାହାନ୍ତି, ମୋ ଭଳି କାମିକା ଲୋକ ନହେଲେ ମାଲିକ ଏକଥା କହିଥାନ୍ତେ ?"

"ସତକଥା !" ବାର୍ଣିର ମୁଣ୍ଡରେ ଈର୍ଷା, ଭୟ, ଆଶଙ୍କା, ମନ୍ଦବୁଦ୍ଧି ।

ସେ ଟିକିଏ ରହିଲା । ଆଗରେ ଲମ୍ବିଚି ରାସ୍ତା । ତା'ଉପରେ ଚନ୍ଦ୍ରକିରଣ ଭେଳିକି ବାଢ଼ିଚି । ମଫସଲି ଆବହାୱା । ଗାଡ଼ି ଅନେକ ଆଗରେ । ସଙ୍ଗରେ ଫଷ୍ଟର୍ । ଦୂରରେ । ପଛରେ... ଲାଂବୋର୍ଣର ଫଛପାଖେ ମଫସଲର ରାସ୍ତା । ଗାଆଁର ପ୍ରକୃତି ଜ୍ୟୋସ୍ନାରେ ଧୋଇହୋଇ ଆକର୍ଷକ ଦିଶୁଚି । ନୂଆ ଭୟ ଦେଖାଇ ବାର୍ଣି ତା'ଆଡ଼କୁ ଆଗେଇଲା– "ତୁ ତେବେ ମୋ'ଉପରକୁ ଝାମ୍ପ ଦେବାକୁ ତିଆର ? ମୁଁ ତୋର ମାଲିକ । ତୋତେ କାନଧରି ସବୁ ଶିଖାଇଚିଟି ! କ୍ଷମତା ପାଇଁ ଏ ଚକ୍ରାନ୍ତର ଖେଳ କିଏ ଶିଖାଇଲା ?"

"ମୋର ଶିଷ୍ୟପଣ ଆଜିଠୁ ସରିଲା ।" ଲାଂବୋର୍ଣ ଗଳାରେ ଏକ ସିଦ୍ଧାନ୍ତ– ସ୍ଥିର ଅଚଳ । "ମୁଁ ଭାବୁଚି ମୋର ଭବିଷ୍ୟତ ଅଛି ।"

"ବୋକା, ତେବେ ତୋର ମୂଲ ନେ !" ବାର୍ଣି ପିସ୍ତଲ ଚଳାଇଲା । ଏକଦମ ଲାଂବୋର୍ଣର ଛାତିକି ଲଗାଇଥାଏ ପିସ୍ତଲଟା । ଶବ୍ଦଟିଏ ବି ଉଚ୍ଚାରଣ କରିନପାରି ଶିକାର ଖସିପଡ଼ିଲା ଘୋଡ଼ାରୁ । ବାର୍ଣି ଓହ୍ଲାଇଲା ଘୋଡ଼ାରୁ । ଲାଂବୋର୍ଣର ପକେଟକୁ ଇତରବିତର କରିଦେଲା । ମନେହେବ ଚୋର ଆକ୍ରମଣ କରିଚି– ଲୁଟିନେଇଚି । ଆର୍ଲଙ୍କ ଚିଠି ପାଇଲା ବାର୍ଣି । ଲାଂବୋର୍ଣର ଟଙ୍କାଥଳିଟା ପାଖ ନଈକି ଫିଙ୍ଗିଦେଲା । ନିଷ୍ଠୁରଭାବେ ସେ ଯେପରି ଲୋକଟିକୁ ଖତମକଲା, ଟଙ୍କା ନେବାକୁ ସାହସ ହେଲାନି ।

ଖୁନୀ ତା'ପରେ ପିସ୍ତଲରେ ଗୁଳି ଭରିଲା । ଧୀରେ ଧୀରେ ଗାଡ଼ିର ପଛେ ପଛେ ଚାଲିଲା । ଖୁସି ଯେ, ତା' ବାଟରୁ ସାକ୍ଷୀଟାଏ ଗଲା । ତା'ର ଯେତେକ ପିଶାଚିଆ ବୁଦ୍ଧି, ଦୁରଭିସନ୍ଧି ସବୁ ଏ ଲୋକଟା ଜାଣିଥିଲା । ସେ ଆର୍ଲଙ୍କ ଉପଦେଶ ଆଦୌ ମାନିବାକୁ ଚାହେଁନି । ସେ ଏବେ କହିପାରିବ ଯେ, ସେ ଚିଠି ଆଦୌ ପାଇନି । ବଦମାସ୍ ସ୍ତ୍ରୀଲୋକଟା ତାକୁ କମ୍ ଅପମାନଦେଇଚି ।

ବିନା ବିଳମ୍ବରେ ଯାତ୍ରା ଶେଷହେଲା । ବାର୍ଣି ଫଷ୍ଟର୍‌କୁ ପଚାରିଲା, "ପକ୍ଷୀ କିପରି ଅଛି ?"

"ଶୋଇଛନ୍ତି । ବଡ଼ କ୍ଲାନ୍ତ !"

"ବିଶ୍ରାମ ତାଙ୍କର ଦରକାର । ବେଶ୍ ଶୋଇବେ– ଶୋଇବେ ଅନେକ ସମୟଧରି । କୋଉଠି ଉତାରିବା କି ?"

''ତାଙ୍କରି କୋଠରିରେ । ଜେନେଟ୍ ନାଇଁ— ତା ମାଇଁ ଘରେ । ବୁଢ଼ୀଟିଏ ଅଛି । ସେ ଏହାଙ୍କ ସେବା କରିବ ।''

''ନା ନା, ସେମାନେ କେହି ଯୋଗ୍ୟ ନୁହଁନ୍ତି । ତମେ ଯୋଉଠି ସୁନା ରଖିଚ ସେଇଠି ରଖିବା ।''

''ମୋ' ସୁନା ?'' ଚମକିଗଲା ଫଷ୍ଟର୍ । ସେ ଭାବିଥିଲା ଏ ବଡ଼ ଗୁପତ କଥା— କେହି ଜାଣନ୍ତିନି ତା'ର ଚିହ୍ନ ବାଆଁରା ।''

''ତୁମର ଆହୁରି ସୁନା ମିଳିବ । କାମ ଆଗେ ସରିଯାଉ । ମୁଁ କହୁଚି ତମ ଶୋଇବା କୋଠରି କଥା । କହୁନଥିଲ, ସେ ବଡ଼ ନିରାପଦ ଜାଗା । ଗୁଡ଼ିଏ କୌଶଳ ଲଗାଇ ତମେ ତାକୁ ସଜାଇଚ ପରା !''

ଫଷ୍ଟର୍ ରାଜିହେଲା । କହିଲା, ଆଗ ଯାଇ ସେଠି ସଜଡ଼ାସଜଡ଼ି କରିବ ।

ଗାଡ଼ି କ୍ୟୁନର କୋଠିରେ ପହଞ୍ଚିଲା । କାଉଣ୍ଟେସ୍ ଜାଣିଲେ ଜେନେଟ୍ ନାଇଁ । ସେ ଛାନିଆଁ ହେଲେ । ହେଲେ ଗୋଡ଼ ହାତ ଆଉ ବୋଲ ମାନୁନାହାନ୍ତି । ଏକା ହେଲେ ବି ଶୋଇଯିବେ । ଆଖି ମାଡ଼ିପଡୁଚି ।

''ହେଲେ ମହାଶୟା, ଆପଣଙ୍କ କୋଠରି ଏଯାଏ ସଜାଡ଼ସଜଡ଼ି ହୋଇନି । ଅନ୍ୟ ଏକ କୋଠରିରେ ରହିବେ ?''

''ମୋ' କବରରେ...ଶାନ୍ତିରେ । ଖାଲି ଥରିଉଠୁଚି କେତେବେଳେ ଏ ପିଣ୍ଡରୁ ପ୍ରାଣଟା ଅଲଗା ହୋଇଯିବ !''

''ନା ମହାଶୟା, ଡରନ୍ତୁନି । ଆପଣଙ୍କ ସ୍ୱାମୀ କାଲିକି ଆସୁଛନ୍ତି ।''

''ସତେ ? ସତେ ସେ ଆସିବେ ? ସତ କହୁଚ ଫଷ୍ଟର୍ ?'' ତାଙ୍କ ଦୁର୍ବଳ ପିଣ୍ଡରେ ବଳ ଦେଲା ।

''ମହାଶୟା ମୋତେ ଏତେ ବିଶ୍ୱାସ କରୁଛନ୍ତି ! ତେବେ, ମୋ ମାଲିକଙ୍କୁ କ'ଣ କହିବେ କହନ୍ତୁ । ମୁଁ ତାଙ୍କ ଆଦେଶ ମାନୁଚି । ଆପଣଙ୍କୁ ବନ୍ଦୀ କରୁଚି, ଏତେ ଦହଗଞ୍ଜ କରୁଚି ।''

''ତୁମେ ଯେ ମୋର ରକ୍ଷାକର୍ତ୍ତା ! ହାୟ ଜେନେଟ୍, ଏଠି ଥାନ୍ତା କି ?''

''ସେ ଯୋଉଠି ଅଛି ଭଲରେ ଅଛି । କିଛି ଜଳଖିଆ ଆଣିବି ?''

''ନା ନା, ମୁଁ ଖାଲି ଚାହେଁ ମୋ କୋଠରିକି ଯିବାକୁ । ସେଠି ଭିତର ପାଖୁ ବନ୍ଦକରିପାରିବି ତ ?'' ଆମୀଙ୍କ କଣ୍ଠରେ ଡର ।

''ହଁ ଆଜ୍ଞା, ନିଶ୍ଚୟ ! ବାହାର ପାଖେ ସବୁ ଯୋଗାଡ଼ ମୁଁ କରିଦେବି ।'' ଲଣ୍ଠନ ଦେଖାଇଲା ଫଷ୍ଟର । ନେଇଗଲା କୋଠାର ଗୋଟାଏ ଦୂର ଅଂଶକୁ । ପୁରୁଣା ଅଂଶଟା । ଏ ଦିଗଟା ଆମୀ କେବେ ଦେଖିନଥିଲେ । ତା'ପରେ ଘରର ବହୁତ ଉପରକୁ ନେଇଗଲା ।

ଭେଟିଲା ଜଣେ ବୁଢ଼ୀକି । ସେ ଦେଖାଇଲା ଲଣ୍ଠନ । ଉପରକୁ– ଉପରକୁ ! କେତେ ଉପରକୁ ହେ ! ଶିଡ଼ିର ଅନ୍ତ ନାଇଁ । ସତେ ଯେପରି ଅଗଣନ ! ମଝିରେ ମଝିରେ ଓକ୍‌ର ବଡ଼ ଗାଲେରି । ଶେଷରେ ପହଞ୍ଚିଲେ ସେଇ କୋଠରିରେ । କବାଟ ଖୋଲିଲା । ଫଷ୍ଟର୍ ରହେ ଏଇଠି । ରହିବା ବସିବାର କୌଣସି ସୁବିଧାନାଇଁ ।

ଫଷ୍ଟର୍ ସେଇଠି ରହିଲା । ଆମୀଙ୍କ ହାତକୁ ବଢ଼ାଇଦେଲା ଲଣ୍ଠନଟା । ଦେଖାଇଦେଲା ତାଙ୍କ ରହିବା ଘର । ବୁଢ଼ୀ ରହିଲା ବାହାରେ । ତରତର ହୋଇ ଆମୀ ସେ ଭିତରକୁ ଚାଲିଗଲେ । ସେ ଭିତରୁ କଣ୍ଟା କିଳିଲେ ।

ବାର୍ଣି ଚୁପ୍‌ଚାପ୍ ଆସୁଥାଏ । ପଛେ ପଛେ– ଗୋଡ଼ ଚାପି ଚାପି । ଫଷ୍ଟର୍ ସହ ଦେଖାକଲା । ଆଖିଠାରିଲା ଫଷ୍ଟର୍ । ତା'ରି ଘର ଭିତରେ ଅଛି କୌଶଳର ଯନ୍ତାଟା । ଲାଗିଚି ଖଣ୍ଡେ ଦଉଡ଼ି । ଟାଣିଦେଲେ ସବୁଆଡ଼ ବନ୍ଦ ଆଉ ସାମ୍ନାରେ ଦେଖାଦିଏ ବଡ଼ ଗାତଟିଏ । ବାର୍ଣି ଦେଖୁଥାଏ । ସେ ଦଉଡ଼ି ଟାଣିଲା । ଶୋଇଲା ଘରର ଚଟାଣ ଖୋଲିଗଲା । ଦେଖାଗଲା ଭୀଷଣ ଗାତଟାଏ– ସୁଡ଼ଙ୍ଗ ।

ବାର୍ଣି ରସିକି ଦେଖୁଥାଏ । ଦେଖୁଥାଏ ଯନ୍ତ୍ରଟା କାମ କରୁଚି କିପରି । ପରଖୁଥାଏ । ସାବଧାନ ହୋଇ ଯନ୍ତାଦ୍ୱାରକୁ ଗଲା । ମନେହେଲା ଖୁବ୍ ତଳକୁ ତଳକୁ ଗାତ ବଡ଼ ଅନ୍ଧାରିଆ । କାନରେ ଚୁପ୍‌କରି ଫଷ୍ଟର୍ କହିଲା, ''ସେ ସୁଡ଼ଙ୍ଗଟା ସବାତଳ କୋଠାର ମୂଳଯାଏ ଯାଇଚି ।'' ବାର୍ଣି ପୁଣି ଥରେ ପରୀକ୍ଷାକଲା । ସେମାନେ ଫେରିଗଲେ ମନ୍ତ୍ରଣା କୋଠରିକି ।

ବାର୍ଣି କିଛି ମଦ ଓ ଖାଦ୍ୟର ବରାଦ କଲା । ଗଲା ଆଲାସ୍କୋ କୋଠରିକି । ଖୁବ୍ ଶୀଘ୍ର ଲାବୋରେଟୋରୀରୁ ଫେରିଲା । ମୁହଁରୁ ରଙ୍ଗ ବାହାରିଯାଇଥାଏ । ''ବନ୍ଧୁ ପଳାଇଯାଇଛନ୍ତି ।''

''କ'ଣ କହିଲ ? ତାଙ୍କୁ ଚାଳିଶଟି ସୁନାମୁଣ୍ଡା ଦେଇଥିଲି । ସେ ତାକୁ ହଜାର ଗୁଣ କରିବେ କହିଥିଲେ ।''

''ତେବେ ସୈତାନର କୋର୍ଟକୁ ଯାଅ । ସେଠି କେଶ୍ ଲଢ଼ିବ ।''

''ସେ କ'ଣ...''

''ମରିଯାଇଚି । ବିଷ ତିଆରି କରୁଥିଲା । ମୁହଁରୁ ମୁଖୋସଟା ଖସିଗଲା । ବିଷ ଚରିଗଲା ମୁଣ୍ଡରେ– ଶେଷ !''

''ସେଠି କେହିନଥିଲେ ? ମୋ ସୁନା ! ମୋ ସୁନା !!'' ଖାଇବା ଛାଡ଼ି ଫଷ୍ଟର୍ ଉଠି ପଳାଇଲା । ମାତ୍ର ସେ ଡରୁଥିଲା । ''ଆଲାସ୍କୋ, ସେମିତି ମଲେ, ନା ସୈତାନ ତାଙ୍କୁ ମାଇଲା ?''

ବାର୍ଣି କହିଲା, ''ନିଶ୍ଚୟ ହେଇଥିବ । ସୈତାନର ବଡ଼ ଲୋଭ । ମଣିଷକୁ ମାରିବାରେ

ସେ ବଡ଼ ଓସ୍ତାଦ୍ । ଦୁଇଟାକୁ ଖତମ୍ କରିଚି– ଆଉ ଅଛି ସେଇ ସ୍ତ୍ରୀଲୋକଟା !'' ବାର୍ଣି ଆଖିରେ ପିଶାଚର ଛାପ !!

''ଦୁଇଜଣ କିମିତି ?''

''ପଛେ ଜାଣିବ । ଏବେ ସେଇ ସ୍ତ୍ରୀଲୋକକୁ ସେ ଆଖେଇଚି, ତାକୁ ଖାଇବ । ସୈତାନର ପାଟିକି ସୁଆଦ ଲାଗେ ସୁନ୍ଦରୀର ମାଂସ !''

ଶୁଣିଲା ଆଣ୍ଟୋନୀ ଫଷ୍ଟର୍ । ସେ ଆଉ ଆଗେଇଲାନି । ଫେରିଆସିଲା ଯୋଉଠି ବାର୍ଣି ବସିଥିଲା ସେଇଠିକି ।

''ହେ ଭଗବାନ୍ ! ସାର୍ ରିଚାର୍ଡ କ'ଣ କହୁଚନ୍ତି ।''

''ତମେ ଠିକ୍‌ଭାବେ ଜାଣ । ନିଶ୍ଚୟ ତାକୁ ଖତମ୍ କରିବାକୁ ହେବ । ଯୋଉ ସୁନା ଦେବାକୁ କହିଥିଲି ଅଲବତ୍ ଦେବି । ନହେଲେ ମିଳିବନି ।'' ବାର୍ଣିର କଣ୍ଠରେ ଦୃଢ଼ତା ।

''ଜାଣିଥିଲି ଇମିତି ହେବ । କିନ୍ତୁ ତାଙ୍କ ଉପରେ ମୁଁ ହାତ ଦେବିନି । ଦିଅନା ଏ ପୃଥିବୀର ସମସ୍ତ ସୁନା– ମୁଁ ପାରିବିନି ।

''ମନେରଖ, ଆଲାସ୍କୋ ଯାଇଚି, ଲାଂବୋର୍ଣ କୁକୁର ଖତମ୍ ହୋଇଚି ।''

''କାହିଁକି ?''

''ପଚାରନି । ଉତ୍ତରରେ ମିଛ ମୁଁ କହୁନି । ଦିନେ ନା ଦିନେ ତମେ ତାକୁ ଦେଖିପାରିବ । କିନ୍ତୁ ବର୍ତ୍ତମାନର ମାମଲା ବଡ଼ ସଙ୍ଗୀନ । ଏ ପକ୍ଷୀଟିକୁ ଧରିବାକୁ ହେବ ।'' ସେ ମୁହୂର୍ତ୍ତେ ଚୁପ୍‌ହେଲା । ତା'ପରେ କହିଲା, ''ଆଚ୍ଛା ଫଷ୍ଟର, ତମର ସେ ଦ୍ୱାରକଥା । ଉପରେ କବାଟ ଅଛି । କବାଟରୁ କଣ୍ଟା– ଯୋଉ କଣ୍ଟା ବଳରେ ସେ ଲାଗିରହିଚି ଖୋଲିଦେଲେ ରହିବ ନା ?''

''ରହିବ ନିଶ୍ଚୟ । ତା' ଉପରେ ନଚଢ଼ିଲେ ହେଲା... !''

''କିନ୍ତୁ ଯଦି ସେ ମହିଳା ପକାଇବା ଚେଷ୍ଟାକରନ୍ତି ! ତାଙ୍କର ଭାରରେ ଖସିପଡ଼ିବ ତ ?''

''ମୂଷାଟିଏ ଗଲେ ବି ହେବ ।''

ବାର୍ଣିର ଭ୍ରୂମଧ୍ୟରେ ଅଶୁଭ ଇଙ୍ଗିତ !!

ଶେଷ

ପରଦିନ । ସଞ୍ଜବେଳ । ବାର୍ଣି ଫଷ୍ଟର୍‌କୁ ଡାକିଲା । ତା’ ଚକ୍ରାନ୍ତକୁ ଶେଷ ରୂପ ସେ ଦେବ । କୋଠିର ଅନ୍ୟ ଚାକରବାକରଙ୍କୁ ବାହାରକୁ ପଠାଇ ଦିଆଗଲା । ଆଳ ! ଫଷ୍ଟର୍ ଗଲା କାଉଣ୍ଟେସ୍‌ଙ୍କ କୋଠରିକି– ସତେ ଯେପରି ତାଙ୍କର ସବୁ ଭଲମନ୍ଦ ବୁଝିବାକୁ ସେ ବ୍ୟଗ୍ର ।

ସେ ଦେଖିଲା ସେଇ ସରଳ କାଉଣ୍ଟେସ୍‌ଙ୍କୁ । କେତେ ନିରୀହ ତାଙ୍କର ଆଖି ଦୁଇଟି । କୌଣସି କୂଟକପଟ ବୁଦ୍ଧି ତାଙ୍କୁ ଛୁଇଁନି । ଫଷ୍ଟର୍‌ର ହୃଦୟ ତରଳିଗଲା । ସେ କାଉଣ୍ଟେସ୍‌ଙ୍କୁ କହିଲା, ‘‘କୌଣସି କାରଣରୁ ବି ସେ ଯେପରି ବାହାରକୁ ନଆସନ୍ତି । ଆର୍ଲ ଆସିଲେ ଅଲଗା କଥା । ଈଶ୍ୱର କଲେ ଶୀଘ୍ର ସେ ଆସିପାରନ୍ତି ।’’

ଆମୀ ସେଠି ରହିବାକୁ ଶପଥକଲେ । ଫଷ୍ଟର୍ ବାହାରିଗଲା । ଖୋଲିଦେଲା ବାହାରର କବାଟ । ବାର୍ଣି ସେଇ ଉପଦେଶ ଦେଇଥିଲା । କବାଟ ଆଦି ଖୋଲାରଖିଲେ ସେ ପଳାଇଯିବାର ଚେଷ୍ଟା କରିବେ । ନ ହେଲେ, ବାହାରକୁ ଆସିପାରନ୍ତି । ଆଉ ଚଟାଣ ଉପରେ ପାଦଦେଲେ, ତା’ର ସେଇ କାଠ ଉପରେ ପଡ଼ିବ ଦୁଲ୍‌କରି– ! ଗଭୀର ସୁଡ଼ଙ୍ଗରେ ହଜିଯିବେ । ଚୂନା ହୋଇଯିବ ସୁନା ଦେହକୁ ବୋହି ରଖିଥିବା ହାଡ଼ ଗୋଡ଼ ।

ଫଷ୍ଟର୍ ଟିକେ ସୋଜା ଅନୁଭବ କଲା । ସେ ଭଦ୍ରମହିଳାଙ୍କୁ ସାବଧାନ କରିଦେଇଚି । ତେଣିକି ତା’ର ଦୋଷନାଇଁ । ସେ ଗାଉଥିଲା, ‘‘ବୃଥା କାହିଁକି ଏ ଜାଲ ବିଛାଇବା– ପକ୍ଷୀ ତ ଆସିବେ ନାଇଁ ।’’

ବାର୍ଣିର ଆଦେଶ ଅନୁସାରେ ଧୀରେ ସେ ଖୋଲିଦେଲା କବାଟର ସଂଯୋଗକାରୀ ତଳ କଣ୍ଟା । ତା’ରି ଉପରେ ଏ କବାଟ ଲାଗିରହିଥିଲା । କବାଟଟା ପଡ଼ିଗଲାନି । ଆଗପରି ଲାଗିଚି । ତଳକୁ ଫେରିଲା ଫଷ୍ଟର୍– ବାର୍ଣି ତାକୁ ଅପେକ୍ଷା କରିଚି ।

ଅନେକ ସମୟ ଉଭୟେ ସେଠି ବସିଲେ । ଅପେକ୍ଷା କଲେ । ବ୍ୟଗ୍ରତା...ଉତ୍କଣ୍ଠା । ପୂରା ମିନିଟ୍ ଗୋଟିକ ପରେ ଗୋଟିଏ ବହିଗଲା । ସମୟ ଅନେକ ହେଲା । କିନ୍ତୁ କିଛି ହେଲାନି । ବାର୍ଣି ଅଧୀର ହେଲା । ବ୍ୟସ୍ତ ଭାବେ ଏପଟ ସେପଟ ଚାଲିଲା । ‘‘ପଳାଇଯିବାର ଚେଷ୍ଟା ଏ ନାରୀଟି ନକରି ରହିଚି କିପରି ?’’ ସାଥୀ ତା’ର ନିଶ୍ଚଳ ହୋଇ ଶୁଣୁଥାଏ । ‘‘ମନେହୁଏ, ସେ କିଛି ଗୋଟାଏ ସ୍ଥିରକରିନେଇଛନ୍ତି । ହୁଏତ ଏଠି ରହିବେ । ଅପେକ୍ଷା କରିବେ ତାଙ୍କର ସ୍ୱାମୀଙ୍କି । ଯାହାହେଉ ପଛେ ଆଶା ତ ବୈତରଣୀ !’’

‘‘ଆରେ ମନେପଡ଼ିଲା । ଫଷ୍ଟର୍ ମନେପକାଇଦେଲା ।’’ ସେ ତଳକୁ ଖସିଗଲା । ଫଷ୍ଟର୍ ସ୍ଥାଣୁ ହୋଇଗଲା ।

ହଠାତ୍ ଶୁଭିଲା ଘୋଡ଼ାଟାପୁର ଶବ୍ଦ । ତା'ପରେ ଗୋଟାଏ ସିଟି । ସେଇ, ଆର୍ଲ ଆସିଲେ ଯୋଉ ସିଟି ଶୁଭେ । ଆର୍ଲଙ୍କ ସଙ୍କେତ ! ପର ମୁହୂର୍ତ୍ତରେ ଉପରପାଖେ ଆମୀଙ୍କ ଦ୍ୱାରା ଖୋଲିବା ଶବ୍ଦ ଶୁଭିଲା । ସଙ୍ଗେ ସଙ୍ଗେ ଯନ୍ତା ଦ୍ୱାର ଭାଜିବା ଆବାଜ୍ । ଭୁସ୍‌ଭାସ୍ ପଡ଼ିବା ଶବ୍ଦ । ଗୋଟିଏ କ୍ଷୀଣ ଦୁର୍ବଳ କଣ୍ଠର ଚିତ୍କାର ! ତା'ପରେ ସବୁ ଶେଷ !

ବାର୍ଣିର ହସହସ ମୁହଁ ଝର୍କା ପାଖରେ ଉଙ୍କିମାରିଲା । ''ପକ୍ଷୀ ଧରାପଡ଼ିଲା ନା ? କାମ ଫତେ !!''

''ଭଗବାନ୍, ଆମ୍ଭମାନଙ୍କୁ କ୍ଷମା ଦେବ !'' ଆଣ୍ଟୋନୀ ଫଷ୍ଟର୍ ଥରୁଥିଲା ।

''କାହିଁକିରେ ବୋକା ? ତୋ'ର ଦୁଃଖର ବି ଶେଷ ! ଦେଖନା ଯାଇ । କ'ଣ ଦିଶୁଚି ?''

''କେବଳ ସେଇ ମେଞ୍ଚାଏ ଧଳା କପଡ଼ା । ଶେଷହୋଇଗଲା !'' ପରୀକ୍ଷା କରି ଫଷ୍ଟର୍ ଉତ୍ତରଦେଲା ।

ବାର୍ଣି କହିଲା, ''ଆମ କଣ୍ଠା ଗଲା । ଭାବିପାରିନଥିଲି ଆର୍ଲଙ୍କ ଗଳାକୁ ଅନୁକରଣ କରି ଠିକ୍ ସେଇପରି ସିଟି ମାରିପାରିବି ।''

ଫଷ୍ଟର୍ ତା'ଆଡ଼କୁ ବୁଲିପଡ଼ିଲା । ହତଚକିତ ! ତେବେ ଆର୍ଲ ଆସୁ ନାହାନ୍ତି ? ''ଯଦି ଭଗବାନଙ୍କ ବିଚାର ଥାଏ ତମ କଥା ନିଶ୍ଚୟ ପଡ଼ିବ । ଯୋଉ ପ୍ରିୟଙ୍କ ପାଇଁ ଏ ସାତ ହୀନ ଅବସ୍ଥା, ସେଇକଥା ନେଇ ତାଙ୍କୁ ଠକିଦେଲ । ଆଉ ସେଇ ଦୁର୍ବଳତା ତାଙ୍କର କାଳ ହେଲା ! ତମକୁ କେହି କ୍ଷମା ଦେବେନାଇଁ !''

''ତମର ପୁରସ୍କାର ଥୁଆହୋଇଚି ହେ ! ଏବେ ଭାବ, କଥାଟାକୁ କିପରି ନେଇଆଣି ଥୋଇବା । ଶବଟା ସେଇଠି ଥାଉନା !''

ମାତ୍ର ତା' ଦୁଷ୍ଟବୁଦ୍ଧି ଶେଷ ହୋଇଆସୁଥିଲା । ସେମାନେ କଥା ହେଉଥିଲାବେଳେ ପହଞ୍ଚିଗଲେ ରାଲେ ଓ ଟ୍ରେସିଲିଆନ୍ । ସବୁ କଥା ଜଣାପଡ଼ିଗଲା । କିନ୍ତୁ ଆଣ୍ଟୋନୀ ଫଷ୍ଟର୍ କୋଉଠି ଲୁଚିଗଲା ଜଣାପଡ଼ିଲାନି । ବହୁତ ଖୋଜାହେଲା । ଧରାପଡ଼ିଲାନି । ବାର୍ଣି ବନ୍ଦୀ ହେଲା । ତା' ମନରେ ଟିକେ ବି ଖେଦ ନଥିଲା । ନଥିଲା ବିନ୍ଦୁଏ ଅନୁଶୋଚନା । ବରଂ ସେ ହସୁଥିଲା । ସେ ହସ ପ୍ରଶାନ୍ତିର । ବିଜୟର । ସତେ ଯେପରି ତା' ଜୀବନର ସବୁଠୁ ବଡ଼ କାମ ସେ କରିପାରିଚି । କାଉଣ୍ଟେସ୍‌ଙ୍କ ଶବକୁ ଦେଖାଇ ସେ ପାଟିକରୁଥିଲା, ''ସେଇଠି ପଡ଼ିଚି ତାଙ୍କର ଶବ । ଦେଖେ, ଖୁନ୍ ଅପରାଧରେ ମୋତେ କିଏ ଦଣ୍ଡଦେଇପାରିବ ?''

ଟ୍ରେସିଲିଆନ୍ ଏ ଦୃଶ୍ୟ ଦେଖି ସମ୍ଭାଳିପାରିଲେନି । ଏଇ ତାଙ୍କର ପ୍ରାଣର ପ୍ରତିମାଟି ! କ'ଣ ଘଟି ନଯାଇଚି ତା'ରି ଲାଗି ? ସେ ଆଜି ନାଇଁ । ଟ୍ରେସିଲିଆନ୍ ଲୁହ ସମ୍ଭାଳିପାରିଲେନି ।

ରିଚାର୍ଡ ବାର୍ଣିକି ବନ୍ଦୀପରେ ପଚରାଗଲା । ଚକ୍ରାନ୍ତ ଉପରେ ସେ ପଦିଏ ବି

କହିଲାନି । କାହିଁକି ଏ କାଣ୍ଡ କଲା ତା'ର ସୁରାକ୍ ବି ଦେଲାନି । ସେ ଜାଣେ ତା' ଜୀବନର ସବୁ ଆକାଙ୍‌କ୍ଷା ପୂରଣ ହୋଇଚି ।

''ଅପରାଧୀ ପରି ମରିବାକୁ ଚାହେଁନି । ଲୋକେ ମୋତେ ଥଟ୍ଟାକରିବେ... ମଲାବେଳେ । ତା' ସହିବା ଲୋକ ମୁଁ ନୁହେଁ ।'' ବାର୍ଣି କହୁଥିଲା । ବୋଧହୁଏ ଆଲାସ୍କୋ ତିଆରି କରିଥିବା ଭୟଙ୍କର ବିଷ ତା' ପାଖରେ ଥିଲା । ଦିନେ ସକାଳୁ ଦେଖାଗଲା ସେ ମରିପଡ଼ିଚି । ମୁହଁରେ ସେଇ ସୈତାନୀ ହସ ।

ଆଣ୍ଟୋନୀ ଫଷ୍ଟର୍‌ର ଭାଗ୍ୟକଥା ବହୁଦିନ ଧରି ଅଜଣା ରହିଲା । ଚାକରମାନେ କାଉଣ୍ଟେସ୍‌ଙ୍କ କୋଠରି ପାଖେ କୌଣସି ଏକ ଅଜଣା ସ୍ଥାନରୁ ଚିତ୍କାର, ବିକଳ କାନ୍ଦଣା ଶୁଣୁଥିଲେ । ଡରରେ ସେମାନେ ସେ ଜାଗା ଛାଡ଼ିଦେଲେ ।

ଅନେକଦିନ ପରେ... ! ଜେନେଟ୍ ଏ ଭିତରେ ୱେଲାଣ୍ଡକୁ ବାହାହୋଇଗଲା । ୱେଲାଣ୍ଡର ଅଭାବର ନାଁ ନାଇଁ । ରାଣୀଙ୍କ ସେବାରେ ସେ ଦିନ କାଟୁଚି । ସେମାନେ ବି ମରିହଜିଗଲେ। ସେମାନଙ୍କ ବଡ଼ପୁଅ ସବୁ ସମ୍ପଦର ମାଲିକ ହୋଇ ଦୈବାତ୍ ସେ ଆବିଷ୍କାର କଲା ଗୁପ୍ତଦ୍ୱାର । ପଶିଲା ସୁଡ଼ଙ୍ଗରେ । ଗଲା କାଉଣ୍ଟେସ୍‌ଙ୍କ ଶୋଇବା ଘରଯାଏ । ସେଠି ଗୋଟାଏ ଗୁପ୍ତ କୋଠରି । ଭରିରହିଚି ଲୁହାର ସିନ୍ଦୁକ । ସିନ୍ଦୁକଗୁଡ଼ାକ ସୁନାରେ ଭରା । ତା'ରି ଉପରେ ମଣିଷର କଙ୍କାଳଟାଏ !

ଆଣ୍ଟୋନୀ ଫଷ୍ଟର୍ ତେବେ ଇମିତି ମଲା ? ଚାବିଟା ଭୁଲି ଫଷ୍ଟର୍ ଗୁପ୍ତ କୋଠରିରେ ଲୁଚିରହିଲା । ଯୋଉ ଉପାୟରେ ତା' ଗୁପ୍ତ ସମ୍ପଦକୁ ଲୁଚାଇ ରଖିଥିଲା, ସେଇ ହିଁ ତା'ର କାଳ ହେଲା । ଚିତ୍କାର କଲା । ରକ୍ଷା ପାଇବାପାଇଁ ଛାଟିକଲା ।

କାଉଣ୍ଟେସ୍‌ଙ୍କ ମୃତ୍ୟୁଖବରରେ କେନିଲ୍‌ୱର୍ଥର ସବୁ ଆନନ୍ଦ ଉତ୍ସବ ବନ୍ଦହେଲା । ବାର୍ଣି କିନ୍ତୁ ତା' ମାଲିକଙ୍କୁ ଦୋଷୀ କରିବାକୁ କିଛି କହିନଥିଲା । ସୁତରାଂ ସମସ୍ତଙ୍କ ସହାନୁଭୂତି ପାଇଥିଲେ ଆର୍ଲ । ଅବଶ୍ୟ କିଛି ଦିନ ଦୁଃଖରେ ବି କାଟିଲେ । ହେଲେ, ରାଣୀଙ୍କ ପ୍ରିୟପାତ୍ର ହୋଇ ସେ ଭୁଲିଗଲେ ସବୁ ଦୁଃଖ । ଥରେ କାହାକୁ ବିଷ ଦେବାର ଷଡ଼ଯନ୍ତ୍ର କରୁଥିଲେ– ନିଜେ ବିଷ ପିଇଲେ– ମଲେ ।

ଝିଅର ମୃତ୍ୟୁରେ ସାର୍ ହଗ୍ ରୋବସାର୍ଟ ଭାଙ୍ଗିପଡ଼ିଲେ । ସବୁ ସମ୍ପଦ ସେ ଟ୍ରେସିଲିଆନ୍‌ଙ୍କୁ ଦେଇ ଆଖିବୁଜିଲେ । କିନ୍ତୁ ଟ୍ରେସିଲିଆନ୍‌ଙ୍କ ମନରେ ଟିକେ ବି ଶାନ୍ତି ନଥିଲା । ରାଣୀ ତାଙ୍କୁ ବହୁତ ଶ୍ରଦ୍ଧାକରୁଥିଲେ । ତେବେ ମଧ୍ୟ ସେ ଆମୀଙ୍କୁ ତିଳେହେଲେ ଭୁଲିପାରିନଥିଲେ । ହଠାତ୍ ଦିନେ ସବୁ ସମ୍ପଦ ଚାକରମାନଙ୍କ ମଧ୍ୟରେ ବାଣ୍ଟିଦେଇ ସେ ଚାଲିଲେ ଭର୍ଜିନିଆ । ଆଉ ସେଇଠି କିଛି କାଳ ପରେ ରୋଗ-ବୈରାଗ ଭୋଗି ଭୋଗି ଆମୀ ରୋବସାର୍ଟଙ୍କ ସ୍ମୃତିକି ଭଜି ଭଜି ସେ ବୁଜିଦେଲେ ଆଖି । □□□

Digitalization by :-
Deb's Library Corner...
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact-9556804309
e-mail-debaraj.123456789@gmail.com
Telegram link :- https://t.me/debslibrarycorner

ମହାପୁରୁଷଙ୍କ ଜୀବନୀମାଳା

ଶ୍ରୀକୃଷ୍ଣ
ଶ୍ରୀମଦ୍ ଶଙ୍କରାଚାର୍ଯ୍ୟ
ଶ୍ରୀ ରାମକୃଷ୍ଣ ପରମହଂସ
ସ୍ୱାମୀ ବିବେକାନନ୍ଦ
ଶ୍ରୀ ଅରବିନ୍ଦ
ପ୍ରବୁଦ୍ଧଗୁରୁ ମହିମାସ୍ୱାମୀ
ଗୁରୁ ନାନକ
ଶ୍ରୀ ଚୈତନ୍ୟ
ଗୌତମବୁଦ୍ଧ
ମହାଯୋଗୀ ଗୋରଖନାଥ
ଶ୍ରୀ ରାମାନୁଜାଚାର୍ଯ୍ୟ
ସୁର ଦାସ
ସ୍ୱାମୀ ଶିବାନନ୍ଦ
ସ୍ୱାମୀ ଦୟାନନ୍ଦ
ସ୍ୱାମୀ ଚିନ୍ମୟାନନ୍ଦ
ପରମହଂସ ଯୋଗାନନ୍ଦ
ସ୍ୱାମୀ ନିଗମାନନ୍ଦ
ମୀରାବାଈ
ନରସିଂହ ମେହେନ୍ତା
ସନ୍ଥ ଜ୍ଞାନେଶ୍ୱର
ସନ୍ଥ ଏକନାଥ
ସନ୍ଥ ତୁକାରାମ
ସନ୍ଥ କବୀର
ରମଣ ମହର୍ଷି
ସ୍ୱାମୀ ରାମତୀର୍ଥ
ସନ୍ଥ ରାମଦାସ
ସିରିଡ଼ି ସାଇବାବା
ମହାପୁରୁଷ ସ୍ୱାମୀ ଶିବାନନ୍ଦ
ଶ୍ରୀ ଅଭିରାମ ପରମହଂସ
ଭକ୍ତ କବି ଭୀମ ଭୋଇ
ମୋ ଜୀବନକାହାଣୀ(ବାପୁଜୀ)
ଲୋକମାନ୍ୟ ବାଳଗଙ୍ଗାଧର ତିଳକ
ଲାଲା ଲଜପତରାୟ
ମହାନ୍ ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ
ରାମମୋହନ ରାୟ
ଶହିଦ୍ ଭଗତ ସିଂହ
ଶହୀଦ୍ କୁଅଁର ସିଂହ
ପଣ୍ଡିତ ଜବାହରଲାଲ ନେହେରୁ
ଶ୍ରୀମତୀ ଇନ୍ଦିରା ଗାନ୍ଧୀ
ନେତାଜୀ ସୁଭାଷଚନ୍ଦ୍ର
ଏମିତି ଥିଲେ ଆମ ବାପୁଜୀ
କୃଷ୍ଣ ଚରିତ
ଆମ ମଧୁବାବୁ
ଶ୍ରୀ ଜୟଦେବ
ଉପେନ୍ଦ୍ର ଭଞ୍ଜ
ବିଶ୍ୱକବି ରବୀନ୍ଦ୍ରନାଥ
ଉତ୍କଳ ଗୌରବ ମଧୁସୂଦନ
ମହାମାନବ ଗୋପବନ୍ଧୁ
ଜ୍ୟୋତି ର୍ବିଜ୍ଞାନୀ ପଠାଣୀ ସାମନ୍ତ
ନେତାଜୀ ସୁଭାଷ
ମହାମାନା ମଦନମୋହନ ମାଲବ୍ୟ
ଫକୀରମୋହନ ଆତ୍ମଜୀବନ ଚରିତ
ଲାଲ୍‌ବାହାଦୂର ଶାସ୍ତ୍ରୀ
ମହାକବି କାଳିଦାସ
ଦିଗ୍‌ଦର୍ଶକ
ରାଧାକ୍ରିଷ୍ଣନ୍
ଜୀବନ ପଥେ(ରମାଦେବୀ)
ବୁଦ୍ଧ ମହାଚରିତ
ଭକ୍ତ ବାଲିଗାଁ ଦାସ
ଭକ୍ତ ବଳରାମ ଦାସ
ଉତ୍କଳମଣି ଗୋପବନ୍ଧୁ
ଦେଶପ୍ରାଣ ମଧୁସୂଦନ
ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ
ମୋ ସ୍ଥାନ (ପଣ୍ଡିତ ଗୋଦାବରୀଶ ମିଶ୍ର)
ସନ୍ଥ କବୀର ଦାସ

ଗ୍ରନ୍ଥ ମନ୍ଦିର
(ପ୍ରତିଷ୍ଠାତା : ସ୍ୱର୍ଗତ ଶ୍ରୀଧର ମହାପାତ୍ର)
ପ୍ରତିଷ୍ଠା ବର୍ଷ: ୧୯୫୪
ପୁସ୍ତକ ପ୍ରକାଶକ, ବିତରକ ଓ ମୁଦ୍ରକ-ମୁଦ୍ରକ
ବିନୋଦବିହାରୀ(ବାଲୁବଜାର)କଟକ-୭୫୩୦୦୨
ଫୋନ୍ :(ଅଫିସ୍)୨୩୦୮୨୩୪,୯୪୩୭୦୨୫୧୪୮
(ନିବାସ) ୨୨୦୪୪୯୬,୨୨୦୩୯୨୩,୨୨୦୪୧୪୮
granthmandir@indiatimes.com /manojctc@hotmail.com

ପ୍ରକାଶକ/ପ୍ରାପ୍ତିସ୍ଥାନ - ଗ୍ରନ୍ଥମନ୍ଦିର, କଟକ-୨



ପ୍ରକାଶକ ଓ ପ୍ରାପ୍ତିସ୍ଥାନ

କିଶୋର ସାହିତ୍ୟ ମନ୍ଦିର

୨୦୧, ଶ୍ରୀନିବାସ, ସୂତାହାଟ, କଟକ-୧
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨
ଯୋଗାଯୋଗ : (୦୬୭୧) ୨୩୦୮୨୩୪ / ୯୪୩୭୦୨୫୧୪୮

Digitalization by :-
Deb's Library Corner...